CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 45, Issue No. 93
- Thursday,3 July 2025
- ଗୁରୁବାର, ୩ ଜୁଲାଇ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ବାହାରେ ମୁହଁ ଖୋଲିଲେନି ଜଗନ୍ନାଥ

ଭୁବନେଶ୍ୱର,୨ ।୭: ବିଏମସି ଅତିରିକ୍ତ କମିଶନ ରତ୍ନାକର ସାହୁଙ୍କୁ ମାଡ଼ ମାରିବା ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ହେବେ କି ନାହିଁ ? ତାଙ୍କ ପ୍ରତି ପାର୍ଟି କଣ ଆଭିମୁଖ୍ୟ ଗ୍ରହଣ କରିବ ? ନା ସେ ଦଳରୁ ଇସ୍ତଫା ଦେବା ପରେ ପୋଲିସ ନିକଟରେ ଆତ୍ମ ସମର୍ପଣ କରିବେ ? ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ଶ୍ରୀ ପ୍ରଧାନ ବୁଧବାର ବିଜେପି ରାଜ୍ୟ ମୁଖ୍ୟାଳୟରେ ପହଞ୍ଚି ପାର୍ଟିର ଶୃଙ୍ଖଳା କମିଟି ଆଗରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଏହା ପରେ ଜଗନ୍ନାଥ ପ୍ରଧାନ ପାର୍ଟି କାର୍ଯ୍ୟାଳୟରୁ ବାହାରି ନିଜ ଘରକୁ ଯାଇଛନ୍ତି। ଦଳୀୟ କାର୍ଯ୍ୟାଳୟରୁ ବାହାରିବା ପରେ ଜଗନ୍ନାଥ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ମୋତେ ଦଳୀୟ ସଭାପତି ଡାକିଥିଲେ। ମୁଁ ପାର୍ଟି କାର୍ଯ୍ୟାଳୟରେ ପହଞ୍ଚି ସଭାପତିଙ୍କ ସହ ଆଲୋଚନା କଲି। ଏହା ପରେ ମୁଁ ଘରକୁ ଯାଉଛି। ଦଳୀୟ କାର୍ଯ୍ୟାଳୟରେ ଶୃଙ୍ଖଳାଗତ କମିଟିରେ ହାଜର ହେବା ସମୟରେ ଦଳୀୟ






■ 'ସଭାପତି ମୋତେ ଡାକିଥିଲେ, ଆଲୋଚନା କଲି, ଏବେ ଘରକୁ ଯାଉଛି'
■ ଯାହା ନିଷ୍ପତ୍ତି ନେବେ ରାଜ୍ୟ ସରକାର: ମନମୋହନ

ସଭାପତି ମନମୋହନ ସାମଲଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ଘଟଣା କେଉଁ ମୋଡ଼ ନେବ ତାହା ସ୍ପଷ୍ଟ ଜଣା ପଡୁନାହିଁ। ଜଗନ୍ନାଥ ପ୍ରଧାନ ଯେଉଁ ସମୟରେ ପାର୍ଟି କାର୍ଯ୍ୟାଳୟ ପହଞ୍ଚିଲେ, ଏହା ପରେ ଖାରବେଳନଗର ପୋଲିସ ଓ ଏସିପି ପାର୍ଟି କାର୍ଯ୍ୟାଳୟ ପହଞ୍ଚିଥିବା ଖବର ଆସିଥିଲା। ତେଣୁ ତାଙ୍କର ଗିରଫଦାରି ଆଶଙ୍କା ବଢିଥିଲା। ତେବେ ଶ୍ରୀ ପ୍ରଧାନ ଦଳୀୟ ନେତୃତ୍ୱଙ୍କ ସହିତ କ'ଣ କଥା ହେଲେ ସେନେଇ ମୁହଁ ଖୋଲି ନାହାନ୍ତି। ସେହିପରି ଦଳ ପକ୍ଷରୁ ଜଗନ୍ନାଥ ପ୍ରଧାନ ସହିତ କ'ଣ ଆଲୋଚନା ହେଲା, ସେନେଇ ଜଣାପଡ଼ି ନାହିଁ।କିଛି ସମୟ ପୂର୍ବରୁ ଜଗନ୍ନାଥ ପ୍ରଧାନ ଏକ୍ସରେ ପୋଷ୍ଟ କରି ଆଇନକୁ ସବୁ ପ୍ରକାରର ସହଯୋଗ କରିବି ବୋଲି କହିଥିଲେ। ସେ ଲେଖିଥିଲେ ରାଜ୍ୟରେ ଦୁଇ ଦିନ ହେବ ବିଏମସି ଘଟଣାରେ ବିରୋଧୀ ଦଳ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି। ମୁଁ ଆଗରୁ କହିଛି, ଏବେ ବି କହୁଛି ଏହି ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ। ଏହାକୁ ମୁଁ କଡ଼ା ଶବ୍ଦରେ ନିନ୍ଦା କରୁଛି। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସଂପୂର୍ଣ୍ଣ ସହଯୋଗ କରିବି। ଜଗା ପ୍ରଧାନଙ୍କ ସହ ଯାହା ଆଲୋଚନା ହୋଇଛି ତାହା ଦଳର ଆଭ୍ୟନ୍ତରୀଣ ବ୍ୟାପାର। ତାହା ମିଡିଆକୁ କୁହାଯାଇପାରିବ ନାହିଁ। ଯଦି କିଛି ନିଷ୍ପତ୍ତି ହୁଏ ଦଳୀୟ ମୁଖପାତ୍ର ମିଡିଆକୁ ଡାକି କହିବେ। ଯାହା ନିଷ୍ପତ୍ତି ନେବେ ରାଜ୍ୟ ସରକାର । ଶ୍ରୀ ପ୍ରଧାନଙ୍କ ସହ ଆଲୋଚନା ପରେ ବରିଷ୍ଠ ନେତା ତଥା ଦଳୀୟ ସଭାପତି ମନମୋହନ ସାମଲ କହିଛନ୍ତି।

# କୋଭିଡ ଟିକା ହୃଦ୍‌ଘାତର କାରଣ ନୁହେଁ: ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

## ହୃଦ୍‌ଘାତ ମୃତ୍ୟୁର ପ୍ରକୃତ କାରଣ ଖୋଜାଚାଲିଛି

ନୂଆଦିଲ୍ଲୀ, ୨ ।୭: କୋଭିଡ ଟିକା ହୃଦ୍‌ଘାତର କାରଣ ନୁହେଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ୪୦ ଦିନରେ ୨୨ ଜଣଙ୍କ ହୃଦ୍‌ଘାତରେ ଜୀବନ ଯାଇଥିଲା ଓ ଏହା କୋଭିଡ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଅଭିଯୋଗ ଉଠାଇଥିଲେ। କିନ୍ତୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଆଇସିଏମଆର ଓ ଏନସିଡିସର ବିଭିନ୍ନ ଅଧ୍ୟୟନରୁ ଜଣାପଡିଛି କୋଭିଡ-୧୯ ଲାଗି ଉଦ୍ଦିଷ୍ଟ ଟିକାଗୁଡ଼ିକ ନିରାପଦ ତଥା ଫଳପ୍ରଦ। ଏହାର ଗୁରୁତର




ପ୍ରତିକୂଳ ପ୍ରଭାବ ପଡ଼ିବା ଘଟଣା ଖୁବ କ୍ୱଚିତ। ଯୁବଗୋଷ୍ଠୀରେ ଦେଖାଯାଉଥିବା ହୃଦ୍‌ଘାତ ସମେତ ଅପ୍ରତ୍ୟାଶିତ ମୃତ୍ୟୁଗୁଡ଼ିକ ସହ କୋଭିଡ-୧୯ ଟିକାର କୌଣସି ସଂଯୋଗ ନଥିବା ବିଷୟ ଭାରତର ଉଚ୍ଚତମ ମେଡିକାଲ ରିସର୍ଚ୍ଚ ସଂସ୍ଥାନଗୁଡ଼ିକର ବ୍ୟାପକ ଗବେଷଣାରୁ ଜଣାପଡ଼ିଛି। ଦେଶରେ ୧୮ ରୁ ୪୫ ବର୍ଷୀୟ ଯୁବପିଢ଼ି ହୃଦଘାତର ଶିକାର ହେଉଥିବା ଦେଖିବାକୁ ମିଳୁଛି । ଆଇସିଏମଆର ଓ ଏମ୍ସ ଗବେଷଣାରୁ ଜଣାପଡିଛି ଯେ ଜୀବନଶୈଳୀ ଏବଂ ପୂର୍ବ ସମସ୍ୟା ଯୋଗୁ ହୃଦ୍‌ଘାତରେ ଜୀବନ ଯାଉଛି । ୧୯ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୩ ମେ'ରୁ ଅଗଷ୍ଟ ମଧ୍ୟରେ କରାଯାଉଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି । ଏହି ଅଧ୍ୟୟନରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ସୁସ୍ଥ ଦେଖାଯାଉଥିବା ଲୋକଙ୍କ ମଧ୍ୟରେ ହଠାତ୍ ମୃତ୍ୟୁକୁ ନେଇ ଗବେଷଣା କରାଯାଇଥିଲା। ତେବେ କାହିଁକି ଏଭଳି ହୃଦ୍‌ଘାତରେ ଜୀବନ ଯାଉଛି ତା'ର ପ୍ରକୃତ କାରଣ ଖୋଜିବାକୁ ଆଇସିଏମଆର ଏବଂ ଏମ୍ସ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।

# ଆଉ ୫ ଲକ୍ଷ ଜମାକାରୀଙ୍କୁ ଚିଟ୍‌ଫଣ୍ଡ ଟଙ୍କା

- ◆ ଆସନ୍ତା ୩ରୁ ୪ ମାସ ମଧ୍ୟରେ ଫେରସ୍ତ ନିର୍ଦ୍ଦେଶ
- ◆ ବର୍ଷକରେ ୧,୨୬,୧୩୭ କ୍ଷତିଗ୍ରସ୍ତ ଜମାକାରୀ ପାଇଛନ୍ତି ୪୭.୦୭ କୋଟି

ଭୁବନେଶ୍ୱର,୨ ।୭(ନିପ୍ର): ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲ୍ଲା ସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି। ଏତଦ୍‌ଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩-୪ ମାସ ମଧ୍ୟରେ, ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା, ଦୀର୍ଘ ୧୦ ବର୍ଷ, ମଧ୍ୟରେ କେବଳ ୨,୭୯,୧୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା।

---

## ଆରମ୍ଭ ହେଲା ବାହୁଡ଼ା ପ୍ରସ୍ତୁତି

# ଦକ୍ଷିଣମୋଡ଼ ହେଲା ରଥ



ପୁରୀ,୨ ।୭(ନିପ୍ର): ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଲୀଳାଖେଳା ସରି ସରି ଆସୁଛି। ବାହୁଡା ଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପ୍ରଥା ଓ ପରମ୍ପରା ଅନୁଯାୟୀ ହେରାପଞ୍ଚମୀ ପରଦିନ ତିନି ରଥର ଦକ୍ଷିଣମୋଡ କରାଯାଇଛି। ସେପଟେ ଚଳିତବର୍ଷ ଗୁଣ୍ଡିଚା ମନ୍ଦିରରେ ନବମୀ ସଂଧ୍ୟା ଦର୍ଶନ ନେଇ ମଧ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେହିପରି ବାହୁଡ଼ା ଯାତ୍ରା ଓ ସୁନାବେଶରେ ପ୍ରବଳ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସେନେଇ ପୁରୀ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି। ଆସନ୍ତା ୫ ତାରିଖରେ ବାହୁଡାଯାତ୍ରା।ଏଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ନବଦିନାତ୍ମକ ଘୋଷଯାତ୍ରାରେ ଆସିଥିବା ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିରରେ ସମସ୍ତ ନୀତିକାନ୍ତି ସରି ସକାଳ ଧୂପ ସରିବା ପରେ ଘଣ୍ଟ, କାହାଳୀ, ଛତ୍ରି ସହ ପଟୁଆରରେ ତିନି ବାଡ଼ରୁ ତିନି ଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ତିନିରଥ ନିକଟକୁ ଆସିବା ପରେ ଆରମ୍ଭ ହୋଇଥିଲା ରଥଟଣା। ସେପଟେ ୫ ତାରିଖ ବାହୁଡ଼ା ଯାତ୍ରା ପାଇଁ ଶୀଘ୍ର ସମସ୍ତ ନୀତିକାନ୍ତି କରାଯିବ। ବାହୁଡ଼ା ଯାତ୍ରା ପରଦିନ ସୁନାବେଶ ଅନୁଷ୍ଠିତ ହେବାକୁ ଥିବାରୁ ଠାକୁରଙ୍କ ସଅଳ ନୀତିକାନ୍ତି କିଭଳି କରାଯିବ ସେନେଇ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସେବାୟତଙ୍କ ସହ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସନ୍ଧ୍ୟା ସୁଦ୍ଧା ତାଳଧ୍ୱଜ ଓ ଦର୍ପଦଳନ ରଥ ନାକଚଣା ଦୁଆରେ ଲାଗି ଥିବା ବେଳେ ନନ୍ଦିଘୋଷ ରଥ ଗୁରୁବାର ସକାଳୁ ଟଣା ଯିବ।

---

## ରେଳଧାରଣା ଉପରକୁ ଧସିଲା ମାଟି, ୨ ଟ୍ରେନ୍ ବାତିଲ

କୋରାପୁଟ,୨ ।୭: ଲଗାତର ପ୍ରବଳ ବର୍ଷା ଯୋଗୁଁ ମାଟି ଅତଡ଼ା ଧସି ୱାଲଟିୟର ଡିଭିଜନର କୋରାପୁଟ-କିରାଣ୍ଡୁଲ ଲାଇନରେ ଟ୍ରେନ ସେବା ବାଧାପ୍ରାପ୍ତ ହୋଇଛି। କୋରାପୁଟ ଜିଲାର ମାଲିଗୁଡ଼ା-ଜରଟି ଷ୍ଟେସନ ମଝିରେ ରେଳଟ୍ରାକ୍ ଉପରକୁ ମାଟି ଅତଡ଼ା ଧସିଯାଇଛି। ଟ୍ରେନ ଆସିବାର କିଛି ସମୟ ପୂର୍ବରୁ ପାହାଡ଼ ଧସି ରେଳଲାଇନରେ ଅବରୋଧ ହୋଇଛି। ଫଳରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି।ରେଳବାଇ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଏହି କାରଣରୁ ୨ଟି ଟ୍ରେନ୍ ବାତିଲ କରାଯାଇଛି। ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ବୁଧବାର ପାଇଁ ଜଗଦଲପୁରରୁ ବାତିଲ କରାଯାଇଛି। ସେହିପରି ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ରାତ୍ରୀକାଳୀନ ଏକ୍ସପ୍ରେସ୍ ବୁଧବାର ପାଇଁ କିରଣ୍ଡୁଲରୁ ବାତିଲ କରାଯାଇଛି। ମାଟି ସଫା କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ଯଥା ଶୀଘ୍ର ରେଳଲାଇନ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଥିବା ରେଳବାଇ ପକ୍ଷରୁ କୁହାଯାଇଛି।

# ଜରୁରୀ ବୈଠକ ଡାକିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨ ।୭: ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ବୁଧବାର ମଧ୍ୟ କଲମ ଛାଡ ଆନ୍ଦୋଳନରେ ବିଏମସି ଅଧିକାରୀ ଓ କର୍ମଚାରୀ । ଖାଁ ଖାଁ ବିଏମସି ଅଫିସ । ସମୂହ ଛୁଟିରେ ଅଛନ୍ତି ଅଧିକାରୀ । କର୍ମଚାରୀମାନେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିଛନ୍ତି । ଯେ ପର୍ଯ୍ୟନ୍ତ ଏଡିସିଙ୍କୁ ମାଡ ମାରିଥିବା ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇନାହାନ୍ତି ଓ ସେମାନେ ସୁରକ୍ଷିତ ବାତାବରଣରେ କାର୍ଯ୍ୟ କରିବାର ଅନୁଭବ କରିନାହାନ୍ତି ସେ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ବିଏମସି କମିଶନର ଓ ଅତିରିକ୍ତ କମିଶନରଙ୍କ ସହ ଆଲୋଚନା କରୁଛନ୍ତି ପୋଲିସ କମିଶନର ଦେବଦତ୍ତ ସିଂ । ସେପଟେ ଓଏଏସ୍‌ଙ୍କ ସମୂହ ଛୁଟି ଡାକରା ପରେ ଅକଳରେ ସରକାର । ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବିଭିନ୍ନ ମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ । ୨୯ ଜିଲ୍ଲାରେ ସାମୂହିକ ଛୁଟିରେ ଅଧିକାରୀମାନେ ଥିବା ଜଣାପଡ଼ିଛି । କେବଳ ପୁରୀରେ କୌଣସି ନିଷ୍ପତି ନିଆଯାଇ ନାହିଁ। ଭୁବନେଶ୍ୱର ମହାନଗର ନିଗମରେ ୨ ଦିନ ହେଲା କାର୍ଯ୍ୟବନ୍ଦ ରହିଛି। କେବଳ ସ୍ୱଚ୍ଛତା କାମ କରାଯାଉଥିବା ସୂଚନା ଦେଇଛନ୍ତି ମେୟର।

## ଜରୁରୀକାମରେ ଯୋଗଦେବେ ଓଆରଏସ୍ କର୍ମଚାରୀ

ଭୁବନେଶ୍ୱର, ୨ ।୭(ନିପ୍ର) ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇ ଥିବା ଓଏଏସ୍ ସଂଘ ଆନ୍ଦୋଳନକୁ ଜାରି ରଖିଛି। ଅନ୍ୟପକ୍ଷରେ ଓଆରଏସ୍ ସଂଘ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅନୁରୋଧ ରକ୍ଷାକରି ଜରୁରୀକାମରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛି। ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧ ଅନୁସାରେ ରଥଯାତ୍ରା ଓ ବନ୍ୟା ଡ୍ୟୁଟି କରିବାକୁ ଓଆରଏସ୍ କର୍ମଚାରୀ ରାଜି ହୋଇଛନ୍ତି। କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ। ରାଜସ୍ୱ ଅଧିକାରୀ ସଂଘ ସଭାପତି କନିଷ୍କ ବୋଧିସ୍ୱତ୍ୱ କହିଛନ୍ତି ମନ୍ତ୍ରୀଙ୍କ ଅନୁରୋଧକୁ ରକ୍ଷାକରି ରଥଯାତ୍ରା ଓ ବନ୍ୟା ଅଞ୍ଚଳରେ ଅଫିସର କାର୍ଯ୍ୟରେ ଯୋଗଦେବେ। କିନ୍ତୁ ଓଏଏସ୍ ସଂଘର ଦାବିକୁ ଓଆରଏସ୍ ସଂଘ ସମର୍ଥନ କରୁଛି । ଓଆରଏସ୍ ସଂଘ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଏକ ବୈଠକରେ ଆଲୋଚନା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧ ଉପସ୍ଥିତ ଥିଲେ। ସମୂହ ଛୁଟିରେ ଥିବା ଓଆରଏସ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବୁଝାଇଥିଲେ।

## ପୁରୀ ଦଳାଚକଟା ଘଟଣା

# ତଦନ୍ତ ପାଇଁ ସ୍ୱତନ୍ତ୍ର କମିଟି ଗଠିତ

ଭୁବନେଶ୍ୱର,୨ ।୭: ପୁରୀ ଶରଧାବାଲି ଦଳାଚକଟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ଉନ୍ନୟନ କମିଶନରଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ୪ ଜଣ ଓଏଏସ୍ ଅଧିକାରୀଙ୍କୁ ସାମିଲ କରାଯାଇଛି।ନିର୍ଦ୍ଦେଶନାମା ଅନୁଯାୟୀ, ଏହି ୪ ଜଣିଆ ତଦନ୍ତ କମିଟିରେ ଓଏଏସ୍ ଅଧିକାରୀ ମାନସ ରଂଜନ ସାମଲ, ବିନୟ କୁମାର ଦାଶ, ରଶ୍ମୀ ରଂଜନ ନାୟକ ଓ ପ୍ରଦୀପ କୁମାର ସାହୁଙ୍କୁ ସାମିଲ କରାଯାଇଛି। ଏହି ଅଧିକାରୀ ମାନେ ପ୍ରତିଦିନ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅପରାହ୍ନ ୩ଟାରୁ ୫ଟା ଯାଏଁ ତଦନ୍ତରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ସାହାଯ୍ୟ କରିବେ।ଇତିମଧ୍ୟରେ ଓଏଚଆରସି ଅଘଟଣ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟମାନଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି।

# ତେଲେଙ୍ଗାନା ବିସ୍ଫୋରଣ ଘଟଣା: ୪ ଓଡ଼ିଆ ମୃତ,୫ ନିଖୋଜ

ଭୁବନେଶ୍ୱର,୨ ।୭: ତେଲଙ୍ଗାନାର ସିଗାଚି ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଫାର୍ମା ଫ୍ୟାକ୍ଟ୍ରି ବିସ୍ଫୋରଣ ଘଟଣାରେ ସମୁଦାୟ ୪୦ ମୃତକଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ଥିବା ଜଣାପଡ଼ିଛି। ଏପରିକି ୩୩ରୁ ଅଧିକ ଆହତଙ୍କ ମଧ୍ୟରେ ୪ ଓଡ଼ିଆ ଅଛନ୍ତି। ୪ ଓଡ଼ିଆ ମୃତକ ହେଲେ, କଟକ ତିଗିରିଆର ଲଗ୍ନଜିତ ଦୁଆରି, ବାଲେଶ୍ୱରର ମନୋଜ ରାଉତ, ଯାଜପୁରର ଦୋଳଗୋବିନ୍ଦ ସାହୁ ଏବଂ ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନମୋହନ। ବିସ୍ଫୋରଣ ଘଟଣାରେ ଆଉ ୫ ଓଡ଼ିଆ ନିଖୋଜ ଥିବା ସ୍ପଷ୍ଟ କରିଛନ୍ତି ଜଣେ ଅଧିକାରୀ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ୨ ଅଧିକାରୀ ଡକ୍ଟର ଚନ୍ଦ୍ର ଶେଖର ହୋତା ଏବଂ ପ୍ରାତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନକୁ ସହଯୋଗ କରିଥିବା ପ୍ରକାଶ। ମୃତ ଓଡ଼ିଆ ବ୍ୟକ୍ତିମାନଙ୍କର ମର ଶରୀରକୁ ଓଡ଼ିଶାକୁ ଫେରାଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ବାଲେଶ୍ୱର ବନ୍ୟାରେ ୫୩ ପଞ୍ଚାୟତ ପ୍ରଭାବିତ

■ ପାଣି କମିଲେ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ■ ବନ୍ୟାଜଳରେ ଗଲାଣି ୨ ଜୀବନ

ବାଲେଶ୍ୱର/ଭୁବନେଶ୍ୱର,୨ ।୭: ସୁବର୍ଣ୍ଣରେଖା ଓ ଜଳକାରେ ଜଳସ୍ତର ବୃଦ୍ଧି କାରଣରୁ ଉତ୍ତର ବାଲେଶ୍ୱରରେ ବନ୍ୟା ପରିସ୍ଥିତି ଉପୁଜିଛି। ଚାରିଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ୟା ପାଣି



ପଶିଛି।ବନ୍ୟାପାଣିରେ ଭାସିଯାଇ ଜଣେ ୫୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବସ୍ତା ବ୍ଲକ ବାସି ଚକୁରାଇ ପଞ୍ଚାୟତରେ ଜଳକା ନଦୀରେ ଗତକାଲି ବନ୍ୟା ପାଣିରେ ଭାସି ଯାଇଥିବା କାଳନ୍ଦା ଗ୍ରାମର ଶତ୍ରୁଘ୍ନ ବିନ୍ଧାଣିଙ୍କ ମୃତଦେହକୁ ଓଡ୍ରାଫ ଟିମ୍ ବୁଧବାର ଉଦ୍ଧାର କରିଛି। ହାଟ ସାରି ଫେରିବା ସମୟରେ ସେ ବନ୍ୟା ପାଣିରେ ଭାସି ଯାଇଥିଲେ।ସେହିପରି ଅନ୍ୟଜଣେ ବୃଦ୍ଧଙ୍କର ନଦୀ ଜଳରେ ଭାସିଯାଇ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସପ୍ତାହକର ବ୍ୟବଧାନରେ ଦୁଇଥର ବନ୍ୟାକୁ ସାମ୍ନା କରିଥିବା ଉତ୍ତର ବାଲେଶ୍ୱରବାସୀ ଏବେ ଦୁର୍ଦ୍ଦିନରେ ଥିବା ଦେଖିବାକୁ ମିଳିଛି। ବନ୍ୟାରେ ଜିଲ୍ଲାର ୫୩ଟି ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ୩୬୫୬ ଜଣଙ୍କୁ ପ୍ରଶାସନ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡିଥିଲା। ବନ୍ୟା ଜଳରେ ଭାସି ଯାଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ସମବେଦନା ଜଣାଇବା ସହ ଚାଷୀମାନଙ୍କ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବା ପାଇଁ ବସ୍ତା ବିଧାୟିକା ଦାବି କରିଛନ୍ତି। ସୁବର୍ଣ୍ଣରେଖାରେ ଦୁଇଥର ବନ୍ୟା ହେଲାଣି, ବାଲିଆପାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ପାଣି ପଶିଛି। ବିଭିନ୍ନ ଅସୁବିଧା ଭିତରେ ଲୋକମାନେ ଗତି କରୁଛନ୍ତି। ଚାଷୀମାନେ ମଧ ବହୁତ ଅସୁବିଧାରେ ପଡ଼ିଛନ୍ତି। ବସ୍ତା ଓ ବାଲିଆପାଳ ଅଞ୍ଚଳ ଚାଷ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଅଞ୍ଚଳର ୮୫ ରୁ ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି।ଗତ ୨୪ ଘଣ୍ଟାରେ ବର୍ଷା କମିଛି। ତେଣୁ ବିଭିନ୍ନ ନଦୀର ଜଳସ୍ତର କମିବାରେ ଲାଗିଛି । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ ଓ ଇବ ନଦୀର ଜଳସ୍ତର ବିପଦ ସଙ୍କେତ ତଳକୁ ଖସିଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ଘଣ୍ଟା ରାଜ୍ୟ ଲାଗି ଗୁରୁତ୍ୱପୂର୍ଣ୍ଣ। ଯଦି ବର୍ଷା ନହୁଏ ତେବେ ଜଳସ୍ତର ସତର୍କ ସଂକେତ ତଳକୁ ଆସିଯିବ। ଜଳ କମିଲେ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

## ବନ୍ୟା ପରିସ୍ଥିତି ସମୀକ୍ଷା କରିବେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨ ।୭(ନିପ୍ର):ଗୁରୁବାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବନ୍ୟା ପରିସ୍ଥିତି ସମୀକ୍ଷା କରିବେ ନିମନ୍ତେ ଏକ ଦିବସୀୟ ବାଲେଶ୍ୱର ଗସ୍ତ କରିବେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବାଲେଶ୍ୱର ଜିଲ୍ଲାସ୍ଥିତ ଭୋଗରାଇ ଓ ବାଲିଆପାଳ ସହିତ ଆଖପାଖ ବନ୍ୟା ପ୍ରଭାବିତ ଅଂଚଳର ବନ୍ୟାସ୍ଥିତି ସମୀକ୍ଷା କରିବେ । ପ୍ରଶାସନିକ ପ୍ରସ୍ତୁତି ସମ୍ବନ୍ଧରେ ମଧ ଆଲୋଚନା କରିବେ। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆକାଶ ମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ସ୍ଥିତି ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ ମଧ କରିବେ।

---

## ପ୍ରଭାବିତ ଅଞ୍ଚଳରେ ୧୧ ଓଡ୍ରାଫ୍ ଟିମ୍

# ୧୮ ବ୍ଲକରୁ ୮୧୯୧ ଜଣ ଉଦ୍ଧାର

ଭୁବନେଶ୍ୱର,୨ ।୭(ନିପ୍ର): ଉତ୍ତର ଓଡିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଏବଂ ଜଳକା ଭଳି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପରେ ବନ୍ୟା ପରିସ୍ଥିତି ଦେଖା ଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ ବନ୍ୟା ପ୍ରଭାବିତ ଉଭୟ ଜିଲ୍ଲାରେ ବ୍ୟାପକ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିରନ୍ତର ନିୟୋଜିତ ହୋଇଛି। ମୟୂରଭଞ୍ଜରେ ୦୬ଟି ଓଡ୍ରାଫ ଦଳ ଏବଂ ବାଲେଶ୍ୱରରେ ୫ଟି ଓଡ୍ରାଫ ଦଳ ମୁତୟନ କରାଯାଇଛି। ଓଡ୍ରାଫ ଟିମ ଲୋକଙ୍କ ଧନ ଜୀବନ ସୁରକ୍ଷିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଜଳମଗ୍ନ ଅଂଚଳରୁ ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଲୋକଙ୍କୁ ଥଇଥାନ କରିବାରେ ମୁଖ୍ୟ ଦାୟିତ୍ୱ ତୁଲାଉଛି। ଉଭୟ ଜିଲ୍ଲାର ୧୮ଟି ବ୍ଲକରୁ ଅଦ୍ୟାବଧି ୮୧୯୧ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇଥିଲା।

CMYK



# ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ

ଜୁହାର, ପ୍ରଣାମ, ଦଣ୍ଡବତ, ନମସ୍କାର ଯଦିଓ ଗୋଟିଏ କଥା କିନ୍ତୁ ଭିନ୍ନ ଭିନ୍ନ ଅର୍ଥ ନିଶ୍ଚୟ । ଯେମିତି ଦିଅଁକୁ ସେମିତି ପୂଜା ପରି ସମସ୍ତ ଦେବାଦେବୀଙ୍କ ନିକଟରେ ପ୍ରଣାମ ଜୁହାର ଭିନ୍ନ ଭିନ୍ନ । ଜଗନ୍ନାଥଙ୍କ ନିକଟରେ ସବୁ ବେଳେ ଦୁଇ ହାତ ଖୋଲି ଜୟ ଜଗନ୍ନାଥ କହି ପ୍ରଣାମ ଜଣାଇବା ବାଞ୍ଛନୀୟ । ବହୁ ଶ୍ରଦ୍ଧାଳୁ ଏପରି ମତ ବ୍ୟକ୍ତ କରନ୍ତି ।



ଦେବୀଙ୍କ ନିକଟରେ ମୁଣ୍ଡ ପୋତି ଦୁଇ ହାତ ଯୋଡ଼ି ପ୍ରଣତି ଜଣାଇବା ଉଚିତ । ଆବଶ୍ୟକ ସ୍ଥଳେ ଚକାମାଡି ବସି ପାରିବା । ଶିବଙ୍କ ନିକଟରେ ହାତ ଯୋଡ଼ି ,ଆଣ୍ଠୁ ମାଡ଼ି ଗୋଡ ଛନ୍ଦି ନତ ମସ୍ତକ ହୋଇ ଭକ୍ତି ଜଣାଇବା ଉଚିତ । ଏହାର ଅର୍ଥ - ହେ ପ୍ରଭୁ ସମସ୍ତ ଶରୀର ତୁମ ଅଧୀନରେ । ତୁମେ ହିଁ ଏ ପିଣ୍ଡ ର ପ୍ରାଣ । ତୁମେ ଚାହିଁଲେ ଯମ ଦଣ୍ଡରୁ ମୁକ୍ତି ମିଳିବ । ଆସାଧ ରୋଗରୁ ମୁକ୍ତି ମିଳିବ । ଠିଆ ଠିଆ ନମସ୍କାର କୌଣସି ଦେବାଦେବୀଙ୍କ ନିକଟରେ କରିବା ଠିକ୍ ନୁହଁ । ଯାନବାହନରେ ମନ୍ଦିର ଅତିକ୍ରମ କରିବା ବେଳେ ମୁଣ୍ଡ ନୁଆଇ ପ୍ରଣାମ ଜଣାଇବା ଉଚିତ । ନମସ୍କାର ,ଗୁରୁଜନ ବା ମାନବ କ୍ଷେତ୍ରରେ ପ୍ରଯୁଜ୍ୟ । ଦୁଇ ହାତ ଟେକି ହେଉ ବା ଗୋଟିଏ ହାତ । କିନ୍ତୁ ମଣିଷକୁ ମଣିଷ ଦେଖିଲେ ନମସ୍କାର ହିଁ କରିବା ଉଚିତ । କୁରୁସଭା ତଳେ ଦ୍ରୌପଦୀ ଭଗବାନଙ୍କ ନିକଟରେ ହାତ ଟେକି ସମର୍ପିତ ହୋଇଥିଲେ । କୃଷ୍ଣ ହିଁ ଜଗନ୍ନାଥ । ଜଗନ୍ନାଥ ହାତ ଖୋଲି ଭକ୍ତଙ୍କୁ କୋଳେଇ ନେବାକୁ ଚାହାନ୍ତି । ତେଣୁ ଭକ୍ତ ହାତ ଖୋଲି ସମ୍ପୂର୍ଣ୍ଣ ସମର୍ପିତହେବା ଲୋଡ଼ା । -

ଜଗନ୍ନାଥ ବେହେରା

ମୋ -୯୪୩୭୭୮୫୧୫୮

**ଜୁହାର, ପ୍ରଣାମ, ଦଣ୍ଡବତ, ନମସ୍କାର ଯଦିଓ ଗୋଟିଏ କଥା କିନ୍ତୁ ଭିନ୍ନ ଭିନ୍ନ ଅର୍ଥ ନିଶ୍ଚୟ । ଯେମିତି ଦିଅଁକୁ ସେମିତି ପୂଜା ପରି ସମସ୍ତ ଦେବାଦେବୀଙ୍କ ନିକଟରେ ପ୍ରଣାମ, ଜୁହାର ଭିନ୍ନ ଭିନ୍ନ । ଜଗନ୍ନାଥଙ୍କ ନିକଟରେ ସବୁ ବେଳେ ଦୁଇ ହାତ ଖୋଲି ଜୟ ଜଗନ୍ନାଥ କହି ପ୍ରଣାମ ଜଣାଇବା ବାଞ୍ଛନୀୟ । ବହୁ ଶ୍ରଦ୍ଧାଳୁ ଏପରି ମତ ବ୍ୟକ୍ତ କରନ୍ତି ।**



# ଦକ୍ଷିଣ ମୋଡ଼ ହୁଏ ନାହିଁ ବିଶ୍ୱର ସର୍ବବୃହତ୍ କେନ୍ଦୁଝର ରଥ

## କେବଳ ଆସ୍ଥାନର ହୁଏ ପଟ ପରିବର୍ତ୍ତନ



ଚଳଚଞ୍ଚଳ ହୋଇ ଉଠିଛି କେନ୍ଦୁଝରର ବଡଦାଣ୍ଡ । ଆଉ ଦୁଇ ଦିନ ପରେ ବାହୁଡ଼ା ଯାତ୍ରା । ଯାତ୍ରା ପୂର୍ବରୁ ସବୁ ଯାଗାରେ ରଥକୁ ଦକ୍ଷିଣ ମୋଡ କରାଯାଇଥାଏ । ହେଲେ କେନ୍ଦୁଝରରେ ଏହି ବିଶାଳ ବିଶ୍ୱ ପ୍ରଶିଦ୍ଧ ବୃହତ୍ତମ ରଥର ଦକ୍ଷିଣ ମୋଡ ହୁଏ ନାହିଁ । ଏଠାକାର ରୀତିନୀତି ଓ ପରମ୍ପରା ଅନୁଯାୟୀ ଏହି ବିଶାଳ ରଥର ମୋଡ଼ ବଦଳେ ନାହିଁ । ଏଠାରେ କେବଳ ରଥ ଉପରେ ଥିବା ଆସ୍ଥାନକୁ ଉତ୍ତର ମୋଡ କରାଯାଏ । କାରଣ କେନ୍ଦୁଝର ରଥ ସମୟରେ ରଥ ଉତ୍ତର ଦିଗରୁ ଦକ୍ଷିଣ ଦିଗକୁ ମାଉସୀ ମାଆ ଘରକୁ ଯାଇଥାଏ । ଆଉ ବାହୁଡାରେ ଦକ୍ଷିଣରୁ ଉତ୍ତର ଦିଗକୁ ଆସେ ତେଣୁ ଏଠାରେ ଦକ୍ଷିଣ ମୋଡ ନହୋଇ ଆସ୍ଥାନ ଉତ୍ତର ମୋଡ ହୋଇଥାଏ ଓ ତା ସହ ରଥରେ ଥିବା ସମସ୍ତ ପାର୍ଶ୍ୱ ଦେବତାମାନଙ୍କର ମଧ୍ୟ ଉତ୍ତର ମୋଡ ବା ଦିଗ ପରିବର୍ତ୍ତନ ହୋଇଥାଏ । ବାହୁଡ଼ା ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖାଲି ଅପେକ୍ଷା ଏବେ ବାହୁଡ଼ାକୁ । ୪ଶହ ବର୍ଷରୁ ଅଧିକ ପୁରୁଣା ଏହି ରଥଯାତ୍ରା ପାଇଁ କେନ୍ଦୁଝର ଓ ଆଖପାଖ ଅଞ୍ଚଳର ଲକ୍ଷାଧିକ ଭକ୍ତ ଅନାଇ ବସିଥାନ୍ତି । କେନ୍ଦୁଝର ବଳଦେବଜୀଉ ମନ୍ଦିରର ମୁଖ୍ୟ ଦେବତା ପ୍ରଭୁ ବଳଭଦ୍ର ହୋଇଥିଲେ ବି ଏହି ରଥର ନାମ ନନ୍ଦିଘୋଷ ଦିଆଯାଇଛି । ଏହି ରଥଯାତ୍ରା ସମ୍ପୂର୍ଣ୍ଣ ଆଦିବାସୀ ପରମ୍ପରା ଅନୁଯାୟୀ କରାଯାଉଥିବାବେଳେ ରଥ ଟାଣିବାକୁ ବ୍ୟବହୃତ ହେଉଥିବା ଦଉଡିକୁ ଆଦିବାସୀ ସଂପ୍ରଦାୟର ଲୋକମାନେ ପ୍ରସ୍ତୁତ କରିଥାନ୍ତି । ସିଆଳି ଲତାରେ ଏହି ଦଉଡି ପ୍ରସ୍ତୁତ ହୋଇଥାଏ । ଏହି ରଥର ଉଚ୍ଚତା ହେଉଛି ୭୨ ଫୁଟ ଓ ଓସାର ୪୫ ଫୁଟ ଓ ଏହା ୧୬ ଟି ଚକା ବିଶିଷ୍ଟ । ଆହୁରି ମଧ୍ୟ ଏହି ରଥଟି ଶାଳ , ଶାଳମୂଳୀ ଓ ଧଳା ନାମକ ତିନି ପ୍ରକାରର କାଠରେ ନିର୍ମିତ ହୋଇଥାଏ । ଏ ରଥ କେବେ ଖୋଲା ଯାଏ ନାହିଁ ଏହା ବର୍ଷ ତମାମ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର ସମ୍ମୁଖ ବଡଦାଣ୍ଡରେ ଦଣ୍ଡାୟମାନ ହୋଇ ରହିଥାଏ । ଯଦି ରଥର କୌଣସି କାଠ ନଷ୍ଟ ହୋଇଯାଇଥାଏ ତାହା କେବଳ ମରାମତି ହୋଇଥାଏ । ଏ ରଥ ଦକ୍ଷିଣାୟନ ହୋଇ ଯାଇଥାଏ ଓ ଉତ୍ତରାୟନ ହୋଇ ବାହୁଡିଥାଏ । ହେଲେ ପୁରୀରେ ମହାପ୍ରଭୁ ଉତ୍ତରାୟନ ହୋଇ ଯାଇଥାନ୍ତି ଓ ଦକ୍ଷିଣାୟନ ହୋଇ ବାହୁଡିଥାନ୍ତି ଓ ପୁରୀରେ ମାଆ ସୁଭଦ୍ରାଙ୍କ ମୁଖ ହଳଦୀ ବର୍ଣ୍ଣ ହୋଇଥିବା ବେଳେ କେନ୍ଦୁଝରରେ ସୁଭଦ୍ରାଙ୍କ ମୁଖ କୁଙ୍କୁମ ବର୍ଣ୍ଣ ରହିଛି । ବିଭିନ୍ନ ରଙ୍ଗର ବସ୍ତ୍ର, ଅଳଙ୍କାର, ଦଶ ଅବତାର ମୂର୍ତ୍ତି ଓ ବିଭିନ୍ନ ଚିତ୍ର ଓ ମୂର୍ତ୍ତି ଦ୍ୱାରା ରଥଟିକୁ ସଜ୍ଜିତ କରାଯାଇଥାଏ । କେନ୍ଦୁଝର ରଥ ପୃଥିବୀର ବା ବିଶ୍ୱର ସବୁଠାରୁ ଉଚ୍ଚତମ ରଥ ବୋଲି ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି ।

**ଚଳଚଞ୍ଚଳ ହୋଇ ଉଠିଛି କେନ୍ଦୁଝରର ବଡଦାଣ୍ଡ । ଆଉ ଦୁଇ ଦିନ ପରେ ବାହୁଡ଼ା ଯାତ୍ରା । ଯାତ୍ରା ପୂର୍ବରୁ ସବୁ ଯାଗାରେ ରଥକୁ ଦକ୍ଷିଣ ମୋଡ କରାଯାଇଥାଏ । ହେଲେ କେନ୍ଦୁଝରରେ ଏହି ବିଶାଳ ବିଶ୍ୱ ପ୍ରସିଦ୍ଧ ବୃହତ୍ତମ ରଥର ଦକ୍ଷିଣ ମୋଡ ହୁଏ ନାହିଁ । ଏଠାକାର ରୀତିନୀତି ଓ ପରମ୍ପରା ଅନୁଯାୟୀ ଏହି ବିଶାଳ ରଥର ମୋଡ଼ ବଦଳେ ନାହିଁ । ଏଠାରେ କେବଳ ରଥ ଉପରେ ଥିବା ଆସ୍ଥାନକୁ ଉତ୍ତର ମୋଡ କରାଯାଏ ।**



# ବାରିପଦା ଶ୍ରୀହରିବଳଦେବଙ୍କ ଘୋଷଯାତ୍ରା

||||||||||||||||||||||||||||||| କ୍ଷୀରୋଦିନୀ ବେହେରା |||||||||||||||||||||||||||||||

ପୁରୀରେ ଥିବା ଶ୍ରୀମନ୍ଦିର ପରି ବାରିପଦାରେ ମଧ୍ୟ ଶ୍ରୀହରିବଳଦେବ ଜୀଉ ବିଜେ ମନ୍ଦିରରେ ପ୍ରତିବର୍ଷ ଅତି ଆଡ଼ମ୍ବର ସହକାରେ ରଥଯାତ୍ରା ପାଳିତ ହୋଇଥାଏ । ତେବେ ଏନେଇ ଅନେକ ପୁରାଣ/କିମ୍ବଦନ୍ତୀ/ଇତିହାସରେ ବହୁବର୍ଷ ଆଗରୁ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି ।

୧୫୬୫ରେ ନୀଳକଣ୍ଠ ଭଂଜଙ୍କର ଦେହାନ୍ତ ପରେ ତାଙ୍କ ପୁତ୍ର ବୈଦ୍ୟନାଥ ଭଞ୍ଜଙ୍କୁ ମୟୂରଭଞ୍ଜର ଶାସନଭାର ଅର୍ପଣ କରାଗଲା । ସେ ଥିଲେ ବିଷ୍ଣୁଙ୍କ ପରମ ଭକ୍ତ । ମହାରାଜା ବୈଦ୍ୟନାଥ ଭଞ୍ଜଙ୍କର ଜେଜେମା ତଥା ଜଗନ୍ନାଥ ଭଞ୍ଜଙ୍କର ରାଣୀ ପୁରୀ ଗଜପତି ପ୍ରତାପରୁଦ୍ରଙ୍କ ଦ୍ୱିତୀୟ କନ୍ୟା ଯାହାଙ୍କର ନାମ ଥିଲା ମନାତ । ଏଣୁ ବୈଦ୍ୟନାଥ ପିଲାଟି ଦିନରୁ ଜେଜେମାଙ୍କଠାରୁ ପୁରୀ ବଡ଼ ଠାକୁରଙ୍କ ମହିମା ଶୁଣି ଅନୁପ୍ରାଣିତ ହୋଇଥିଲେ ଏବଂ ସ୍ୱପ୍ନାଦେଶ ମଧ୍ୟ ହୋଇଥିଲା ଯେ, ବାରିପଦାଠାରେ ଶ୍ରୀମନ୍ଦିର ନିର୍ମାଣ କରି ତିନି ବିଗ୍ରହଙ୍କ ମୂର୍ତ୍ତି ସ୍ଥାପନା କରିବା ପାଇଁ । ତେଣୁ ମନ୍ତ୍ରୀ ପରିଷଦ ଓ ସୈନ୍ୟସାମନ୍ତ ନେଇ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ବୈଦ୍ୟନାଥ ଭଂଜ ଗମନ କଲେ । କିନ୍ତୁ ଶ୍ରୀମନ୍ଦିର ପ୍ରବେଶ କରିବାକୁ ଅନୁମତି ନପାଇ ପୁରୀ ନିକଟସ୍ଥ ଅଠରନଳାଠାରେ ମହାପ୍ରଭୁଙ୍କ ଉପାସନା ପୂର୍ବକ ଧ୍ୟାନ ଓ ଧାରଣା ଦେଲେ ଏବଂ ମହାପ୍ରଭୁ ତାଙ୍କୁ ଦର୍ଶନ ଦେଇ ବାରିପଦାଠାରେ ଏକ ଶ୍ରୀମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଆଜ୍ଞା ଦେଲେ । ମହାଆନନ୍ଦରେ ଭକ୍ତି ଗଦ୍‌ଗଦ ଚିତ୍ତରେ ମହାରାଜା ସୈନ୍ୟସାମନ୍ତ ଓ ପାରିଷଦଙ୍କୁ ଧରି ସେଠୁ ଫେରିଥିଲେ । ତା'ପରେ ୧୫୭୫ରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରି ଆଷାଢ଼ ଦ୍ୱିତୀୟା ତିଥିରେ ବିଗ୍ରହ ପ୍ରତିଷ୍ଠା କରାଗଲା ଓ ପୂର୍ବ ନିର୍ଦ୍ଦେଶାନୁଯାୟୀ ମହାପ୍ରଭୁଙ୍କ ନାମ ଶ୍ରୀ ଶ୍ରୀହରିବଳଦେବ ଜିଉ ବିଜେ, ବାରିପଦା ରଖାଗଲା । ସ୍ୱପ୍ନାଦେଶନୁଯାୟୀ ଶ୍ରୀହରିବଳଦେବ ଜୀଉଙ୍କ ସହିତ ବିଜେ ଶବ୍ଦ ଯୋଗ କରାଗଲା । ମାତ୍ର ଶ୍ରୀକ୍ଷେତ୍ର ରଥଯାତ୍ରା ଆଧାରରେ ଏଠାରେ ସବୁ ରୀତିନୀତି ପାଳିତ ହେଉଥିବାରୁ ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଲାଭ କଲା ।

**ପୁରୀରେ ଥିବା ଶ୍ରୀମନ୍ଦିର ପରି ବାରିପଦାରେ ମଧ୍ୟ ଶ୍ରୀହରିବଳଦେବ ଜୀଉ ବିଜେ ମନ୍ଦିରରେ ପ୍ରତିବର୍ଷ ଅତି ଆଡ଼ମ୍ବର ସହକାରେ ରଥଯାତ୍ରା ପାଳିତ ହୋଇଥାଏ । ତେବେ ଏନେଇ ଅନେକ ପୁରାଣ/ କିମ୍ବଦନ୍ତୀ/ ଇତିହାସରେ ବହୁବର୍ଷ ଆଗରୁ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି ।**



ଓଡ଼ିଶା ରାଜ୍ୟର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାର ଶ୍ରୀହରିବଳଦେବ ଜୀଉଙ୍କ ଏହି ପବିତ୍ର ଗୁଣ୍ଡିଚାଯାତ୍ରାରେ ବେଶ କିଛି ନିଆରା ପରଂପରା ଦେଖିବାକୁ ମିଳିଥାଏ, ସେ ମହାପ୍ରଭୁଙ୍କର ପହଣ୍ଡି ବିଜେ ହେଉ କିମ୍ବା ଗୁଣ୍ଡିଚା ଅଥବା ବାହୁଡ଼ାଯାତ୍ରା । ସବୁକ୍ଷେତ୍ରରେ ମହାପ୍ରଭୁଙ୍କ ମାହାତ୍ମ୍ୟ ଓ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ପୁରୀ ଶ୍ରୀମନ୍ଦିର ପରି ଏହାର ନିର୍ମାଣଶୈଳୀରେ ସମାନ ଥିଲେ ମଧ୍ୟ ଏହାର ଉଚ୍ଚତା ୧୦୨ ଫୁଟ । କଳିଙ୍ଗ ସ୍ଥାପତ୍ୟ କଳା ଆଧାରରେ ନିର୍ମିତ ମନ୍ଦିରରେ ପ୍ରତ୍ୟହ ଶ୍ରୀବିଗ୍ରହଙ୍କର ପୂଜାର୍ଚ୍ଚନା ପ୍ରାୟ ସମାନ ରହିଥାଏ । ତଥାପି ପୁରୀ ରଥଯାତ୍ରାଠାରୁ ବାରିପଦା ରଥଯାତ୍ରାର କେତେକାଂଶରେ ସମାନ ତାରତମ୍ୟ ଭିତରେ କିଛିଟା ଭିନ୍ନ ରୀତିନୀତି ପରିଲକ୍ଷିତ ହୁଏ । ଯେପରି ପୁରୀ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ଏଠାରେ ଶ୍ରୀବିଗ୍ରହଙ୍କ ପହଣ୍ଡି ହେଉଥିଲେ ହେଁ ବାରିପଦାରେ ତା'ପରଦିନ ରଥଟଣା ଅନୁଷ୍ଠିତ ହେବା ସହ ମା'ସୁଭଦ୍ରା ରଥକୁ କେବଳ ମହିଳାମାନେ ହିଁ ଟାଣିବା ଏଠିକାର ବିଶେଷତ୍ୱ ରହିଛି । ଏହି ନୀତିନିୟମ ୧୯୭୫ରୁ ରଥଟଣା ପରମ୍ପରାରେ ବିଶେଷ ଭାବେ ପରିବର୍ତ୍ତିତ ପରମ୍ପରା ଅନୁସାରେ କେବଳ ମହିଳାମାନଙ୍କୁ ଦେବୀ ସୁଭଦ୍ରାଙ୍କ ରଥ ଟାଣିବା ପାଇଁ ସୁଯୋଗ ଦିଆଗଲା । ସେହି ବର୍ଷଠାରୁ ପ୍ରତିବର୍ଷ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣିବାର ସୌଭାଗ୍ୟ ଲାଭ ପାଉଛନ୍ତି ।

ଭୁବନେଶ୍ୱର, ମୋ -୯୭୭୭୭୨୯୦୦୨



# ଶ୍ରୀଜଗନ୍ନାଥଙ୍କ ଦର୍ଶନ ବିଧି



ପ୍ରଥମେ ସିଂହଦ୍ୱାର ଗୁମୁଟ ମଧ୍ୟରେ ଦକ୍ଷିଣ ଭାଗରେ ଥିବା
(୧)୨୨ ଭୁଜ ନୃସିଂହ ,
(୨)ପତିତପାବନ ଦର୍ଶନ ।
ବାମ ଭାଗେ ଥିବା
(୩)ମହାବୀର ଗଣେଶ ଆଦି ଦର୍ଶନ ।
(୪)୨୨ ପାହାଚରେ ଥିବା ଯମ ଶିଳା ଉପରେ ଠିଆ ହୋଇ ନୀଳଚକ୍ର ଦର୍ଶନ ।
(୫)ବାମ ଭାଗେ ଥିବା
କାଶୀ ବିଶ୍ୱନାଥ,
ଶ୍ରୀ ରାମଚନ୍ଦ୍ର ,
ନୃସିଂହ ଆଦିଙ୍କୁ ଦର୍ଶନ ।
(୬)ବାଇଶି ପାହାଚ ଅତିକ୍ରମ ।
କୂର୍ମ ବେଢ଼ା ପ୍ରବେଶ ପରେ
ବାମ ଭାଗରୁ, ବେଢ଼ା ପରିକ୍ରମା ଆରମ୍ଭ ।
(୧)ସତ୍ୟ ନାରାୟଣଙ୍କ ଦର୍ଶନ ।
(୨)କଳ୍ପ ବଟ ମୂଳେ ଥିବା ବାଳ ମୁକୁନ୍ଦ, ଦର୍ଶନ ।
(୩)ହରି ସହଦେବ ମନ୍ଦିର,
(୪)ବଟ ଜଗନ୍ନାଥ ,
(୫)ବଟ ଗଣେଶ ,
(୬)ପଞ୍ଚ ମହାଦେବ ,
(୭)ବଟ ମଙ୍ଗଳା
(୮)କଳ୍ପବଟ ,
(୯)ଇନ୍ଦ୍ରାଣୀ ମନ୍ଦିର ,
(୧୦)କୁତ୍ତାମ ଚଣ୍ଡୀ ,
(୧୧)ଅନନ୍ତ ଶୟନ ,
(୧୨)ମୁକ୍ତି ମଣ୍ଡପ ,
ମୁକ୍ତି ମଣ୍ଡପ ନିକଟସ୍ଥ
(୧୩)ଆଦି ନୃସିଂହ ,
(୧୪)ରୋହିଣୀ କୁଣ୍ଡ ,
(୧୫)ବିମଳା ଠାକୁରାଣୀ,
(୧୬)ସାକ୍ଷୀ ଗୋପାଳ,
(୧୭)କାଞ୍ଚି ଗଣେଶ ,
(୧୮)ନିଶା ନୃସିଂହ ,
(୧୯)ନିଶା ବରାହ ,
(୨୦)ସରସ୍ୱତୀ ମନ୍ଦିର,
(୨୧)ଭୁବନେଶ୍ୱରୀ ଠାକୁରାଣୀ,
(୨୨)ଷଷ୍ଠୀ ଦେବୀ ,
(୨୩)ନୀଳମାଧବ ,
(୨୪)ବେଢ଼ା କାଳୀ ,
(୨୫)ମହାଲକ୍ଷ୍ମୀ ମନ୍ଦିର ,
(୨୬)ନବଗ୍ରହ ମନ୍ଦିର ,
(୨୭)ସୂର୍ଯ୍ୟ ମନ୍ଦିର ,
(୨୮)ନିଶା ତ୍ରିବିକ୍ରମ ,
(୨୯)ଶ୍ରୀ ରାମଚନ୍ଦ୍ର ମନ୍ଦିର ,
(୩୦) ହୟଗ୍ରିବ,
(୩୧)ପାତାଳେଶ୍ୱର ମହାଦେବଙ୍କ ଦର୍ଶନ କରି
ସାତ ପାହାଚ ଦେଇ, ବଡ଼ ଦେଉଳର ନାଟ ମଣ୍ଡପକୁ ପ୍ରବେଶ
ପ୍ରଥମେ ଗରୁଡ଼ ପଛ ଭାଗରୁ
(୧)ଶିବ ଓ ବ୍ରହ୍ମାଙ୍କୁ ଦର୍ଶନ କରି
(୨)ମହାପ୍ରଭୁଙ୍କ ଦର୍ଶନ ।
(୩)ଗରୁଡ ଖମ୍ବକୁ ଆଲିଙ୍ଗନ ।
ନାଟ ମଣ୍ଡପ ମଧ୍ୟରେ ଥିବା, ସମସ୍ତ ଦେବତାଙ୍କୁ ଦର୍ଶନ ।
ଜଗମୋହନକୁ ପ୍ରବେଶ
ଜଗ ମୋହନ ନଣ୍ଡାବର୍ତ୍ତ ନିକଟରେ
(୧)ଜୟ ବିଜୟଙ୍କୁ ନମସ୍କାର ।
ଜଗମୋହନ ମଧ୍ୟରେ
କୋଟି କୈବଲ୍ୟ ନାଥ
(୨)ମହାପ୍ରଭୁଙ୍କୁ ଦର୍ଶନ
ବାହାର ଭଣ୍ଡାର ଘରେ
(୩)ଦେବ ଦେବ ଲୋକନାଥ ,
(୪)ଦେବୀ ଦୁର୍ଗା ,
(୫)ଶୟନ ଦିଅଁ ଆଦିଙ୍କୁ ଦର୍ଶନ ।
ବେହରଣ ଦ୍ୱାର ଦେଇ ବାହାରକୁ ବାହାରି ଦକ୍ଷିଣ ଘରେ
(୬)ସମସ୍ତ ଚଳନ୍ତି ବିଗ୍ରହଙ୍କୁ ଦର୍ଶନ ।
ଆନନ୍ଦରେ, ଆନନ୍ଦ ବଜାରରେ ପ୍ରବେଶ
(୧)ମହାପ୍ରସାଦ ସେବନ ।
(୨)ସ୍ନାନ ବେଦୀ, ଦର୍ଶନ ।
ଉତ୍ତର ଭାଗରେ ଥିବା
(୧)ଈଶାଣେଶ୍ୱର ମହାଦେବ ,
(୨)ଶୀତଳା ଠାକୁରାଣୀ ,
(୩)ମହାବୀର ,
(୪)କୋଇଲି ବୈକୁଣ୍ଠ ଦର୍ଶନ ।
ପଶ୍ଚିମ ଭାଗରେ ଥିବା
(୧)କାନ ପତା ମହାବୀର ,
(୨)ଚାରି ଧାମ ମନ୍ଦିର ,
(୩)ନୀଳାଦ୍ରି ଉପବନ ଏବଂ
ଦକ୍ଷିଣ ପାର୍ଶ୍ୱରେ
(୧)ଶ୍ରୀରାମ ଚନ୍ଦ୍ର ମନ୍ଦିର,
(୨)ବାର ଭାଇ ହନୁମାନ ,
(୩)ଭାଗବତ ମନ୍ଦିର ଆଦି ଦର୍ଶନ ବିଧେୟ ।



ଏହି ପ୍ରକାର ଦର୍ଶନ କରିବା ଦ୍ୱାରା ମହାପ୍ରଭୁ ଶ୍ରୀ ନୀଳାଦ୍ରି ନାଥଙ୍କ ଦର୍ଶନ କରିବାର ସମସ୍ତ ଫଳ ପ୍ରାପ୍ତ ହୋଇଥାଏ ।



## ହେରା ପଞ୍ଚମୀରେ ମହାଲକ୍ଷ୍ମୀ ଭାଙ୍ଗିଲେ ରଥ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ରଥାରୁଢ଼ ହୋଇ ଯାତ୍ରା ଆରମ୍ଭ କରି ମାଉସୀ ମା ଗୁଣ୍ଡିଚାଙ୍କ ମନ୍ଦିରକୁ ବିଜେ କରିଛନ୍ତି। ପଶ୍ଚିମ ଓଡ଼ିଶାର ରେଢ଼ାଖୋଲ ସର୍ବପୁରାତନ ପ୍ରସିଦ୍ଧ ରଥଯାତ୍ରା ପାଇଁ ସହର ଚଳଚଞ୍ଚଳ ହୋଇ ଉଠୁଛି। ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଏହି ଯାତ୍ରା ପଞ୍ଚମ ଦିନରେ ଚାଲିଥିବା ବେଳେ ମଙ୍ଗଳବାର ଦିନ ସନ୍ଧ୍ୟା ସମୟରେ ହେରା ପଞ୍ଚମୀ ପାଳିତ ହୋଇଯାଇଛି। ଏଥିରେ ପୂଜକ ପୂଜାର୍ଚ୍ଚନା ପୂର୍ବକ ମା ମହାଲକ୍ଷ୍ମୀଙ୍କୁ ଏକ ବିମାନରେ ପୂଜକମାନେ ନିଜ କାନ୍ଧରେ ଧାରଣ କରି ଭଜନ ସଙ୍କୀର୍ତ୍ତନ କରି ମାଗୁଣ୍ଡିଚା ମନ୍ଦିରକୁ ପହଞ୍ଚି ଥିଲେ। ଏଥିରେ ମା ମହାଲକ୍ଷ୍ମୀ କ୍ଷୋଭ ପ୍ରକାଶ କରି ଶ୍ରୀମନ୍ଦିରରୁ ବାହାରି ମାଉସୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରି ଶ୍ରୀଜଗନ୍ନାଥଙ୍କ ସହିତ ମା ମହାଲକ୍ଷ୍ମୀ କଳି କରି ରଥ କାଠ ଭାଙ୍ଗିବା ସହିତ ବାଟ ଭାଙ୍ଗି ଶ୍ରୀମନ୍ଦିରକୁ ପ୍ରତ୍ୟାଗମନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ରଥ ଦକ୍ଷିଣା ମୋଡ ହୋଇ ରହିବ।।

**ବୁଗୁଡ଼ା :** ପବିତ୍ର ହେରାପଞ୍ଚମୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ବାକୁ ମିଳିଛ । ମହାପ୍ରଭୁ ଗୋଟିଏ ଦିନ ଭାଇଭଉଣୀଙ୍କୁ ନେଇଗୁଣ୍ଡିଚା ବୁଲି ଆସିବେ କହି ପାଞ୍ଚ ଦିନ ହେଲା ମନ୍ଦିରକୁ ଫେରି ନଥିବାରୁ କ୍ରୋଦ୍ଧ ଜର୍ଜରିତା ମହାଲକ୍ଷ୍ମୀ ପାଲିଙ୍କିରେ ଆସି ଆଡପମଣ୍ଡପରେ ପହଞ୍ଚି ଥିଲେ । ସେଠାରେ ପୂଜାପାଠ ସହ ଅଭିମାନିନୀ ଲକ୍ଷ୍ମୀଙ୍କୁ ବୁଝାଶୁଝା ପରେ ମହାପ୍ରଭୁଙ୍କ ଠାରେ ଶ୍ରୀଘ୍ର ଲେଉଟିବାର ସର୍ତ୍ତ ରଖି ଲକ୍ଷ୍ମୀ ମନ୍ଦିରକୁ ଫେରିଥିଲେ । ଫେରିବା ବାଟରେ ସେ ମହାପ୍ରଭୁଙ୍କ ରଥ ଭାଙ୍ଗିଥିଲେ । ଉକ୍ତ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା । ପୂଜକ ଟୁଟୁ ପାଣି ଓ ସିମାଞ୍ଚଳ ପଣ୍ଡାଙ୍କ ସମେତ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ଉକ୍ତ କାର୍ଯ୍ୟକ୍ରମକୁ ରୀତିନୀତି ପ୍ରକାରେ ସମ୍ପାଦନ କରିଥିଲେ ।

## କାର୍ଯ୍ୟକ୍ଷମ ହେଉନି ଅଟୋପୁର ପାଣିଟାଙ୍କି

କେନ୍ଦୁଝର,(ନିପ୍ର) : ଓଡ଼ିଶାର ବିଭିନ୍ନ ଛଅ ଜିଲାକୁ ହଇଜା ଓ ତରଳଝାଡ଼ା ବ୍ୟାପିବାରେ ଲାଗିଥିବା ବେଳେ, କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡ ଅଧିବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କ ପାଇଁ ପୂର୍ବରୁ ଆସୁଥିବା ମାଛକାନ୍ଦଣା ନଦୀ ଜଳ ଅଞ୍ଜର ଘାଟି ନିକଟରେ ଥିବା ଜଳ ବିଶୋଧନାଗାର ରେ ବିଶୋଧିତ ହୋଇ ଦୈନିକ ତିନିଥର ଜଳଯୋଗାଣ କରାଯାଉଥିବା ବେଳେ ଏବେ ସହରର ପାନୀୟଜଳର ଆବଶ୍ୟକତା ପୂରଣ କରିବା ପାଇଁ ଆସୁଥିବା କାଳୀଂଝର ନଦୀର ଜଳ ଗୋପାଳପୁର ବିଶୋଧନାଗାରରୁ ଆସିବା ପରେ କେବଳ ସନ୍ଧ୍ୟା ସମୟରେ କିଛି ସମୟ ପାଇଁ ଜଳ ଆସୁଛି। ପାନୀୟ ଜଳର ଅଭାବ ଯୋଗୁ ସ୍ଥାନୀୟ ଅଧିବାସୀ ବାରମ୍ବାର ସହର ପାନୀୟ ଜଳଯୋଗାଣ ସଂସ୍ଥାର ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି। ସନ୍ଧ୍ୟାରେ ଆସୁଥିବା ପାଣି ଲୋକଙ୍କ



ଆବଶ୍ୟକତା ମେଣ୍ଟେଇ ପାରୁ ନଥିବାବେଳେ ଅନେକ ଲୋକ ମୋଟର ଲଗାଇ ପାଣି ସଂଗ୍ରହ କରୁଥିବା ଅଭିଯୋଗ ହେଉଛି ।ଏହି କାରଣରୁ ଆଟୋପୁର ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁ ନାହିଁ। ଅଟୋପୁର ମଡେଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନିକଟରେ ଦୀର୍ଘ ଛଅ ମାସ ଧରି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁନଥିବା କାରଣରୁ ଲୋକେ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଗଲେ ସହରର ଅନେକାଂଶରେ ଜଳକଷ୍ଟ ପୂରଣ ହୋଇପାରିବ।

## ବିଏମସି ଅଧିକାରୀଙ୍କୁ ମାଡ଼ ଘଟଣା: ସାମୂହିକ ଛୁଟିରେ ଗଲେ କେନ୍ଦୁଝର ଜିଲ୍ଲାର ସମସ୍ତ ଓଏଏସ ଅଧିକାରୀ

କେନ୍ଦୁଝର,(ନିପ୍ର): ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର କଡ଼ା ପ୍ରତିକ୍ରିୟା ସ୍ୱରୂପ, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଆସୋସିଏସନ, କେନ୍ଦୁଝର ୟୁନିଟର ସମସ୍ତ ଓଏଏସ ଅଧିକାରୀ ସାମୂହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପାଇଁ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ମାଧ୍ୟମରେ ଜିଲ୍ଲାପାଳଙ୍କୁ ସୂଚିତ କରାଯାଇଛି ।

ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ଓଏଏସ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ



ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନଙ୍କ ମଧ୍ୟରେ ସର୍ବସମ୍ମତ କ୍ଷୋଭ ପ୍ରକାଶ ପାଇଥିଲା, ଏହି ଆକ୍ରମଣକୁ କେବଳ ଏକ ଅପରାଧିକ କାର୍ଯ୍ୟ ନୁହେଁ ବରଂ ସାର୍ବଜନୀନ ସେବାର ମର୍ଯ୍ୟାଦା ଉପରେ ଏକ ସ୍ପଷ୍ଟ ଆକ୍ରମଣ ବୋଲି କହିଥିଲେ। ସଂଘ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଧନ୍ୟବାଦ ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ପ୍ରସ୍ତାବ ଗୃହୀତ କରାଯାଇଛି ।

### ||||||||||||| ପବିତ୍ର ପ୍ରାଚୀ ଏବେ ଅପବିତ୍ର ଦ୍ୱାରରେ |||||||||||||

## ଘଣ୍ଟତୋଳା ତୁଠରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ, ପୂତିଗନ୍ଧମୟ ପରିବେଶ

କାକଟପୁର,(ନିପ୍ର): ଓଡ଼ିଶା ଇତିହାସରେ ବେଶ ଗୁରୁତ୍ୱ ବହନ କରୁଥିବା ଐତିହ୍ୟ ସମ୍ପନ୍ନ ପ୍ରାଚୀ ନଦୀ ଓଡ଼ିଶା ମାନଚିତ୍ରରୁ ଲିଭିଯିବାକୁ ବସିଲାଣି। ଏହି ପ୍ରାଚୀନଦୀର ଘଣ୍ଟତୋଳା ତୁଠ ମା ମଙ୍ଗଳାଙ୍କ ଯାନିଯାତ୍ରା ସମୟରେ ବେଶ ଗୁରୁତ୍ୱ ବହନ କରୁଥିବାବେଳେ ଏବେ ଗତ କିଛି ଦିନ ହେବ ଘଣ୍ଟତୋଳା ତୁଠର ଅବସ୍ଥା ସଙ୍ଗୀନ ହୋଇପଡିଛି । ଏବେ ତୁଠ ପରିବେଶ ଅଳିଆ ଆବର୍ଜନା ସାଙ୍ଗକୁ କଟକି ଦଳ ମାଡିବସି ତୁଠକୁ ପୂରା କବ୍‌ଜା କରି ରଖିଛି । ପ୍ରତ୍ୟେହ ଦିନ ମାନସିକଧାରୀ ଶ୍ରଦ୍ଧାଳୁମାନେ ଛୋଟ ପିଲାମାନଙ୍କୁ ମୁଣ୍ଡନ କରିବା ପରେ ପ୍ରାଚୀ ଘାଟରେ ଗାଧୋଇବା ପାଇଁ ନଦୀ ଜଳ ଅପରିଷ୍କାର ଯୋଗୁଁ ନାକ ଟେକି ଫେରିଯାଉଛନ୍ତି। ଆଶ୍ୱିନ ମାସରେ ଷୋଡଶ ଉପଚାର ପୂଜା ପଣ୍ଡା ପବିତ୍ର ପ୍ରାଚୀରେ ସାନ୍ନ ପରେ ପ୍ରାଚୀ ନଦୀରୁ ଜଳ ଆଣି ମା'ଙ୍କ ପୂଜାରେ ଲଗାଇ ଷୋଡଶ ଉପଚାର ପୂଜା କରୁଥିବା ବେଳେ ଆଜି ସେହି ଜଳ ପୂଜା ଉପଯୋଗୀ ନୁହଁ ବୋଲି ପୂଜା ପଣ୍ଡା ମାନଙ୍କ ସହିତ ସେବାୟତମାନେ ମତ ଦିଅନ୍ତି। ଏହି ପ୍ରାଚୀ ନଦୀ କୂଳେ ପିତୃପୁରୁଷମାନଙ୍କ ପାଇଁ ଶ୍ରାଦ୍ଧ ମଧ୍ୟ ଦିଆଯାଉଥିଲା ହେଲେ ଆଜି ଏହା ଜରାଜୀର୍ଣ୍ଣ ବୋଲି କୁହନ୍ତି । କାକଟପୁର ମା ମଙ୍ଗଳାଙ୍କ ସହିତ ପ୍ରାଚୀ ନଦୀ ଓ ଘଣ୍ଟତୋଳା ତୁଠ ପୌରାଣିକ ପରମ୍ପରାର ଗୁରୁତ୍ୱ ବହନ କରୁଥିବାବେଳେ ମନ୍ଦିରରୁ ଉଦ୍‌ବୃତ ଜଳ ଓ ବିଭିନ୍ନ ଲୋକଙ୍କ ଆବର୍ଜନା ପୂର୍ଣ୍ଣ ପାଣି ସହିତ କିଛି ଦୋକନରୁ ନିର୍ଗତ ଅଳିଆ ପାଣି ପ୍ରାଚୀ ନଦୀରେ ମିଶିବା ଯୋଗୁଁ ଏହା ନର୍ଦ୍ଦମାରେ ପରିଣତ ହୋଇଛି। ତତ ସହିତ ପ୍ରାଚୀ ନଦୀର ଦୁଇ ପାର୍ଶ୍ୱରେ ଘର କରିଥିବା ଲୋକଙ୍କ ଲାଟିନ ପାଣି ସଂଯୋଗ କରାଯାଇ ପ୍ରାଚୀକୁ ଦୂଷିତ କରାଯାଉଛି । ଏ ସଂକ୍ରାନ୍ତରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅଭିଯୋଗ ହୋଇ ଆସୁଥିବାବେଳେ ଘଣ୍ଟତୋଳା ତୁଠର ପୁନଃରୁଦ୍ଧାର ଜରୁରୀ ହୋଇପଡିଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମନ୍ଦିରର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରି କାମ କରୁଥିଲେ ସୁଦ୍ଧା ପ୍ରାଚୀ ନଦୀ ପାଇଁ ଖାଲି ବ୍ୟୟବରାଦ ହୋଇଥିବା ଆଜକୁ କିଛି ବର୍ଷ ହେବ ଶୁଣାଯାଉଥିଲେ ସୁଦ୍ଧା ଅଦ୍ୟାବଧି କୌଣସି କାମର ନାଁ ନାହିଁ । ଫଳରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଦର୍ଶନାର୍ଥୀ । ପ୍ରତିବର୍ଷ କାକଟପୁର ଅଧୀନରେ ଥିବା ଡ୍ରେନେଜ ବିଭାଗ ମାତ୍ର କୋଡିଏ ହାତ କଟକି ଦଳ ସଫାକରି ଲକ୍ଷ ଲକ୍ଷ ଟଙ୍କା ହଡପ କରୁଥିବାବେଳେ ପ୍ରାଚୀ ଘଣ୍ଟତୋଳା ତୁଠ ପ୍ରତି ଉଦାସୀନତା ମନୋଭାବ ଅଞ୍ଚଳବାସୀଙ୍କ ମନରେ ନକାରାତ୍ମକ ପ୍ରଭାବ ସୃଷ୍ଟି କରିଛି । ତୁରନ୍ତ ତୁଠର ପୁନଃରୁଦ୍ଧାର ପ୍ରତି ଦୃଷ୍ଟି ଦେଲେ ପୂର୍ବ ଗୌରବ ଫେରି ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



## ଫେରୋକ୍ରୋମ୍ ସ୍ଲାଗ ଚିପ୍ ବ୍ୟବହାର କରି ରାସ୍ତା ନିର୍ମାଣ କଲା ଟାଟାଷ୍ଟିଲ

ବ୍ରହ୍ମପୁର,(ନିପ୍ର): ସର୍କୁଲାର ଅର୍ଥନୀତି ଓ ଦୀର୍ଘସ୍ଥାୟୀ ଶିଳ୍ପ ଅଭ୍ୟାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ସ୍ୱରୂପ ଟାଟା ଷ୍ଟିଲର ଫେରୋ ଆଲୟଜ ଓ ମିନେରାଲ ଡିଭିଜନ (ଏଫଏଏମଡି) ପକ୍ଷରୁ ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଥିବା ଫେରୋ ଆଲୟଜ କାରଖାନା (ଏଫଏପି)ରେ ଦେଢ କିଲୋମିଟର ଆଭ୍ୟନ୍ତରୀଣ ସଡ଼କ ନିର୍ମାଣ କରିବାରେ ଫେରୋକ୍ରୋମ ସ୍ଲାଗ ଚିପ ବ୍ୟବହାର କରାଯାଇଛି। ଫେରୋକ୍ରୋମ ଆଲୟ ଉତ୍ପାଦନ ବେଳେ ଉତ୍ପନ୍ନ ହେଉଥିବା ଏକ ଉପ ଉତ୍ପାଦ ହେଉଛି ଫେରୋକ୍ରୋମ ସ୍ଲାଗ ଚିପ।




ଏହି ଅଭିନବ ଅଭିଯାନ କଠିନ ବର୍ଜ୍ୟବସ୍ତୁର ସ୍ଥାୟୀ ପରିଚାଳନାକୁ ସୁନିଶ୍ଚିତ କରୁଥିବା ବେଳେ କମ୍ପାନିର ପରିବେଶ ଫୁଟପ୍ରିଂଟକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିଛି। ୬ ରୁ ୨୦ ମିଲିମିଟରର ପ୍ରାୟ ୩୫ ଶହ ଟନ୍ ସ୍ଲାଗ ଏଗ୍ରିଗେଟ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଇଛି। ଫଳରେ ପ୍ରାକୃତିକ ପଥର ଖଣ୍ଡ (ଏଗ୍ରିଗେଟ) ବ୍ୟବହାର କମ୍ ହୋଇଥିବା ବେଳେ ଖନନ ଆବଶ୍ୟକତା ହ୍ରାସ ପାଇଛି।

ସଡ଼କ ନିର୍ମାଣ ବ୍ୟତୀତ ଏଫଏଏମଡି ପକ୍ଷରୁ ଏହାର ଗୋପାଳପୁର ଓ ଆଠଗଡ଼ ଏଫଏପି କାରଖାନାରେ ସ୍ଲାଗ୍ ବେଡ୍ ଓ ସ୍ଲାଗ ପ୍ୟାନ ଡ୍ରେସିଂ ପ୍ରକ୍ରିୟା ପାଇଁ ନଦୀ ବାଲି ବଦଳରେ ଫେରୋକ୍ରମ୍ ସ୍ଲାଗ ଫାଇନ୍ସର ଆଂଶିକ ବ୍ୟବହାର ଆରମ୍ଭ କରାଯାଇଛି। ଫଳରେ ମାସିକ ନଦୀ ବାଲି ଉପଯୋଗିତା ଏଫଏପି ଗୋପାଳପୁରରେ ୩୫% ହ୍ରାସ ପାଇଥିବା ବେଳେ ଆଠଗଡ଼ ଏଫଏପିରେ ୧୦% କମ୍ ହୋଇଛି। ଫେରୋକ୍ରୋମ ସ୍ଲାଗର ପୁନଃ ବ୍ୟବହାର, ବାଲି ଆବଶ୍ୟକତା ପାଇଁ ନଦୀ ଉପରେ ପଡୁଥିବା ଚାପକୁ କମ୍ କରିବ ଏବଂ ଉପ ଉତ୍ପାଦଗୁଡ଼ିକୁ ଅନ୍ୟାନ୍ୟ ଅଭିନବ ସମାଧାନ ଭାବେ ବ୍ୟବହାର କରିବାର ବାଟ ସନ୍ଧାନ କରିବାକୁ ଆମକୁ ଅନୁପ୍ରାଣିତ କରିବ, ଯାହା ଏମିତିରେ ଅବ୍ୟବହୃତ ଜମିରୁ ଉତ୍ପାଦନ କରାଯାଉଥିଲା। ଏଥିଯୋଗୁ ଜମି କ୍ଷୟ ଓ ସବୁଜିମା ନଷ୍ଟ ହେଉଥିଲା।

ପାରମ୍ପରିକ ଭାବେ ଫେରୋଆଲୟଜ ଉତ୍ପାଦନ ବେଳେ ନଦୀ ବାଲିକୁ ସୋଡିୟମ ସିଲିକେଟ ଭଳି ବନ୍ଧକ ଉପାଦାନରେ ମିଶାଇ କାଷ୍ଟ ଆଇରନ ପାଇଁ ଏକ ଆଧାର ଏବଂ ତରଳ ଧାତବ ଓ ସ୍ଲାଗ ପରିଚାଳନା ବେଳେ କାଷ୍ଟିଂ ପରିଚାଳନା ସମୟରେ ଏକ ପାର୍ଟିଂ ଏଜେଣ୍ଟ ଭାବେ ବ୍ୟବହାର କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ମିଳିତ ଭାବେ ପ୍ରତି ମାସ ପ୍ରାୟ ୧ ହଜାର ମେଟ୍ରିକ ଟନ୍ ନଦୀ ବାଲି ଆବଶ୍ୟକ ହେଉଥିଲା।

ସ୍ଥାୟୀ ଆଭିମୁଖ୍ୟ ସମ୍ବଳ ସଂରକ୍ଷଣ, ପରିବେଶ ପ୍ରତି ଉତ୍ତରଦାୟିତ୍ୱ ଓ ପରିଚାଳନା ଦକ୍ଷତା ପ୍ରତି ଟାଟା ଷ୍ଟିଲର ନିରନ୍ତର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଏଭଳି ସର୍କୁଲାର ଅର୍ଥନୀତି ଅଭିଯାନ ଜରିଆରେ କମ୍ପାନି ଏକ ଦାୟିତ୍ୱବାନ ଶିଳ୍ପ ଅଭିବୃଦ୍ଧି ଏବଂ ଫେରୋଆଲୟ କ୍ଷେତ୍ରରେ ଏକ ସବୁଜ ବିକଳ୍ପ ପାଇଁ ପଥ ପ୍ରଦର୍ଶନ କରୁଛି।

## ବୈତରଣୀରେ ବନ୍ୟା : ପ୍ରଶାସନିକ ଅବହେଳାରୁ ବୁଡ଼ି ରହିଛି ବୋଟ

ଧାମନଗର , ଏକ ସପ୍ତାହ ହେବ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଚାଷଜମିରେ ବର୍ଷାଜଳ ଥିବାବେଳେ ଚାଷ କାର୍ଯ୍ୟ ହୋଇ ପାରିନଥିବା ବେଳେ ବୈତରଣୀ ନଦୀରେ ବନ୍ୟା ଆସିଛି । ପଧାନୀ ପଂଚାୟତର ସଇଲୋ ଠାରେ କୋଚିଲା ନଦୀ ବନ୍ଧ ଦୁର୍ବଳ ଥିବାରୁ ଜଳସେଚନ ବିଭାଗ ଏସ ଡି ଓ କିଶୋର ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ ପୁହାଣ, ଅର୍ଜୁନପୁର ପଂଚାୟତର ସରପଂଚ ପ୍ରତିନିଧି ଉମେଶ ମହାନ୍ତି ପ୍ରମୁଖ ଉପସ୍ଥିତିରେ ବନ୍ଧ କାର୍ଯ ମରାମତି ଚାଲିଛି। ତେବେ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟା ଜଳ କମୁଥିବାରୁ ବିପଦ ନାହିଁ ବୋଲି ଏସଡିଓ ଶ୍ରୀ ଦାସ କହିଛନ୍ତି। ସେହିପରି ଧାମନଗର ବ୍ଲକ ଅଧୀନ ସୋହଡ଼ା ପଞ୍ଚାୟତର କଣ୍ଟାପାରୀ ଓ ମିଶ୍ରପୁର ଠାରେ ବୈତରଣୀ ନଦୀରେ ୧୦ ଟି ବୋଟ ରହିଥିବା ବେଳେ ସେଥିମଧ୍ୟରୁ ଦୁଇ ଟି ବୋଟ ନଷ୍ଟହୋଇ ଯାଇଛି। ତେବେ ୮ ଟି ବୋଟ ପାଇ ୧୯ ଜଣ ଡ୍ରାଇଭର ଥିବା ବେଳେ ସେମାନଙ୍କୁ ବିଡ଼ିଓ କିମ୍ବା ତହସିଲ ଦାର ଅନୁମତି ଦେଇ ନ ଥିବାରୁ ସେମାନେ ବୋଟ ପାଖରେ ଉପସ୍ଥିତ ଥିବାବେଳେ ଜଣେ ଷ୍ଟାଇ ଡ୍ରାଇଭର ବ୍ଲକ ରେ ପିଅନ କାର୍ଯ୍ୟ କରୁଥିବାବେଳେ ବୋଟ କଥା ବୁଝୁ ନାହାଁନ୍ତି। ଏପଟେ କଣ୍ଟାପାରି ନିକଟରେ ଏକ ବୋଟ ବୁଡିରହିଥିବା ବେଳେ ଅଚାନକ ବନ୍ୟା ଆସିବାରୁ ସେ ବୋଟଟିକୁ ଉଠା ଯାଇ ପାରିନାହିଁ ।ସେପଟେ ମିଶ୍ରପୁର ଠାରେ ମଧ୍ୟ ଏକ ବୋଟ ଅଚଳ ହୋଇପଡ଼ିଛି ହେଲେ ବନ୍ୟା ପାଇ ପ୍ରଶାସନ ପ୍ରସ୍ତୁତ ନଥିବା ଭଳିମନେ ହେଉଚି ।ଏପଟେ ଧାମନଗର ବିଡିଓ ଓ ତହସିଲଦାର ଙ୍କ ସହ ଯୋଗାଯୋଗ କରିବାରୁ ସେ କହିଚନ୍ତି ପ୍ରଶାସନ ସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଥିବାରୁ ସେଦିଗରେ କିଛି କହି ପାରିବେନାହିଁ। ସୂଚନା ଥାଉକି ଗତ ମାସ ଉକ୍ତ ବୋଟ ମରାମତି ପାଇଁ ପାଖାପାଖି ୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଅଚଳ ବୋଟ କୁ ମରାମତି କରାଯାଇଛି ।ଏପଟେ ବୋଟ ବୁଡି ରହିଛି। ଖୋଦ ରାଜ୍ୟସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଶକ୍ତିଶାଳୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିଜ ନିର୍ବାଚନ ମଣ୍ଡଳୀ ଧାମନଗରରେ ବୋଟ ମରାମତି ଦୁର୍ନୀତି ହୋଇଚି। ଏପଟେ ବନ୍ୟା ସମୟରେ ଅଧିକାରିଙ୍କ ମନମୁଖି କାର୍ଯ୍ୟକୁ ସଧାରଣରେ ନାପସନ୍ଦ କରିଛନ୍ତି । ଏ ଦିଗରେ ବିଭାଗୀୟ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମୋହନାରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ମୋହନାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଛି। ସକାଳ ୬ଟାରେ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ(ଏସଏସଡ଼ି) ଛକଠାରେ ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା,ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା,ରାଷ୍ଟ୍ରିୟ ଆଦିବାସୀ ଏକତା ପରିଷଦ, ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା,ରାଷ୍ଟ୍ରିୟ ମୁସଲିମ ମୋର୍ଚ୍ଚା,ରାଷ୍ଟ୍ରିୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ଡାକରାରେ ଗଜପତି ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ଭାରତ ବନ୍ଦକୁ ସଫଳ କରିବା ପାଇଁ ଜାତୀୟ ରାଜପଥ ୩୨୬କୁ ସାଢ଼େ ସାତ ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ସେମାନଙ୍କର ଦାବି ମୁତାବକ ଇଭିଏମ ବନ୍ଦ କରି ବାଲାଟ ପେପର ମାଧ୍ୟମରେ ଭୋଟ ଦେବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଓବିସିମାନଙ୍କର ଜାତିଭିତ୍ତିକ ଗଣନକୁ ବନ୍ଦ କରିବା, ଆରଏସଏସ ଓ ବିଜେପି ଦ୍ୱାରା ମୂଳ ନିବାସୀ ବହୁଜନ ମହାପୁରୁଷମାନଙ୍କୁ ଅପମାନିତ କରାଯିବା, ବୌଦ୍ଧ ଗୟା ମନ୍ଦିର ଆକ୍ଟ ୧୯୪୯ ବିରୋଧରେ ଓ ୱାକଫ୍ ସଂଶୋଧନ ବିଧେୟକ ୨୦୨୫କୁ



ବିରୋଧ କରି ହାଇସ୍କୁଲ ଛକଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ମୋହନା-ବ୍ରହ୍ମପୁର-ରାୟଗଡ଼ା-ପାରଳାଖେମୁଣ୍ଡି ଜାତୀୟ ରାଜପଥ ୩୨୬ ଓ ରାଜ୍ୟ ରାଜପଥ ସୋରଡା ଯିବା ରାସ୍ତାକୁ ଘେରାବନ୍ଦି କରି ସାଢ଼େ ସାତ ଘଣ୍ଟ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକ ଫଳରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଥିବା ଶହ ଶହ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୂରଦୂରାନ୍ତର ଯିବାକୁ ଥିବା ଯାତ୍ରୀମାନେ ଆଜିର ବନ୍ଦ ସଂପର୍କରେ କିଛି ଜାଣିନଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଏହି ରାସ୍ତାରୋକ ବନ୍ଦ ଡାକରାରେ ବିଭିନ୍ନ ସଂଗଠନର ଆବ୍ରାହାମ ଗମାଙ୍ଗ, ଦେବାନନ୍ଦ ନାୟକ, ପ୍ରମୋଦ ନାୟକ,ହାଡ଼ିବନ୍ଧୁ ନାୟକ, ସାଗର ବଳିଆର ସିଂ, ପ୍ରଫୁଲ୍ଲ ପରିଛା, ସୁଶାନ୍ତ ନାୟକ, ପାଶକାଲ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## 'ଗୁହାରି ୨୦୨୫' ଉଦ୍‌ଘାଟିତ

ଭୁବନେଶ୍ୱର,(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି ୨୦୨୫'ର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଆରମ୍ଭ ହୋଇଯାଇଅଛି । ଏହି ତିନିଦିନିଆ ସଙ୍ଗୀତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରର ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦାନ କରୁଅଛନ୍ତି । ପବିତ୍ର ରଥଯାତ୍ରା ସମୟରେ ଏହି ଉତ୍ସବ ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତକୁ ଲୋକ ଲୋଚନକୁ ଆଣି ତାର ପ୍ରଚାର ଓ ପ୍ରସାର କରିବା । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ବିଶିଷ୍ଟ ସଂସ୍କୃତ ଭାଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର; ଓଡ଼ିଶା ସରକାରଙ୍କର ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ପ୍ରଣତୀ ପାତ୍ର; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଦେବଯାନୀ ଭୁୟାଁ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର । ସଂଧ୍ୟାରେ ପ୍ରଥମେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀମାନେ ବୃନ୍ଦ ଗାୟନରେ ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ପରିବେଷଣ କରିଥିଲେ । ଜଗନ୍ନାଥଙ୍କ ଉପରେ ଏହି ପବିତ୍ର ରଥଯାତ୍ରା ସମୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ଗୁହାରି' ଅତ୍ୟନ୍ତ ଉଚ୍ଚାଭିଳାଷ ପଦକ୍ଷେପ ବୋଲି କୁହାଯାଇଛି।

## ଜିରାଙ୍ଗରେ ଏକ ନିଆରା ପରମ୍ପରା ହେରା ପଞ୍ଚମୀରେ ମାନସିକଧାରୀମାନେ ହୁଅନ୍ତି ମୁଣ୍ଡନ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ରାୟଗଡ ବ୍ଲକର ଜିରାଙ୍ଗ ଠାରେ ପବିତ୍ର ମହେନ୍ଦ୍ରତନୟା ନଦୀ ନିକଟରେ ବଳଦେବ ଜୀଉଙ୍କ ବହୁ ପୁରାତନ ମନ୍ଦିର ରହିଛି। ରଥଯାତ୍ରାର ହେରା ପଞ୍ଚମୀ ଦିନ ବହୁ ସଂଖ୍ୟାରେ ଭକ୍ତ ମାନେ ଆସି ନଡ଼ିଆ , କଦଳୀ, ଫୁଲ, ତୁଳସୀ, ଚଣା ସହ ଛେନା ଦହି ଗୁଡ଼ ନଡ଼ିଆରେ ପ୍ରସ୍ତୁତ ପଣା ପୂଜା କରନ୍ତି ।ବଳଦେବ ଜୀଉ ଏଠାରେ ଚଳନ୍ତି ପ୍ରତିମା ଅଟନ୍ତି। ବିଶ୍ୱାସ



ରହିଛି ବଳଦେବ ଜୀଉଙ୍କ ନିକଟରେ ମାନସିକ କରି ପୂଜା କରନ୍ତି ଓ ମାନସିକ ଧାରୀଙ୍କର ମାନସିକ ପୂର୍ଣ୍ଣ ହେଲେ ଏଠାକୁ ଆସି ହେରା ପଞ୍ଚମୀ ଦିନ ଲଣ୍ଡା ଅର୍ଥାତ୍ ମୁଣ୍ଡନ ହୁଅନ୍ତି ଓ ପଣା ଯାହାକି ଦହି ଗୁଡ଼ ଛେନା ଦ୍ୱାରା ପ୍ରସ୍ତୁତ କରି ବଳଦେବ ଜୀଉଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଆଖପାଖ ଅଞ୍ଚଳ ସହ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ମଧ୍ୟ ଶତାଧିକ ଭକ୍ତ ଆସି ଏଠାରେ ପୂଜା କରି ନିଜର ମନସ୍କାମନା କରିଯାଆନ୍ତି ଓ ଆସନ୍ତା ବର୍ଷ ନିଜର ମନସ୍କାମନା ପୂର୍ଣ୍ଣ ହେଲେ ଏଠାରେ ପଣା ଭୋଗ ଲଗାଇ ପୂଜା କରନ୍ତି ଓ ମୁଣ୍ଡନ ହୋଇଥାନ୍ତି।

## ଏଜୁକେସନ୍ କମିଟି ଉଦ୍ୟମରେ ଏନ୍‌ଇପିର ବିକଳ୍ପ ଜନଶିକ୍ଷା ନୀତି ଚିଠା ଖସଡା ଉନ୍ମୋଚିତ

ରାଉରକେଲା,(ନିପ୍ର): ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ ରାଉରକେଲା ଶାଖା ପକ୍ଷରୁ ଆଜି ଜାତୀୟ ଶିକ୍ଷାନୀତି-୨୦୨୦ର ବିକଳ୍ପ, ଜନ ଶିକ୍ଷା ନୀତି ୨୦୨୫ର ଓଡ଼ିଆ ସଂସ୍କରଣ ରାଉରକେଲାରେ ଉନ୍ମୋଚନ କରାଯାଇଛି । ଏହି ଉପଲକ୍ଷେ ରାଉରକେଲା ଛେଣ୍ଡ଼ ସ୍ଥିତ ମଧୁସୂଦନ ପାଠାଗାର ଠାରେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି, ରାଉରକେଲା ଶାଖାର ସଭାପତି ପୀତବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି, ଓଡିଶାର ରାଜ୍ୟ ସମ୍ପାଦକ ସୁବାସ ନାୟକ, ଶିକ୍ଷକ ନେତା ଶରତ କୁମାର ପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ଗଗନ ବିହାରୀ ଧଳ, ବିଷ୍ଣୁ ପଣ୍ଡା, ବୀରେନ ନାଏକ, ସଂଗ୍ରାମ ପରିଡ଼ା ପ୍ରମୁଖଙ୍କ ଉପସ୍ଥିତିରେ ଏହି ଜନଶିକ୍ଷା ନୀତି-୨୦୨୫ର ଓଡ଼ିଆ ସଂସ୍କରଣକୁ ଉନ୍ମୋଚନ କରାଯାଇଥିଲା। ସମଗ୍ର ଦେଶରେ କୋଭିଡ ଲକ ଡାଉନ୍ ଚାଲିଥିବା ବେଳେ କେନ୍ଦ୍ର ସରକାର ଦେଶ ବ୍ୟାପୀ କୌଣସି ବିତର୍କ ନକରି ଶିକ୍ଷା ନୀତିକୁ ଲାଗୁ କରିଛନ୍ତି। ଜାତୀୟ ଶିକ୍ଷା ନୀତି-୨୦୨୦ ବିରୋଧରେ ସମଗ୍ର ଦେଶରେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି ପକ୍ଷରୁ ପ୍ରତିରୋଧ ଆନ୍ଦୋଳନ ଚାଲିଥିବା ସଙ୍ଗେ ସଙ୍ଗେ ଦେଶବ୍ୟାପୀ ବିଶିଷ୍ଟ ଶିକ୍ଷାବିତ୍ ତଥା ଶିକ୍ଷା ସହିତ ଜଡିତ ସମସ୍ତ ସ୍ତରର ବ୍ୟକ୍ତିମାନଙ୍କୁ ଜଡିତ କରି ଏକ ବିକଳ୍ପ ଶିକ୍ଷା ନୀତିର ଖସଡା ଭାବେ ଜନଶିକ୍ଷା ନିତା-୨୦୨୫ର ପ୍ରସ୍ତୁତି କରାଯିବା ସହିତ ଏହାକୁ ଦେଶ ବ୍ୟାପି ଲୋକାର୍ପିତ କରାଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଦର୍ଶାଯାଇଛି ଦେଶର ଅଗ୍ରଗଣ୍ୟ ଶିକ୍ଷାବିତ ଓ ବୁଦ୍ଧିଜୀବୀମାନଙ୍କ ମତାମତ ପ୍ରତି କେନ୍ଦ୍ର ବିଜେପି ସରକାର ସାମାନ୍ୟତମ ଗୁରୁତ୍ୱ ନଦେଇ ରାଜ୍ୟଗୁଡିକ ଉପରେ ଜୋର କରି ଏନ୍‌ଇପି ଶିକ୍ଷାନୀତିକୁ ଲଦି ଦିଆଯାଇଛି। ସଂପ୍ରତି ସୁପ୍ରିମ କୋର୍ଟ ପ୍ରଦାନ କରିଥିବା ରାୟ ଅନୁଯାୟୀ କୌଣସି ରାଜ୍ୟ ନଚାହିଁଲେ ଏହି ରାଜ୍ୟ ଉପରେ କେନ୍ଦ୍ର ସରକାର ଶିକ୍ଷାନୀତିକୁ ଲଦି ଦେଇ ପାରିବେ ନାହିଁ । ଏହା ସତ୍ତ୍ୱେ ଏହା ନୀତିକୁ ଲାଗୁ କରିବାକୁ ଅରାଜି ହେଉଥିବା ରାଜ୍ୟମାନଙ୍କୁ ଅନୁଦାନ ପ୍ରଦାନ କରୁନାହାନ୍ତି । ଏହି ପରିସ୍ଥିତିରେ ବ୍ୟାପକ ସଂଖ୍ୟକ ଶିକ୍ଷକ, ଛାତ୍ର, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ସଂଶ୍ଳିଷ୍ଟ କରି ସମଗ୍ର ଦେଶରେ ଗତ ୫ ବର୍ଷ ମଧ୍ୟରେ ଆୟୋଜିତ ହୋଇଥିବା ଅସଂଖ୍ୟ ସଭା ସମିତି, ଆଲୋଚନାଚକ୍ରୁ ଓ ସେମିନାରରେ ନିର୍ଦ୍ଦିଷ୍ଟ ଭାବରେ ଏହି ମତ ପ୍ରକାଶ ପାଇଛି ଯେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁକରି କେନ୍ଦ୍ର ସରକାର ପ୍ରକୃତରେ ଭାରତର ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଦ୍ରୁତ ବ୍ୟବସାୟୀକରଣ ଓ ଘରୋଇକରଣ ମାଧ୍ୟମରେ ଧ୍ୱଂସ ମୁହଁକୁ ଠେଲିଦେବା ପାଇଁ ଉଦ୍ୟମ କରୁଛନ୍ତି । ତେଣୁ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁରକ୍ଷା କରିବା ପାଇଁ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି




ଜନସାଧାରଣଙ୍କର ବିକଳ୍ପ ଶିକ୍ଷାନୀତିର ଏହି ଚିଠାକୁ ଦୀର୍ଘଦିନ ଧରି ଦେଶବ୍ୟାପୀ ହଜାର ହଜାର ଶିକ୍ଷକ, ଶିକ୍ଷାବିତ୍, ଶିକ୍ଷାପ୍ରେମୀ ଜନସାଧାରଣ, ଛାତ୍ର ତଥା ବିଭିନ୍ନ ବର୍ଗର ଲୋକଙ୍କଠାରୁ ସଂଗୃହୀତ ମତାମତ ଆଧାରରେ ପ୍ରସ୍ତୁତ କରିଛି। ଜନସାଧାରଣଙ୍କର ବିଭିନ୍ନ ବର୍ଗଙ୍କ ଠାରୁ ଆସିଥିବା ଶହ ଶହ ସଂଶୋଧନ ପ୍ରସ୍ତାବ, ମତାମତ ଆଧାରରେ ଏହି ଚିଠା ପ୍ରସ୍ତୁତ କରାଯାଇଛି। ଏହି ଜନ ଶିକ୍ଷାନୀତି ୨୦୨୫କୁ ଏକ ବୈଜ୍ଞାନିକ, ଧର୍ମନିରପେକ୍ଷ ଓ ଗଣତାନ୍ତ୍ରୀକ ଶିକ୍ଷା ନୀତିଭାବେ ପ୍ରସ୍ତୁତ କରାଯାଇଛି ବୋଲି ଦର୍ଶାଯାଇଛି । ଏହି ଶିକ୍ଷା ନୀତି ଶିକ୍ଷା ପାଇଁ କେନ୍ଦ୍ରୀୟ ବଜେଟର ୧୦ ପ୍ରତିଶତ ଓ ରାଜ୍ୟ ବଜେଟର ୨୦ରୁ ୨୫ ପ୍ରତିଶତ ବ୍ୟୟବରାଦ କରିବା ପାଇଁ ସୁପାରିସ କରାଯାଇଛି । ଶିକ୍ଷାକୁ ରାଜ୍ୟ ତାଲିକା ଭୁକ୍ତ କରିବା ପାଇଁ ଏହି ଶିକ୍ଷା ନୀତିରେ ସୁପାରିସ କରାଯିବା ସଙ୍ଗେ ସଙ୍ଗେ ଯେତେ କମ୍ ଉପସ୍ଥାନ ହେଲେ ମଧ୍ୟ ଗ୍ରାମରେ ବିଦ୍ୟାଳୟ ପାଇଁ ସୁପାରିସ କରାଯାଇଛି । ଏହି ଶିକ୍ଷାନୀତିରେ ୩ରୁ ୧୭ ବର୍ଷର ପ୍ରତ୍ୟେକଙ୍କ ପାଇଁ ମାଗଣା ଶିକ୍ଷାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଦାବି କରାଯାଇଛି । ୫+୩+୩+୪ ବଦଳରେ ୧୦+୨ ବ୍ୟବସ୍ଥାକୁ ଜାରି ରଖିବା ସଙ୍ଗେ ସଙ୍ଗେ ବିନା ବାଧ୍ୟତାମୂଳକ ଭାବେ ଉତ୍ତମ ବ୍ୟବସ୍ଥା ଥିବା ପ୍ରି-ପ୍ରାଇମେରୀ ଶିକ୍ଷାର ପ୍ରଚଳନ । ଜାତୀୟ ଶିକ୍ଷା ନୀତିରେ ଚାଲୁ କରାଯାଇଥୁବା ଚାରିବର୍ଷିଆ ଡିଗ୍ରୀ କୋର୍ସ ଓ ଏକ ବର୍ଷିଆ ପି.ଜି. କୋର୍ସ ତୁରନ୍ତ ବନ୍ଦ କରି ତିନି ବର୍ଷିଆ ଡିଗ୍ରୀ କୋର୍ସ ଓ ଦୁଇ ବର୍ଷିଆ ପି.ଜି. କୋର୍ସ ଚଳାଇବା ପାଇଁ ସୁପାରିଶ କରାଯାଇଛି। ସେମିଷ୍ଟାର୍ ବଦଳରେ ବାର୍ଷିକ ପରୀକ୍ଷା, ଏମ୍.ଫିଲ୍ ବ୍ୟବସ୍ଥାର ପୁନଃପ୍ରଚଳନ, ମାତୃଭାଷା ଓ ଇଂରାଜୀକୁ ଶିକ୍ଷାର ମାଧ୍ୟମ ଭାବେ ଗୁରୁତ୍ୱ ପ୍ରଦାନ, ବିଶ୍ୱବିଦ୍ୟାଳୟ ସ୍ତରରେ ଅତିଥି ଅଧାପକ, ପ୍ରଫେସର ଅଫ ପ୍ରାକ୍ଟିସ ଆଦି ବଦଳରେ ନିୟମିୟ ଶିକ୍ଷକ ନିଯୁକ୍ତି ଆଦି ପାଇଁ ଏହି ଶିକ୍ଷାନୀତିର ଖସଡାରେ ସୁପାରିଶ କରାଯାଇଛି। ସେହିପରି ପାଠ୍ୟକ୍ରମ ପ୍ରସ୍ତୁତି କ୍ଷେତ୍ରରେ କୌଣସି ଅବୈଜ୍ଞାନିକ ମନୋଭାବ ପୋଷଣ ନକରି ବିଜ୍ଞାନସମ୍ମତ ଭାବେ ବିଶ୍ୱରେ ଗଢିଉଠିଥିବା ଜ୍ଞାନଭଣ୍ଡାରକୁ କିପରି ପାଠ୍ୟକ୍ରମରେ ସୁବ୍ୟବସ୍ଥିତ ଭାବେ ସ୍ଥାନିତ କରାଯିବ ତାହା ଦେଖିବା ଶିକ୍ଷାନୀତିରେ ସୁପାରିଶ କରାଯାଇଛି ।

ତିଥି : (ଅଷ୍ଟମୀ) : (ହସ୍ତା କନ୍ୟା)
ଅମୃତବେଳା: ଦିବା ଘ୪।୦ ଗତେ ଘ ୬।୨୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ନିଆଁ ଆମକୁ ଉଷ୍ମତା ଦେଉଛି ତାହା ଆମକୁ ମଧ୍ୟ ଜାଳିଦେଇପାରେ,ସୁତରାଂ ନିଆଁର କିଛି ଦୋଷ ନାହିଁ।
- ବିବେକାନନ୍ଦ

# ଯୁବଗୋଷ୍ଠୀ ସତର୍କ ରୁହନ୍ତୁ

କରୋନା ଟିକା କାରଣରୁ ହୃଦ୍‌ଘାତ ଆଶଙ୍କା ବୃଦ୍ଧି ପାଉଥିବା ସଂକ୍ରାନ୍ତରେ ଦୀର୍ଘଦିନ ହେବ ବିବାଦ ଓ ବିଭ୍ରାନ୍ତି ଲାଗି ରହିଥିବାବେଳେ ଏଥିରେ ଅବସାନ ଘଟିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ବୁଧବାର ଏକ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛି ଆଇସିଏମ୍‌ଆର୍ ଓ ଏନ୍‌ସିଡିସିର ବିଭିନ୍ନ ଅଧ୍ୟୟନରେ ଜଣାପଡ଼ିଛି କୋଭିଡ -୧୯ ଲାଗି ଉଦ୍ଦିଷ୍ଟ ଟିକାଗୁଡ଼ିକ ନିରାପଦ ତଥା ଫଳପ୍ରଦ। ଏହାର ଗୁରୁତର ପ୍ରତିକୂଳର ପ୍ରଭାବ ପଡ଼ିବା ଘଟଣା ଖୁବ୍ କ୍ୱଚିତ।

ଏ ସଂପର୍କିତ ଗବେଷଣାଗୁଡ଼ିକରେ ଦର୍ଶାଯାଇଛି ଯେ ଆକସ୍ମିକ ଭାବରେ ଅପ୍ରତ୍ୟାଶିତ ମୃତ୍ୟୁ ଲାଗି ଦାୟୀ ହେଉଥିବା କାରଣଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଜୀବନଶୈଳୀ ବିକଳ୍ପ, ଆନୁବଂଶିକ ସମ୍ଭାବ୍ୟତା ଓ ଦୀର୍ଘଦିନ ଧରି ରହିଥିବା ବିଭିନ୍ନ ଜଟିଳ ରୋଗ। ଯୁବକମାନଙ୍କଠାରୁ ଆକସ୍ମିକ ମୃତ୍ୟୁ ନେଇ ପ୍ରମୁଖ କାରଣ ମଧ୍ୟରେ ହୃଦ୍‌ରୋଗ ସବା ଆଗରେ ରହିଛି। ମନ୍ତ୍ରଣାଳୟର ବିବୃତିରେ ମଧ୍ୟ ଉଲ୍ଲେଖ କରାଯାଇଛି ଯୁବ ଗୋଷ୍ଠୀଙ୍କ ଠାରେ ଦେଖାଯାଉଥିବା ହୃଦ୍‌ଘାତ ସମେତ ଅପ୍ରତ୍ୟାଶିତ ମୃତ୍ୟୁଗୁଡ଼ିକ ସହ କୋଭିଡ-୧୯ ଟିକାର କୌଣସି ସଂଯୋଗ ନ ଥିବା ବିଷୟ ଭାରତର ଉଚ୍ଚତମ ମେଡିକାଲ ରିସର୍ଚ୍ଚ ସଂସ୍ଥାନଗୁଡ଼ିକର ବ୍ୟାପକ ଗବେଷଣାରୁ ଜଣାପଡ଼ିଛି। ସୁତରାଂ ଏ ବିବୃତି ଦର୍ଶାଏ ଯେ କୋଭିଡ-୧୯ ଟିକା ସହ ଆକସ୍ମିକ ପ୍ରତିକୂଳ ଘଟଣା ନେଇ ରହିଥିବା ବ୍ୟାପକ ଉଦ୍‌ବେଗ ଓ ବିଭ୍ରାନ୍ତିକୁ ଦୂର କରିବା ଲାଗି ଉଦ୍ଦିଷ୍ଟ।

ସ୍ମରଣ କରାଯାଇପାରେ ଆମେରିକା ସ୍ଥିତ ୟୁନିଭର୍ସିଟି ଅଫ୍ ଟେକ୍ସାସ ଠାରେ କାର୍ଯ୍ୟରତ ଭାରତୀୟ ବୈଜ୍ଞାନିକ ଡକ୍ଟର ସରୋଜ କୁମାର ପଣ୍ଡା ଓ ଡିଓ୍ୱାଇ ପାଟିଲ ୟୁନିଭର୍ସିଟିରେ କାର୍ଯ୍ୟରତ ଡକ୍ଟର ପାର୍ଥସାରଥୀ ସେନଗୁପ୍ତା କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ବଢ଼େ କି ନାହିଁ ସେ ସଂପର୍କରେ ଗବେଷଣା କରିଥିଲେ। ତାହାର ନିଷ୍କର୍ଷରୁ ଜଣାପଡ଼ିଥିଲା କୋଭିଡ ଭାଇରସ ଶରୀରରେ ପ୍ରବେଶ କରିବା ପରେ ପ୍ରଥମେ ରକ୍ତ କଣିକାରେ ଥିବା ଫିବ୍ରିନୋଜେନ ନାମକ ଏକ ପ୍ରକାର ପ୍ରୋଟିନ ସହିତ ମିଶେ। ସେତେବେଳେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫିବ୍ରିନୋଜେନ ହେଉଛି ରକ୍ତଜମାଟକାରୀ ଏକ ଉପାଦାନ। କରୋନା ରୋଗୀଙ୍କ ଠାରେ ଏ ପ୍ରକ୍ରିୟା ଘଟିବାର ଅଧିକ ଆଶଙ୍କା ଥାଏ। ତେଣୁ ରୋଗୀ ଠାରେ ହୃଦ୍‌ଘାତ ଓ ଷ୍ଟ୍ରୋକ୍ ହେବାର ଆଶଙ୍କା ବଢ଼ାଇଥାଏ। କରୋନା ଭାଇରସର ସ୍ପାଇକ୍ ପ୍ରୋଟିନ ହୃତ୍‌ପିଣ୍ଡରେ ଥିବା ଏସିଇ -୨ପ୍ରୋଟିନ ସହ ମିଶେ। ପରିଣାମରେ ହୃତ୍‌ପିଣ୍ଡ ଏହାର ରକ୍ତନଳୀ ସ୍ନାୟୁକୁ ଦୁର୍ବଳ କରିଥାଏ। କୋଭିଡ-୧୯ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବା ପଛରେ ଏପରି ପ୍ରକ୍ରିୟା ଦାୟୀ। ତେଣୁ ଟିକା ନେଇ ନଥିବା କରୋନା ଆକ୍ରାନ୍ତଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ବଢ଼ିବାରେ କୌଣସି ଅସ୍ୱାଭାବିକତା ନାହିଁ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଦ୍ୟ ବିବୃତି କରୋନା ଟିକାର ଫଳପ୍ରଦତାକୁ ଅଧିକ ସାବ୍ୟସ୍ତ କରି ଜନସାଧାରଣରେ ଆସ୍ଥାଭାଜନ କରିଛି। କରୋନା ଆକ୍ରାନ୍ତ ନ ହେବା ନେଇ ପ୍ରତିକାରଗୁଡ଼ିକ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ହୃଦ୍‌ରୋଗର ଯେଉଁସବୁ କାରକ ରହିଛି ସେଥିପ୍ରତି ଯୁବପିଢ଼ି ସତର୍କତା ଅବଲମ୍ବନ କରିବା ଦରକାର। ଫାଷ୍ଟଫୁଡ୍ ଗ୍ରହଣ, ଅନିୟମିତତା ଜୀବନଚର୍ଯ୍ୟା, ଆଳସ୍ୟ ଓ ଅନ୍ୟାନ୍ୟ ପ୍ରତିକୂଳ ସ୍ଥିତି ପ୍ରତି ଯୁବପିଢ଼ି ଯେତେ ସତର୍କ ରହିବ ସେତେ ଭଲ, ନଚେତ୍ ହୃଦ୍‌ରୋଗ ଓ ଅନ୍ୟାନ୍ୟ ଜଟିଳ ରୋଗକୁ ଆମନ୍ତ୍ରଣ କରିବା କିଛି ବିଚିତ୍ର ନୁହେଁ।

# ନୟନ ପଥଗାମୀ ଡାକେ ଭକତ...

## ଇନ୍ଦୁ ଭୂଷଣ ଭୂୟାଁ

ବ୍ରିଟିଶ ଶାସନ ସମୟରେ ସରକାରୀ ନଥିପତ୍ରରେ ଠାଏ ଠାଏ ପୁରୀ ଜାଗାରେ ଜଗନ୍ନାଥ ଶବ୍ଦ ବ୍ୟବହୃତ ହୋଇଛି। ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ।

ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧ୍ୟମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି। ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ। ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ। ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି।



ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିରେ ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବ ଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ। ବିଭିନ୍ନ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସର୍ବଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି। ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନୀଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ। ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମ ଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକ ବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୂହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜ୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦୃଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷ୍ୟରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖୁଛି - 'ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ଡାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।'

ଜାମସେଦପୁର, ମୋ: ୯୨୦୪୬୫୨୦୬୫

“

**ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ଅନୁଭବ କରିଥାନ୍ତି ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ଲାଭ କରି ମଣିଷ ଜୀବନର ପୁଣ୍ୟ ସାର୍ଥକତା ଲାଭ କରିବା ପାଇଁ। ସେହି ପୁଣ୍ୟତା ମଧ୍ୟରେ ଯଦି ପ୍ରତ୍ୟେକ ଦର୍ଶନାର୍ଥୀ ନିଜ ବାଡି ବଗିଚା, ଲଣ୍ଡା ପାହାଡ଼, ଆଖପାଖର ଖୋଲା ଜାଗାରେ କିମ୍ବା ଗାଁ ରାସ୍ତା କଡ଼ରେ ରଥ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା କାଠର ଚାରୋଟିଏ ଅଥବା ଔଷଧ ବୃକ୍ଷର ଚାରାଟିଏ ଲଗାଇ ଜଗା ଦର୍ଶନରେ ଆସିବା ତେବେ ତେବେ ଜନ୍ମର ପୁଣ୍ୟତା ବୃଦ୍ଧି ସହ ପରିବେଶର ସନ୍ତୁଳନତା ରକ୍ଷା କରିପାରିବା। ମାଟି ମା' ହିଁ ଆମ ସମସ୍ତଙ୍କ ଜୀବନର ଆଧାର । ତେଣୁ ମାଟି ମା'ର ଯତ୍ନ ନେବା ଆମମାନଙ୍କର ପ୍ରଧାନ କର୍ତ୍ତବ୍ୟ। ଜଗାଙ୍କ ନାମରେ ବୃକ୍ଷ ରୋପଣ ଦ୍ୱାରା ନିଜର ଆତ୍ମ ତୃପ୍ତ ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି କରି ସମାଜରେ ସମ୍ମାନିତ ହେବା, ଏହାଛଡା ମାଟି ମା'ର ମଧ୍ୟ ସୁରକ୍ଷା ହୋଇପାରିବ ବିଗତ ଦଶନ୍ଧିରେ ଭାରତର ସମସ୍ତଙ୍କ ପ୍ରଚେଷ୍ଟା ଫଳରେ ଜଙ୍ଗଲ କ୍ଷେତ୍ରର ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି।**

# ଜଗା ପାଇଁ ଗଛଟିଏ

## କିଶୋର ଚନ୍ଦ୍ର ବେହେରା

ସ୍ୱାସ୍ଥ୍ୟ ହିଁ ସମ୍ପଦ। ବୃକ୍ଷ ହିଁ ଜୀବନ। ମଣିଷ ଜୀବନ ପାଇଁ ବୃକ୍ଷ କେତେ ଗୁରୁତ୍ୱପୂର୍ଣ୍ଣ। ଯେଉଁମାନେ ଏହି କଥାକୁ ଭଲ ଭାବେ ବୁଝିଛନ୍ତି ସେମାନେ ଚାରାରୋପଣକୁ ସେତିକି ଗୁରୁତ୍ୱ ଦେଉଛନ୍ତି। ବେଦରେ ବର୍ଣ୍ଣିତ ଅଛି ଶ୍ରେଷ୍ଠତମ କର୍ମଃ ଯଜ୍ଞ। ଏହି ସଂସାରର ସବୁଠାରୁ ଶ୍ରେଷ୍ଠତମ କର୍ମ ହେଉଛି ଯଜ୍ଞ । କାରଣ ଯଜ୍ଞ ବିନା ପୃଥିବୀରେ ମେଘ ସୃଷ୍ଟି ହୋଇ ପାରିବନାହିଁ । ମେଘ ନ ହେଲେ ଶସ୍ୟ ଅମଳ ହେବ ନାହିଁ । ବର୍ତ୍ତମାନ ପୃଥିବୀରେ ଅନେକ ସମସ୍ୟା ମୁଣ୍ଡ ଟେକି ଉଠିଛି । ଠିକ୍ ସମୟରେ ବର୍ଷା ନ ହେବା, ସମୁଦ୍ର ପତନ ବୃଦ୍ଧି ପାଇବା, ବାତ୍ୟା ବନ୍ୟା ଅତ୍ୟଧିକ ମାତ୍ରାରେ ହେବା ଇତ୍ୟାଦି । ଏ ସମସ୍ତ ସମସ୍ୟାର ଏକମାତ୍ର ସରଳ ସମାଧାନ ହେଉଛି ବୃକ୍ଷରୋପଣ । ପର୍ଯ୍ୟାପ୍ତ ବୃକ୍ଷର ଅଭାବରେ ତାପମାତ୍ରାର ଲଗାତାର ବୃଦ୍ଧି ଯୋଗୁଁ ଦେଶରେ ନାନା ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି । ବେଦରେ ବୃକ୍ଷକୁ ଦେବତା ବୋଲି କୁହାଯାଇଛି । ବୃକ୍ଷ ହିଁ ଜୀବନ। ବିନା ବୃକ୍ଷର ସହାୟତାରେ ଜୀବଜଗତ ତିଷ୍ଠି ପାରିବ ନାହିଁ । ତେଣୁ ଜୀବଜଗତର ମିତ୍ର ଭାବେ ବୃକ୍ଷକୁ ଗ୍ରହଣ କରାଯାଇଛି । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ମଧ୍ୟ ଭାରତୀୟ ପରମ୍ପରାରେ ଅନେକ ବୃକ୍ଷକୁ ପୂଜା କରିବାର ବିଧି ରହିଛି । ବର, ଅଶ୍ୱତ୍ଥ , ତୁଳସୀ, ନିମ୍ବ ଆଦି ବୃକ୍ଷ ଆମ ସଂସ୍କୃତିରେ ପବିତ୍ର । ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି । ବର ଓ ଅଶ୍ୱତ୍ଥ ଭଳି ପ୍ରକାଣ୍ଡକାୟ ବୃକ୍ଷମାନେ ଶୀତଳ ଛାୟା ପ୍ରଦାନ କରିବା ସହ ଅନବରତ ଜୀବ ଜଗତକୁ ଅମ୍ଳଜାନ ଯୋଗାଇ ଥାଆନ୍ତି। ଏହିପରି ଅନେକ ବୃକ୍ଷ ଆମର ଉପକାର କରିଥାନ୍ତି । ଚାଣକ୍ୟ ନୀତି ଶାସ୍ତ୍ରରେ କହିଛନ୍ତି- 'ଦଶ ପୁତ୍ରୋ ସମ ଦ୍ରୁମ' । ଅର୍ଥାତ୍ ଦଶଟି ପୁତ୍ର ଜନ୍ମ ଦେବା ଅପେକ୍ଷା ଗୋଟିଏ ବୃକ୍ଷରୋପଣ କରି ତାକୁ ବଞ୍ଚାଇବା ଶ୍ରେୟସ୍କର । ଆହୁରି କୁହାଯାଇଛି 'ପରୋପକାରାୟ ଫଳନ୍ତି ବୃକ୍ଷା' । ସୁମିଷ୍ଟ ଫଳ, ସୁଶୀତଳ ଛାୟା, କାଠ, ଅମ୍ଳଜାନ, ଜଳ ଆଦିକୁ ବୃକ୍ଷ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୋଗାଇଥାଏ । ଗୋଟିଏ ବୃକ୍ଷ ତାର ଜୀବନକାଳ ଭିତରେ ବିଶେଷ କରି ମନୁଷ୍ୟକୁ ଅନେକ ସାହାଯ୍ୟ କରେ । ବର୍ଷିକୁ ପ୍ରାୟ ପାଖାପାଖି ତିନି ଲକ୍ଷ ଟଙ୍କାର ଅମ୍ଳଜାନ, ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବର୍ଷା ଦିଏ । ମୃତ୍ତିକା ସଂରକ୍ଷଣ କରେ । ଚରକ ଓ ଶୁଶ୍ରୁତଙ୍କ ମତରେ ପୃଥିବୀରେ ଏପରି ଏକ ବୃକ୍ଷ ନାହିଁ ଯାହାର କି ଔଷଧୀୟ ଗୁଣ ନାହିଁ । ପୂର୍ବ କାଳରେ ପ୍ରତ୍ୟେକ ଗାଁ ଗଣ୍ଡାରେ ତୋଟାମାନ ଦେଖିବାକୁ ମିଳୁଥିଲା । ଏହି ତୋଟା ଦ୍ୱାରା ଅନେକ ଉପକାର ସାଧିତ ହେଉଥିଲା । ବାତ୍ୟା ପବନରୁ ଏହି ଗଛ ହିଁ ସୁରକ୍ଷା ଦେଉଥିଲା । ବର୍ତ୍ତମାନ ଗାଁ ଗହଳିରେ ତୋଟା ଏକ ପ୍ରକାର ସ୍ୱପ୍ନ ପାଲଟି ଯାଇଛି । ବୃକ୍ଷହୀନତା କାରଣରୁ ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି ଓ ଜନଜୀବନ ହାହାକାର ହେବାର ଲାଗିଛି। ତେଣୁ ଆଜିଠାରୁ ହିଁ ଆମେ ବଞ୍ଚିବା ପାଇଁ ନିଜେ ସଚେତନତା ବାର୍ତ୍ତା ବାଣ୍ଟିବା ସହ ଆମକୁ ଚାରା ଟିଏ ରୋପଣ କରିବାକୁ ପଡ଼ିବ 'ଜଗନ୍ନାଥଙ୍କ ନବ ଦିନାତ୍ମକ ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା ପାଇଁ' ।

ମୌସୁମୀ ଆଗମନ ଫଳରେ କୃଷକମାନଙ୍କ ଚାଷ କାମ ଆରମ୍ଭ ସହ ପରିବେଶର ସବୁଜିମା କରିବା ପାଇଁ ଆରମ୍ଭ ହୋଇଗଲାଣି ବୃକ୍ଷ ରୋପଣ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ପୁରୀର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରତିବର୍ଷ ନୟାଗଡ଼ ଜିଲାର ଦଶପଲ୍ଲା ଓ ଆଖପାଖ ଅଞ୍ଚଳରୁ ହିଁ ରଥକାଠ ପଠାଯାଇଥାଏ। କିନ୍ତୁ ପୂର୍ବଭଳି ନୟାଗଡ଼ ଜିଲା ଜଙ୍ଗଲଗୁଡ଼ିକରେ ରଥ ଉପଯୋଗୀ ସମସ୍ତ କାଠ ମିଳୁ ନ ଥିବା ସୂଚନା ମିଳିଛି। ତେଣୁ ଜିଲାର ବହୁ ବଦାନ୍ୟ ବ୍ୟକ୍ତି ସେମାନଙ୍କ ବିଲ, ବାଡ଼ିରେ ଥିବା ଫାଶି ଓ ଅସନ ଭଳି ବୃକ୍ଷକୁ ରଥକାଠ ନିମନ୍ତେ ଦାନ ଆକାରରେ ଦେଇଥାନ୍ତି। ତେବେ ସବୁବର୍ଷ ବେସରକାରୀ ସୂତ୍ରରୁ ଏହି





କାଠ ଯୋଗାଣ କରିବାରେ ସମସ୍ୟା ଦେଖାଦେଇଛି। ଏଥିପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ 'ଜଗା ପାଇଁ ଗଛଟିଏ' ସ୍ଲୋଗାନ ଦେଇ ଘୋଷଯାତ୍ରା ଅବସରରେ ରଥକାଠ ଉପଯୋଗୀ ଓ ପରିବେଶ ସୁରକ୍ଷା ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରାଗଲେ ଆଗକୁ ଅମ୍ଳଜାନ ଅଭାବ ଜନିତ ଭୟଙ୍କର ପରିସ୍ଥିତିର ସାମ୍ନା କରିବା ପାଇଁ ପଡିବ ନାହିଁ । ଜଗନ୍ନାଥଙ୍କ ନବଦିନାତ୍ମକ ବିଶ୍ୱ ପ୍ରସିଦ୍ଧ ଘୋଷ ଯାତ୍ରା ଦେଖିବା ପାଇଁ ଭାରତ ତଥା ବିଦେଶରୁ ଅନେକ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁମାନେ ସପରିବାର ସହ ପୁରୀକୁ ଆସିଥାନ୍ତି ଜଗା ଦର୍ଶନ ପାଇଁ। ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ ନିର୍ମାଣ ପାଇଁ ପ୍ରାୟ ୭୯୬ ଖଣ୍ଡ କାଠର ଆବଶ୍ୟକତା ପଡ଼ିଥାଏ ଫାଶି, ଶିମିଳି, ଅଶନ, ଧଉରା, ରାଇ ଓ ମଇ ଭଳି ମୂଲ୍ୟବାନ କାଠ । ଏହି ସମସ୍ତ କାଠର ଅଭାବ ଆମ୍ଭମାନଙ୍କୁ ପୂରଣ କରିବାକୁ ପଡ଼ିବ । ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ଅନୁଭବ କରିଥାନ୍ତି ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ଲାଭ କରି ମଣିଷ ଜୀବନର ପୁଣ୍ୟ ସାର୍ଥକତା ଲାଭ କରିବା ପାଇଁ। ସେହି ପୁଣ୍ୟତା ମଧ୍ୟରେ ଯଦି ପ୍ରତ୍ୟେକ ଦର୍ଶନାର୍ଥୀ ନିଜ ବାଡି ବଗିଚା, ଲଣ୍ଡା ପାହାଡ଼, ଆଖପାଖର ଖୋଲା ଜାଗାରେ କିମ୍ବା ଗାଁ ରାସ୍ତା କଡ଼ରେ ରଥ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା କାଠର ଚାରୋଟିଏ ଅଥବା ଔଷଧ ବୃକ୍ଷର ଚାରାଟିଏ ଲଗାଇ ଜଗା ଦର୍ଶନରେ ଆସିବା ତେବେ ତେବେ ଜନ୍ମର ପୁଣ୍ୟତା ବୃଦ୍ଧି ସହ ପରିବେଶର ସନ୍ତୁଳନତା ରକ୍ଷା କରିପାରିବା। ମାଟି ମା' ହିଁ ଆମେ ସମସ୍ତଙ୍କ ଜୀବନର ଆଧାର ତେଣୁ ମାଟି ମା'ର ଯତ୍ନ ନେବା ଆମ ମାନଙ୍କର ପ୍ରଧାନ କର୍ତ୍ତବ୍ୟ। ଜଗାଙ୍କ ନାମରେ ବୃକ୍ଷ ରୋପଣ ଦ୍ୱାରା ନିଜର ଆତ୍ମ ତୃପ୍ତ ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି କରି ସମାଜରେ ସମ୍ମାନୀତ ହେବା, ଏହାଛଡା ମାଟି ମା'ର ମଧ୍ୟ ସୁରକ୍ଷା ହୋଇପାରିବ ବିଗତ ଦଶନ୍ଧିରେ ଭାରତର ସମସ୍ତଙ୍କ ପ୍ରଚେଷ୍ଟା ଫଳରେ ଜଙ୍ଗଲ କ୍ଷେତ୍ରର ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି।

ଜୁଲାଇ ପହିଲାରୁ ଆରମ୍ଭ ହୋଇଗଲାଣି ଆମ ଦେଶରେ 'ବନ ମହୋତ୍ସବ ସପ୍ତାହ' । ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ସହ ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହା ଠାରୁ ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି। ଏହି ଅବସରରେ ସାରା ଭାରତରେ ବର୍ଷରେ ପାଳନ କରାଯାଉଛି ୭୬ ତମ 'ବନ ମହୋତ୍ସବ ସପ୍ତାହ'। ସୌଭାଗ୍ୟକୁ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନ ଦେଉଛନ୍ତି ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରରେ । ଆଡ଼ପ ମଣ୍ଡପରେ ବିଭିନ୍ନ ବେଶରେ ଦର୍ଶନ ଦେଉଥିବା ବେଳେ ଜୁଲାଇ ପହିଲାରୁ ଆରମ୍ଭ ହେଉଛି ବନମହୋତ୍ସବ ସପ୍ତାହ। ମହାପ୍ରଭୁଙ୍କ ଜନ୍ମବେଦୀରୁ ଶ୍ରୀମନ୍ଦିର ବାହୁଡ଼ା ଯାତ୍ରା ନୀଳାଦ୍ରି ବିଜେ ଦିନ ବନମହୋତ୍ସବ ସପ୍ତାହର ଅନ୍ତିମ ଦିବସ। ତେଣୁ ଏହି ଯାତ୍ରାକୁ ଯେତେ ସବୁ ଭକ୍ତମାନଙ୍କ ଆଗମନ ହେବ ସମସ୍ତ ଭକ୍ତ ବୃନ୍ଦ ଗୋଟିଏ ଲେଖାଏଁ ଚାରା ରୋପଣ କରନ୍ତି ତେବେ ମହାପ୍ରଭୁଙ୍କ ଘୋଷଯାତ୍ରା ସଫଳତା ଲାଭ କରିପାରିବ । ତେଣୁ ଆସନ୍ତୁ ଶପଥ ନେବା ପୃଥିବୀକୁ ଏକ ସବୁଜ ବଳୟରେ ବେଢ଼ାଇବା । ଏଥିପାଇଁ ସରକାରଙ୍କ ତରଫରୁ ଆୟୋଜିତ ସାମାଜିକ ବନୀକରଣ, ପଥପ୍ରାନ୍ତ ବୃକ୍ଷରୋପଣ, ଉଜୁଡା ଜଙ୍ଗଲର ଉଦ୍ଧାର ଆଦି କାର୍ଯ୍ୟରେ ସହଯୋଗ କରିବା । ଚାରା ରୋପଣ କ୍ଷେତ୍ରରେ ଉଚ୍ଚଶିକ୍ଷା ଅନୁଷ୍ଠାନର ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ଯେପରିକି ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଏନ୍. ସି. ସି, ଭାରତ ସ୍କାଉଟ ଗାଇଡ, ମୋ କଲେଜ ଅଭିଯାନ ଏବଂ ରେଡ୍ ରିବନ କ୍ଲବ୍ ଛାତ୍ରଛାତ୍ରୀମାନେ ସାମୁହିକ ତତ୍ତ୍ୱାବଧାନରେ ଗଛ ଗୁଡ଼ିକର ଉଚିତ୍ ସୁରକ୍ଷା ଲାଗି ବାଡ ଘେରାଇବା ସହିତ ଆବଶ୍ୟକୀୟ ପାଣି ଓ ସାର ଦେଇ ଉପଯୁକ୍ତ ରକ୍ଷଣାବେକ୍ଷଣ କରିଥାନ୍ତି। ଅନେକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ଜନ୍ମଦିନ ପାଳନ କରିଥାଆନ୍ତି ଲଗାଇ ଥିବା ଗଛ ପାଖରେ, ଯାହାକି ସ୍ମୃତି ହୋଇ ରହିଥାଏ ଜନ୍ମ ଦିନଟି। ସାମୂହିକ ଧ୍ୱନି ମଧ୍ୟରେ 'ଗଛ ଗଛ ଗଛ, ଆଉ ସବୁ ପଛ', 'ଜଗା ପାଇଁ ଗଛଟିଏ, ରଥ ପାଇଁ କାଠ ଟିଏ', 'ଗଛ ବଞ୍ଚିଲେ ଆମେ ବଂଚିବା' ଓ 'ଗୋଟିଏ ଗଛ କୋଟିଏ ଜୀବନ' ଏହି ବିବୃତିକୁ ଆଧାର କରି ସୃଷ୍ଟି କରିବା ସବୁଜ ବନାନୀ।

ଜିଲ୍ଲା: କୋରାପୁଟ,

“

**ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନେ ଯେଉଁ ସ୍ଥାନରେ ଏକ ସପ୍ତାହବ୍ୟାପୀ ଅବସ୍ଥାନ କରିଥାନ୍ତି। ତାହାକୁ ଆଡ଼ପ ମଣ୍ଡପ ବୋଲି କୁହାଯାଇଥାଏ। କିନ୍ତୁ 'ନୀଳାଦ୍ରି ମହୋଦୟ'ରେ ଏହି ସ୍ଥାନକୁ 'ଯଜ୍ଞବେଦୀ' ଏବଂ ସ୍କନ୍ଦ ପୁରାଣରେ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି। କବି ଦୀନକୃଷ୍ଣ ଦାସ ମଧ୍ୟ ତାଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରିଛନ୍ତି। ଅପର ପକ୍ଷରେ ଆଡ଼ପ ମଣ୍ଡପ ମାହାତ୍ମ୍ୟ ସଂପର୍କରେ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ସ୍ୱପ୍ନରେ ନିର୍ଦ୍ଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସୁନାର ଶଗଡ଼ ଧରି ସମୁଦ୍ରକୂଳସ୍ଥ ଚକ୍ରତୀର୍ଥ ଠାରେ ଆବିର୍ଭୂତ ଦାରୁ ନିକଟକୁ ଗଲେ। ବସୁ ଶବରକୁ ମଧ୍ୟ ନିମନ୍ତ୍ରଣ କରିଥିଲେ।**

# ଶ୍ରୀଜଗନ୍ନାଥଙ୍କ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର

## ସନ୍ତୋଷ କୁମାର ଦାଶ

ଶ୍ରୀ ନୀଳାଚଳ କ୍ଷେତ୍ର ପୁରୀର ଅନ୍ୟତମ ପୁଣ୍ୟ ସ୍ଥାନ ହେଉଛି ଶ୍ରୀଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପ। ବିଭିନ୍ନ ପ୍ରାଚୀନ ଶାସ୍ତ୍ର ଗ୍ରନ୍ଥ ଓ ଲୋକ ସାହିତ୍ୟରେ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚା ମଣ୍ଡପ, ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର, ରାସ ମଣ୍ଡପ ଆଦି ନାମରେ ଭାବ ରେ ବର୍ଣ୍ଣନା କରାଯାଇଛି। 'ସ୍କନ୍ଦ ପୁରାଣ' ଅନୁସାରେ ଯଜ୍ଞବେଦୀ ଓ ତାର ସନ୍ନିକଟ ସ୍ଥାନ ନୃସିଂହ କ୍ଷେତ୍ର ରୂପେ ବିଦିତ। ଆଡ଼ପ ମଣ୍ଡପ ନୃସିଂହ କ୍ଷେତ୍ରର ପରିସରଭୁକ୍ତ। ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପ ଚତୁର୍ଦ୍ଧା ବିଗ୍ରହଙ୍କର ପ୍ରଥମ ଅଧିଷ୍ଠାନ ସ୍ଥଳ। ଗୁଣ୍ଡିଚା ମନ୍ଦିରକୁ କାହିଁକି 'ଆଡ଼ପ ମଣ୍ଡପ' କୁହାଯାଏ ତାର ରହିଛି ଭିନ୍ନ ଭିନ୍ନ ମତ। ଗୋଟିଏ ମତ ହେଉଛି, 'ଗୁଣ୍ଡ୍' ଧାତୁର ଅର୍ଥ ଲୁଚାଇବା। ସେଇଥିରୁ ଆସିଛି 'ଗୁଣ୍ଡିଚା' ନାମ। ସେଠାର ଯଜ୍ଞ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବିର୍ଭାବ ବା ଜନ୍ମକାଳରେ, ସେମାନଙ୍କୁ ପଟ୍ଟବସ୍ତ୍ରରେ ଆଚ୍ଛାଦିତ ବା ଲୁକ୍‌କାୟିତ କରି ରଖାଯାଇଥିଲା। ତେଣୁ ଆବରଣ ବା ଅନ୍ତରାଳ ଯୁକ୍ତ ମଣ୍ଡପରୁ ଆଡ଼ପ ମଣ୍ଡପ ନାମ ଆସିଛି।

ଅନ୍ୟ ଏକ ମତ ହେଉଛି- ଆଡ଼ପର ଅର୍ଥ ଏନ୍ତୁଡ଼ିଶାଳ। ଏହା ଚତୁର୍ଦ୍ଧା ବିଗ୍ରହ ଙ୍କର ଏନ୍ତୁଡ଼ିଶାଳ ହୋଇ ଥିବାରୁ ଏହା ଆଡ଼ପମଣ୍ଡପ। ଆଉ ଗୋଟିଏ ମତରେ, 'ଆଟୁ'ର ଅର୍ଥ ପଟା ଭାଡ଼ି। ମାଦଳା ପାଞ୍ଜିରେ ଏ ସଂପର୍କରେ ଥିବା ସୂଚନା ଅନୁସାରେ, ଦ୍ୱାଦଶ ଶତାବ୍ଦୀରେ ଗୁଣ୍ଡିଚା ଘରଟି କାଠ ମଣ୍ଡପ ଗୃହରେ ନିର୍ମିତ ଥିଲା। ଏଣୁ ଆଟୁ ବା କାଠ ମଣ୍ଡପରୁ ଆଡ଼ପ ମଣ୍ଡପ ହୋଇଥିବା ସମ୍ଭବ।ଏହି ମଣ୍ଡପର ମାହାତ୍ମ୍ୟ ଓ ପବିତ୍ରତା ସଂପର୍କରେ 'ସ୍କନ୍ଦପୁରାଣ-ଉତ୍କଳ ଖଣ୍ଡ' ଅନ୍ତର୍ଗତ 'ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟରେ ବର୍ଣ୍ଣନା ରହିଛି। ଏପରିକି ଗୁଣ୍ଡିଚା ମଣ୍ଡପ ବା ଆଡ଼ପ ମଣ୍ଡପ ପ୍ରଭୁଙ୍କ ପାଇଁ ପୃଥିବୀର ସବୁଠାରୁ ପ୍ରୀତିପ୍ରଦ ସ୍ଥାନ ବୋଲି ମହାପ୍ରଭୁ ନିଜେ କହିଥିବା ସେଥିରେ ଉଲ୍ଲେଖ ଅଛି। ଗବେଷକମାନଙ୍କ ମତରେ କାଳକ୍ରମେ କାଷ୍ଠ ମଣ୍ଡପର ରକ୍ଷଣାବେକ୍ଷଣ ଓ ସୁରକ୍ଷା ନିମନ୍ତେ ସେଠାରେ ଏକ କାଷ୍ଠ ନିର୍ମିତ କୁଟୀର ନିର୍ମିତ ହୋଇଥିଲା। ତାହାକୁ ଗୁଣ୍ଡିଚା ଘର କୁହାଗଲା। ପରବର୍ତ୍ତୀ କାଳରେ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ଯେଉଁ ପରିଦୃଶ୍ୟମାନ ପିଢ଼ ଶୈଳୀର ମନ୍ଦିର ନିର୍ମିତ ହୋଇଛି ତାହା ଗୁଣ୍ଡିଚା ମନ୍ଦିର ବା ଗୁଣ୍ଡିଚା ମଣ୍ଡପ ନାମରେ ଅଭିହିତ ହୋଇଛି। ତେଣୁ ଗୁଣ୍ଡିଚା ମଣ୍ଡପ ବା ଆଡ଼ପମଣ୍ଡପ, ଗୁଣ୍ଡିଚା ଘର ବା ଗୁଣ୍ଡିଚା ମନ୍ଦିର ଏକ ସ୍ଥାନ ଓ ଏକ ଅର୍ଥବୋଧକ। ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନେ ଯେଉଁ ସ୍ଥାନରେ ଏକ ସପ୍ତାହବ୍ୟାପୀ ଅବସ୍ଥାନ କରିଥାନ୍ତି। ତାହାକୁ ଆଡ଼ପ ମଣ୍ଡପ ବୋଲି କୁହାଯାଇଥାଏ। କିନ୍ତୁ 'ନୀଳାଦ୍ରି ମହୋଦୟ'ରେ ଏହି ସ୍ଥାନକୁ 'ଯଜ୍ଞବେଦୀ' ଏବଂ ସ୍କନ୍ଦ ପୁରାଣରେ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି। କବି ଦୀନକୃଷ୍ଣ ଦାସ ମଧ୍ୟ ତାଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରିଛନ୍ତି। ଅପର ପକ୍ଷରେ ଆଡ଼ପ ମଣ୍ଡପ ମାହାତ୍ମ୍ୟ ସଂପର୍କରେ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ପ୍ରସଙ୍ଗରେ ବର୍ଣ୍ଣିତ



ଅଛି ଯେ, ସ୍ୱପ୍ନରେ ନିର୍ଦ୍ଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସୁନାର ଶଗଡ଼ ଧରି ସମୁଦ୍ରକୂଳସ୍ଥ ଚକ୍ରତୀର୍ଥ ଠାରେ ଆବିର୍ଭୂତ ଦାରୁ ନିକଟକୁ ଗଲେ। ବସୁ ଶବରକୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ସ୍ୱପ୍ନରେ ପ୍ରଭୁଙ୍କର ଆଜ୍ଞା ମତେ ରାଜା ନିଜେ ମୁଣ୍ଡରେ ପାଟ ମୁଚୁଳା ବାନ୍ଧି ଠିଆ ହେଲେ। ଶକଟ ବା ଶଗଡ଼ ଉପରେ ବିଜେ କଲେ ଦାରୁ। ଏ ମହାଦାରୁଙ୍କୁ ଧରି ରାଜା ଆଡ଼ପ ମଣ୍ଡପ ଠାରେ ନିଜେ ଉପସ୍ଥିତ ରହି ଯାଗ କରାଇଲେ। ଯାଗ ବେଦୀକୁ ମାଡ଼ି ନୃସିଂହ ରହିଲେ। ଏହି ଆଡ଼ପ ମଣ୍ଡପ ଠାରେ ଜଗନ୍ନାଥ ମୂର୍ତ୍ତିକୁ ଗଢ଼ିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ରାଣୀ ଗୁଣ୍ଡିଚା ଦେବୀଙ୍କୁ ଜଣାଇଲେ। ତୁମ ନାମରେ ଗୁଣ୍ଡିଚା ଯାତ୍ରା ହେବ। ଜଗନ୍ନାଥ ଏହି ଆଡ଼ପ ମଣ୍ଡପରେ କିଛି ଦିନ ଅବସ୍ଥାନ କରିବେ। ନୀଳାଦ୍ରି ମହୋଦୟ'ର ବର୍ଣ୍ଣନା ଅନୁସାରେ, ନୀଳାଚଳରେ ଦଶବର୍ଷ ପର୍ଯ୍ୟନ୍ତ ଶ୍ରୀ ବିଗ୍ରହମାନଙ୍କର ଦର୍ଶନ ଓ ପୂଜାର୍ଚ୍ଚନାରେ ଯେଉଁ ଫଳ ମିଳେ। ସେହି ଫଳ ଯଜ୍ଞ ବେଦୀ ବା ଆଡ଼ପ ମଣ୍ଡପରେ ଗୋଟିଏ ଦିନର ଦର୍ଶନରେ ମିଳିଥାଏ। ସ୍କନ୍ଦପୁରାଣ ଉତ୍କଳଖଣ୍ଡର 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ' ରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ, ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ଏବଂ ଯେଉଁଠାରେ ତୁମର ସହସ୍ର ଅଶ୍ୱମେଧ ଯଜ୍ଞର ଯଜ୍ଞବେଦୀ, ସେହି ଗୁଣ୍ଡିଚା ମଣ୍ଡପକୁ ଆମ୍ଭମାନଙ୍କୁ ନେଇଯିବ। ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ହେତୁ ଅଖଣ୍ଡ ପ୍ରୀତିଜନକ। ମୁଁ ସେଠାକୁ (ଆଡ଼ପ ମଣ୍ଡପକୁ) ନବଦିନ ଗମନ କରିବି ଏବଂ ସେଠାରୁ ପୁନରାୟ ଏହି ସ୍ଥାନକୁ (ଶ୍ରୀମନ୍ଦିରକୁ) ଆଗମନ କରିବି। ସେଠାରେ ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ। ଏହି ନବଦିନ ଯାତ୍ରାରେ ଶ୍ରୀବିଗ୍ରହମାନେ ସେଠାରେ ସାତଦିନ ଅବସ୍ଥାନ କରିଥାନ୍ତି। ତାହା'ମହାବେଦୀ ମହୋତ୍ସବ' ଭାବରେ ଖ୍ୟାତ। ପୁରାଣର ବର୍ଣ୍ଣନା ଅନୁଯାୟୀ, ଏହି 'ମହାବେଦୀ ମହୋତ୍ସବ'କୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। 'ସ୍କନ୍ଦପୁରାଣ'ର ୨୯ ଅଧ୍ୟାୟରେ କୁହାଯାଇଛି, "ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପ୍ରଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହ କ୍ଷେତ୍ର ମଧ୍ୟ ତଦନୁରୂପ ପ୍ରୀତିପ୍ରଦ।

ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀ କ୍ଷେତ୍ର ପୁରୀ ଠାରେ ମାନବୀୟ ଲୀଳା କରୁଛନ୍ତି। ପ୍ରତ୍ୟେକ ମନୁଷ୍ୟ ପରି ନିଜ ଜନ୍ମ ସ୍ଥାନକୁ ବୁଲି ଯିବାକୁ ମହାପ୍ରଭୁ ବି ଇଚ୍ଛା ପ୍ରକାଶ କରି ଏହି ଲୀଳା କରୁଛନ୍ତି। ନିଜ ଜନ୍ମ ସ୍ଥାନରେ ସେ ସାତ ଦିନ ରହିବା ଲାଗି ରଥଯାତ୍ରାର ବିଧାନ କରାଇଛନ୍ତି। ସେଠାରେ ନବମୀ ଦିନ ଭକ୍ତମାନଙ୍କୁ 'ସନ୍ଧ୍ୟାଦର୍ଶନ ଦେଇ, ଦଶମୀ ଦିନ ଶ୍ରୀବିଗ୍ରହମାନେ ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏଣୁ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ଜିଉମାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ରହିଥାଏ ଅନେକ ଉତ୍କଣ୍ଠା ଓ ଆଗ୍ରହ।

03.07.2025.pmd 1 7/2/2025, 5:27 PM

## ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣକୁ କଳାହାଣ୍ଡି ଓଏଏସ୍ ସଂଘ ତରଫରୁ ତୀବ୍ର ନିନ୍ଦା

ଭବାନୀପାଟଣା, ୨ ।୭ (ନିପ୍ର): ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟ ଠାରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମପରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓଏଏସ୍. ସଂଘ ତୀବ୍ର ନିନ୍ଦା କରିଛି । ଜଣେ କର୍ତ୍ତବ୍ୟରତ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ଆକ୍ରମଣ କରି ମାଡ଼ ମାରିବା ଘଟଣାକୁ ଜିଲ୍ଲା ଓ.ଏ.ଏସ୍. ସଂଘ ନିନ୍ଦା କରିବା ସହିତ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିମନ୍ତେ ଜିଲ୍ଲା ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳ କଳାହାଣ୍ଡିଙ୍କ ମାଧ୍ୟମରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଗୋଚରାର୍ଥେ ପ୍ରଦାନ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ଜିଲ୍ଲାର ସମସ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମାସ୍ ଲିଭରେ ରହିଥିବା ସୂଚନା ମିଳିଛି । ଏଥିରେ ଜିଲ୍ଲାର ଓଆରଏସ୍ ସଂଘ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଜିଲ୍ଲା ଓଏଏସ୍ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ନେତୃତ୍ୱରେ ଆଠ ଦଫା ସମ୍ମିଳିତ ଅଧିକାରୀଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ସଂଘର ସଭ୍ୟ, ସଭ୍ୟାଙ୍କ ଉପସ୍ଥିତିରେ ଜିଲ୍ଲାପାଳ କଳାହାଣ୍ଡି ଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ଓଏଏସ୍ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ବିକାଶ ଖୋଜୁଛି ଜୁମ୍ବୁଡାଲ: ଗାଁକୁ ନାହିଁ ପକ୍କା ରାସ୍ତା, ଚୁଆ ପାଣିରେ ମେଣ୍ଟୁଛି ଶୋଷ

ରାୟଗଡା, ୨ ।୭ (ନିପ୍ର): ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଭୁଶୁଡି ପଡିଛି ବିକାଶ, ଅଞ୍ଚଳବାସୀ ବିକାଶ ପାଇଁ ଅପେକ୍ଷା କରି ସ୍ୱାଧୀନତାର ସାତ ଦଶନ୍ଧି ବିତିଗଲାଣି ତଥାପି କାହାର ମଧ୍ୟ ନଜର ପଡୁନାହିଁ ଜୁମ୍ବୁଡାଲ ଗ୍ରାମରେ। ଆଜି ବି ଏଠାରେ ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆ କିମ୍ବା ଡୋଲି ସାହା। ସରକାରୀ ଅଧିକାରୀ କଥା ଛାଡ଼ନ୍ତୁ କୌଣସି ନେତାମନ୍ତ୍ରୀଙ୍କ ପାଦ ମଧ୍ୟ ପଡୁନି ଏହି ଗ୍ରାମରେ। ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକ କୁଲୁସିଂ ପଞ୍ଚାୟତ ଜୁମ୍ବୁଡାଲ ଗାଁର ଲୋକେ ସାମାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଦୁର୍ଗମ କହିଲେ ଘଞ୍ଚ ଜଙ୍ଗଲ ଓ ପାହାଡ ମଧ୍ୟରେ ଅବସ୍ଥିତ ଏହି ଗାଁରେ ୨୦ଟି ଆଦିବାସୀ ପରିବାର ବସବାସ କରନ୍ତି। ଏମାନଙ୍କ ନାଁ ମୁଣ୍ଡ ଉପରେ ଅଛି ପକ୍କା ଘରଟିଏ କେବଳ ଚାଳ ଘରରୁ ଆସିଛି ଏବେ ଟିଣ ଛପର ,ଆଉ ବିକାଶ ପାଦ ଚିହ୍ନ ମଧ୍ୟ ଦେଖା ମିଳୁନାହିଁ। ରାସ୍ତା କଥା ନକହିବା ଭଲ ,ଖାଲଖମା ପଥୁରିଆ ଅଙ୍କାବଙ୍କା ପାହାଡିଆ ରାସ୍ତା ଯେଉଁ ରାସ୍ତାରେ ଦୁଇ ଚକିଆ ଯାନ ମଧ୍ୟ ଯିବା ବହୁତ କଷ୍ଟ। ଗ୍ରାମକୁ ଆମ୍ବୁଲାନ୍ସ ପହଁଞ୍ଚିପାରେ ନାହିଁ ଗ୍ରାମକୁ। ଲୋକେ ରୋଗୀ ଏବଂ ଗର୍ଭବତୀ ମହିଳାଙ୍କୁ ଡୋଲି କିମ୍ବା ଖଟିଆରେ ବୋହି ନେଇଥାନ୍ତି ଲୋକେ। ବର୍ଷ ସାରା ରୋଗୀଙ୍କୁ ଏଠାରେ ଦଇବ ସାହା, ଚେର ମୂଳି ଛଡା କୌଣସି ଉପାୟ ନାହିଁ। ଜିଲ୍ଲା ଗଠନର ୩୩ ବର୍ଷ ପରେ ବି ଏହି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ରଟିଏ ମଧ୍ୟ ହୋଇନାହିଁ। ପାହାଡ଼ ତଳେ ଚାରି କିଲୋମିଟର ଦୂର ଯାରନ୍ଦୁ ଗ୍ରାମ ଗଲେ ଅଙ୍ଗନବାଡି କେନ୍ଦ୍ର ରହିଛି। ବର୍ଷାଦିନେ ଆସିଲେ ସବୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇପଡ଼ନ୍ତି ଗ୍ରାମବାସୀ, କୋମଳମତି ଶିଶୁ ଶିକ୍ଷା ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହୋଇପଡନ୍ତି ବୋଲି ଲିଟୁ ଦୋଲବେହେରା (ଗ୍ରାମବାସୀ), ଜଣାଷା ରାଇତ(ଗ୍ରାମବାସୀ), ଓ ଅଶ୍ୱିନ ଗମାଙ୍ଗ (ଗ୍ରାମବାସୀ) ପ୍ରକାଶ କରିଛନ୍ତି। ଗ୍ରାମରେ ପିଇବା ପାଣିର ଘୋର ସମସ୍ୟା ରହିଛି। ପିଇବା ପାଇଁ ସୁଦ୍ଧା ପାଣି ଟୋପେ ମଧ୍ୟ ଆଜିଯାଏଁ ସରକାରଙ୍କ ତରଫରୁ ପାଇପାରିଲେ ନାହିଁ, ଯେଉଁଥିପାଇଁ ପାହାଡ ତଳେ ଏକ କୂଅ ଉପରେ ଯାହା ଭରସା କରିଥାନ୍ତି ଗ୍ରାମବାସୀ। ତାହା ବି ଖରାଦିନେ ଶୁଖି ଯାଏ । ପୂର୍ବରୁ ନିର୍ବାଚନ ସମୟରେ ନେତାମାନେ ମିଛ ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ପରେ ବର୍ତ୍ତମାନ କାହାର ଦେଖାନାହିଁ ଗ୍ରାମରେ ମିନି ଅଙ୍ଗନବାଡି ଟିଏ ନାହିଁ ଲୋକେ ଚାରି



କିଲୋମିଟର ଦୂର ପାହାଡ଼ ଜଙ୍ଗଲ ଦେଇ ଅଣ୍ଡା ଛତୁଆ ଆଣିବା ପାଇଁ ଯାଇଥାନ୍ତି ବୋଲି ଡିସ୍ମିତା ରୋଇତ (ମହିଳା ଗ୍ରାମବାସୀ),ସଲମନ ଶବର (ଗ୍ରାମବାସୀ) କହିଛନ୍ତି। ସରକାରୀ ବାବୁଙ୍କୁ ବାରମ୍ବାର ଗୁହାରି କରି ଥକି ଗଲେଣି ଗ୍ରାମବାସୀ। ଅନେକ ମିଛ ପ୍ରତିଶ୍ରୁତି ତାହା ଏବେ ପାଣିର ଗାର । ଶିକ୍ଷା,ସ୍ୱାସ୍ଥ୍ୟ ସେବା ଏମାନଙ୍କ ଲାଗି ସାତ ସପନ । ସମସ୍ତ ଯୋଜନା ରାସ୍ତା ନଥିବା କାରଣରୁ । ସ୍କୁଲ ବାରଣ୍ଡା ମଧ୍ୟ ପିଲା ଚଢ଼ି ନଥିବାରୁ ନିଜ ନାଆଁ ମଧ୍ୟ ଲେଖି ଜାଣି ନାହାନ୍ତି। ଯୋଜନା ପରେ ଯୋଜନା ଗଲା ଅନେକ ଜିଲ୍ଲାପାଳମାନେ ବଦଳିଲେ, ନେତା ବଦଳିଲେ ମନ୍ତ୍ରୀ ବଦଳିଲେ ଏପରିକି ୨୪ ବର୍ଷ ନିରନ୍ତର ଶାସନ କରୁଥିବା ସରକାର ବଦଳି ଗଲା କିନ୍ତୁ ବଦଳିଲା ନାହିଁ ଏହି ଜମ୍ବୁଡାଲ ଗାଁର ଚିତ୍ର । ଗାଁ ସମସ୍ୟା ସମ୍ପର୍କରେ କାହାକୁ ଗୁହାରି କରିବେ ଜାଣିପାରୁନାହାନ୍ତି ଗ୍ରାମବାସୀ। ଶେଷରେ ଅବହେଳିତ ଜୁମ୍ବୁଡାଲ ଗ୍ରାମ ସମସ୍ୟା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ମୋହନ ସରକାର ଏଥି ପ୍ରତି ଦୃଷ୍ଟି ଦେବେ ବୋଲି ଗ୍ରାମବାସୀ ଦୃଢ଼ ଆଶା ପ୍ରକଟ କରିଛନ୍ତି।

## ବୁଗୁଡ଼ା ବନ ବିଭାଗ ୧.୭୯ ଲକ୍ଷ ଚାରା ଯୋଗାଇବ

ବୁଗୁଡ଼ା, ୨ ।୭ (ନିପ୍ର): ଚଳିତ ବର୍ଷ ବୁଗୁଡ଼ା ବନ ବିଭାଗ ତରଫରୁ ୧ ଲକ୍ଷ ୭୯ ହଜାର



୭୯୦ ଚାରା ଯୋଗାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେଥି ମଧ୍ୟରୁ ମନରେଗା ଯୋଜନାରେ ୧ ଲକ୍ଷ ୪୦ ହଜାର ଚାରା, ଆଇଜିସି ଏବଂ ଜିଏମଏମ ଉଭୟ ଯୋଜନାରେ ୩୯ ହଜାର ୭୯୦ ଚାରା ଯୋଗାଣର ବ୍ୟବସ୍ଥା ରହିଛି। ଏଥି ନିମନ୍ତେ ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ ସମେତ ଶୁଳିଆପଲ୍ଲୀ, ଠଣାପଲ୍ଲୀ, କଦମ୍ବମଠ, ବାଘୁଆ, କୁମୁଣ୍ଡା, କଣ୍ଟାବଣି, ମାଣିତରା ଆଦି ସ୍ଥାନରେ ନର୍ସରୀ କରାଯାଇଛି। ଉକ୍ତ ନର୍ସରୀ ଗୁଡିକରେ ଶାଗୁଆନ, କାଜୁ, ଅଁଳା, ଚନ୍ଦନ, ନିମ୍ବ, ଅମୃତ ଭଣ୍ଡା, ସଜନା, ରକ୍ତ ଚନ୍ଦନ, ପିଜୁଳି, ବାଉଁଶ ସମେତ ଅନ୍ୟ ପ୍ରକାରର ଚାରା ମଧ୍ୟ ଉପଲବ୍ଧ ରହିଛି। ଜୁଲାଇ ପହିଲାରୁ ଚାରା ଯୋଗାଣର ଶୁଭାରମ୍ଭ ହେବାକୁ ଥିବାବେଳେ ଯେକୌଣସି ଅନୁଷ୍ଠାନ ବ୍ୟତୀତ ଅନ୍ୟମାନଙ୍କୁ ପ୍ରତି ଚାରା ଏକ ଟଙ୍କା ଦରରେ ବିକ୍ରି କରାଯିବାର ବ୍ୟବସ୍ଥା ରହିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ରାସାୟନିକ ଓ ଶିଳ୍ପାଞ୍ଚଳ ବିପର୍ଯ୍ୟୟ ପ୍ରଶମନ ଉଚ୍ଚସ୍ତରୀୟ କର୍ମଶାଳା

ପାରାଦୀପ, ୨ ।୭ (ନିପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଗତସିଂହପୁର ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ପାରାଦୀପସ୍ଥିତ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ରାସାୟନିକ ଓ ଶିଳ୍ପାଞ୍ଚଳ ବିପର୍ଯ୍ୟୟ ପ୍ରଶମନ ଉଚ୍ଚସ୍ତରୀୟ କର୍ମଶାଳା ମଙ୍ଗଳବାର ଆୟୋଜିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାର ପାରାଦୀପଠାରେ ଛୋଟବଡ ବହୁ ଶିଳ୍ପସଂସ୍ଥା ଗୁଡିକ ଗଢି ଉଠିଛି । ଏଣୁ ରାସାୟନିକ ଓ ଶିଳ୍ପାଞ୍ଚଳ ବିପର୍ଯ୍ୟୟ ହେବାର ସମ୍ଭାବନା ରହିଛି । ଏହାକୁ କିଭଳି ଭାବେ ତୁରନ୍ତ ପ୍ରଶମନ କରାଯିବ ସେ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲାପାଳ ଜେ. ସୋନାଲ,ଓସଡମାର କାର୍ଯ୍ୟନିର୍ବାହୀ ଅଧିକାରୀ ଡ.କମଳ ଲୋଚନ ମିଶ୍ର, ଓସଡମାର ପ୍ରବନ୍ଧକ ମଳୟ କୁମାର ପ୍ରଧାନ, ସୁନୀଲ କୁମାର ସାହୁ, ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର, ଏଫଆଣ୍ଡବିର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା,ଏଫଆଣ୍ଡବିର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା,ଏସପିସିବିର ଆଞ୍ଚଳିକ ଅଧିକାରୀ ପୁସ୍କର ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ଆପଦକାଳୀନ ପରିସ୍ଥିତିରେ କିପରି ଏହାକୁ ନିୟନ୍ତ୍ରଣ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟ ସରକାରଙ୍କ ଓଡ୍ରାଫ, ଅଗ୍ନିଶମ ବାହିନୀ,ଭାରତୀୟ ତଟରକ୍ଷୀ ବାହିନୀ, ଆଇଓସିଏଲ୍, ଇଫକୋ,ପିପିଏଲ, ବିପିସିଏଲ୍, ଏଚପିସିଏଲ୍, ପାରାଦୀପ ବନ୍ଦରର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ନାତି ଠେଙ୍ଗା ମାଡ଼ରେ ଆଈ ମୃତ

ରେଢ଼ାଖୋଲ, ୨ ।୭(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ଥାନା ଅଧୀନ ସାଗଜୋରି ଗ୍ରାମର ବାସିନ୍ଦା ୨୧ ବର୍ଷୀୟ ଯୁବକ ଅଜୟ ସୁରିନ୍ ୨୩ ତାରିଖ ଅପରାହ୍ନ ୫ ଘଟିକା ସମୟରେ ନିଜ ଘର ପରିସରରେ ପାରିବାରିକ କଳହ ଯୋଗୁଁ ଏକ କାଠ ଫାଳିଆରେ ନିଜ ୮୦ ବର୍ଷ ବୟସ୍କା ଆଈ ଫୁଲିତ୍ ସୁରିନ୍ଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ବୃଦ୍ଧା ଆଈଙ୍କ ମୃତ୍ୟୁ ହୋଇ ଯାଇଥିଲା। ଏ ସଂକ୍ରାନ୍ତରେ ମନୀଷା ସୁରିନ୍ ଚାରମାଳ ଥାନାକୁ ଯାଇ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ଚାରମାଳ ପୋଲିସ କେସ ନଂ ୮୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ସାକ୍ଷ୍ୟ ଗ୍ରହଣ କରିବା ସହିତ ଅଭିଯୁକ୍ତ ବ୍ୟବହାର କରିଥିବା କାଠ ଫାଳିଆକୁ ଜବତ କରିଥିଲେ । ହେଲେ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ଏନେଇ ପୋଲିସ ତଦନ୍ତ ପରେ ମଙ୍ଗଳବାର ନାତି ଅଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଏସ୍ ଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି ।

## ଅସହାୟ ମତ୍ସ୍ୟଜୀବୀ ମହିଳାଙ୍କୁ ଆକ୍ରମଣ

### ଥାନା ଓ ଡାକ୍ତରଖାନାରୁ ନିରାଶ:ମତ୍ସ୍ୟଜୀବୀ ସଂଗଠନ ଓ ଦଳିତ ମୋର୍ଚ୍ଚା ପକ୍ଷରୁ ଦୃଢ଼ ନିନ୍ଦା

ରମ୍ଭା, ୨ ।୭ (ନିପ୍ର): ବାଲୁଗାଁ ମାଛ ଗୋଦାମ ମାଲିକଙ୍କ ଠାରୁ ମାଡ଼ଖାଇ ଆହତ ହୋଇଛନ୍ତି ବିଧବା ମତ୍ସ୍ୟଜୀବୀ। ସେ ହେଲେ ରମ୍ଭା ଲକ୍ଷ୍ମୀପୁର ସାହିର କୁମାରୀ ବେହେରା । ଏନେଇ ସେ ଗୋଦାମ ମାଲିକ ଗନ୍ଧର୍ବ ସେଠି ନାମରେ ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି । କିନ୍ତୁ ପୋଲିସ କେଶ ନଂ:୧୭୬/୨୫ ମାମଲା ରୁଜୁ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ନେଇ ସେ ଅଭିଯୋଗ କରିଛନ୍ତି । ଗୋଦାମ ମାଲିକଙ୍କଠାରୁ ମାଡ଼ ଖାଇବା ପରେ ସ୍ଥାନୀୟ କିଛି ବ୍ୟକ୍ତି ବାଲୁଗାଁ ସରକାରୀ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଅସହାୟ ମହିଳା ମତ୍ସ୍ୟଜୀବୀ ରୂପରେଖ ଦେଖି ସେଠାରେ କାର୍ଯ୍ୟରତ ଡାକ୍ତର ଜଣଙ୍କ ଚିକିତ୍ସା କରି ନଥିବା କୁମାରୀ ଅଭିଯୋଗ କରିଛନ୍ତି। ବାଲୁଗାଁର କିଛି ମତ୍ସ୍ୟଜୀବୀ ଡାକ୍ତରଖାନାରେ ହଟଗୋଳ କରିବା ପରେ ଡାକ୍ତର ଜଣଙ୍କ ବିଳମ୍ବରେ ଚିକିତ୍ସା କରିଥିବା ବିଧବା ଜଣଙ୍କ କହିଥିଲେ । ସୂଚନାଥାଉକି କୁମାରୀ ବାଲୁଗାଁ ଗୋଦାମ ଠାରୁ ମାଛ କ୍ରୟ କରି ଆଣି ରମ୍ଭା ସହରରେ ବିକ୍ରି କରି ଦି ପଇସା ରୋଜଗାରରେ ପରିବାର ଚଳେ । ଗୋଦାମ ମାଲିକଙ୍କଠାରୁ ଋଣ କରି ମାଛ କିଣିଥାଏ । ଗତ ସୋମବାର କୁମାରୀ ମାଛ କିଣିବାକୁ ଗୋଦାମକୁ ଯାଇଥିଲେ। କିନ୍ତୁ ସେଠାରେ ଗୋଦାମ ମାଲିକ ବକେୟା ବାରଶହ ଟଙ୍କା ମାଗିଥିଲେ । କୁମାରୀ କିଛି ଦିନ ସମୟ ମାଗିଥିଲେ ।ଏହାପରେ ଗୋଦାମ ମାଲିକ ଓ କୁମାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଗୋଦାମ ମାଲିକ ଗନ୍ଧର୍ବ ସେଠି ଏହି ମହିଳାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଆକ୍ରମଣରେ ଆହତ ହେବାରୁ ନିକଟସ୍ଥ କିଛି ମତ୍ସ୍ୟଜୀବୀ ତାଙ୍କୁ ଡାକ୍ତରଖାନା ଓ ବାଲୁଗାଁ ଥାନାକୁ ନେଇଥିଲେ। କୁମାରୀ ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ଦଳିତମାନଙ୍କୁ ସବୁ ସ୍ଥାନରେ ନିନ୍ଦା ଅପମାନ ସହିବାକୁ ପଡୁଥିବାରୁ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଏନେଇ ଦୃଢ଼ ନିନ୍ଦା କରାଯିବା ସହ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା କ୍ଷୋଭ ପ୍ରକାଶ କରିଛନ୍ତି। ଦଳିତ ମତ୍ସ୍ୟଜୀବୀଙ୍କୁ ବହୁ ସ୍ଥାନରେ ନିର୍ଯାତନା ଦିଆଯାଉଛି।



ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି । ରାଜ୍ୟ ବିଜେପି ଅନୁସୂଚିତ ଜାତି ସମ୍ପାଦକ କୀର୍ତ୍ତନ ଦାସ ,ଦଳିତ ମୋର୍ଚ୍ଚାର ସ୍ୱରାଜ ବେହେରା(ବାବୁ),ଅଜିତ ବେହେରା,ଶିବ ବେହେରା ମଧ୍ୟ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ପୀଡ଼ିତ ମହିଳା କୁମାରୀଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ନାରୀ ସୁରକ୍ଷା, ବାଲ୍ୟବିବାହ ଉଚ୍ଛେଦ ଉପରେ ଆଲୋଚନାଚକ୍ର

ଶେରଗଡ଼, ୨ ।୭(ନିପ୍ର): ଶେରଗଡ଼ ବ୍ଲକ ସଭାଗୃହରେ ନାରୀ ସୁରକ୍ଷା କନ୍ୟା ରତ୍ନର ସୁରକ୍ଷା ଓ ବାଲ୍ୟ ବିବାହ ଉଚ୍ଛେଦ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ଚକ୍ର ରେ ଅତିଥି ଭାବେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ,ବିଇଓ ଲକ୍ଷ୍ମୀନାରାୟଣ ପଣ୍ଡା, ଓନ୍ ଷ୍ଟପ କେନ୍ଦ୍ରର ସଂଯୋଜିକା, ସରପଞ୍ଚ ମହୁପଦର ଟୁକୁନା ଦାସ ଓ ସିଡିପିଓ ମମତାଞ୍ଜଳୀ ପଣ୍ଡା ଯୋଗଦେଇ କନ୍ୟା ସନ୍ତାନର ଯତ୍ନ ନେବା ଉପରେ ମାଁ ବାପା ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ନାରୀମାନଙ୍କ ଉପଯୁକ୍ତ ସୁରକ୍ଷା ହେବା ଦିଗରେ ସମାଜରେ ଯେପରି ଉପଯୁକ୍ତ ପଦକ୍ଷେପ ନିଆଯିବ। ନାରୀମାନଙ୍କ ପାଠପଢ଼ା ପ୍ରତି ଠିକ ନଜର ଦେବା,ସମାଜରେ ଯେପରି ବାଲ୍ୟ ବିବାହ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ଚକ୍ରରେ ଆଲୋଚନା କରାଯାଇଥିଲା।

## ଚୈତନ୍ୟ ଦେବଙ୍କ ବିଗ୍ରହ ନିର୍ମାଣ ପାଇଁ ଦାରୁ ଛେଦନ

ଦୋବଲ, ୨ ।୭ (ନିପ୍ର): ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁର ମଠରେ ଚୈତନ୍ୟ ଦେବଙ୍କ ବିଗ୍ରହ ନିର୍ମାଣ ପାଇଁ ଦାରୁ ଛେଦନ ହୋଇଛି। କୋରକଦା ଗ୍ରାମ କନେକେଇ ଏସକେପ୍ ନିକଟରେ ଥିବା ଦିଗାମ୍ବର ସାମଲଙ୍କ ବାଡିର ପ୍ରାଏ ୨୦୦ ବର୍ଷର ଏକ ନିମ୍ବ ଗଛକୁ ବଛାଯାଇ ଛେଦନ ଲାଗି ପ୍ରସ୍ତୁତି ଚାଲିଛି। ଯାହାକୁ ନେଇ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗୌରାଙ୍ଗପୁର ମଠରେ ଚୈତନ୍ୟ ଦେବଙ୍କ ମୂର୍ତ୍ତି ୪୦୦ ବର୍ଷ ପୂର୍ବେ ନିର୍ମାଣ ହୋଇ ପୂଜାର୍ଚ୍ଚନା କରାଯାଉଥିଲା। ଦୀର୍ଘ ବର୍ଷ ହେବାରୁ ମୂର୍ତ୍ତି ଏବେ ନଷ୍ଟ ହେବାକୁ ବସିଛି। ଏଥିଲାଗି ମଠ ପକ୍ଷରୁ ଦାରୁ ଚିହ୍ନଟ ଲାଗି ଭଦ୍ରକ ଓ ଯାଜପୁର ଜିଲ୍ଲାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୁଖ୍ୟ ପୁରୋଧା ବରଦା ପ୍ରସାଦ ମହାପାତ୍ରଙ୍କ ସ୍ୱପ୍ନାଦେଶ ପରେ ଏହି ଦାରୁ ଚିହ୍ନଟ କରାଯାଇଥିଲା। ଏନେଇ ଆଜି ସକାଳୁ ଗୌରାଙ୍ଗ ମହାପ୍ରଭୁଙ୍କ ପାଖରେ ପୂଜା ସାରିବା ପରେ ଆଜ୍ଞାମାଳ ନେଇ ଗଛ ମୂଳେ ଆବାହନ କରାଯାଇଥିଲା। ପରେ ଭୂମି ପୂଜା, ସୂର୍ଯ୍ୟ, ନବଗ୍ରହ, ଦାରୁ ପୂଜନ ପରେ ଯଜ୍ଞ ସହିତ ମହାମନ୍ତ୍ର ଓ ନାମ ସଙ୍କୀର୍ତ୍ତନ କରାଯାଇ ବୁଧବାର ସକାଳୁ ଦାରୁ ଛେଦନ ପରେ ଚୈତନ୍ୟ ଦେବଙ୍କ ବିଗ୍ର ନିର୍ମାଣ ଲାଗି ପ୍ରସ୍ତୁତି ହେବ। ମାର୍ଚ୍ଚରେ ଚୈତନ୍ୟ ଦେବଙ୍କ ଜନ୍ମଦିବସରେ ଏହି ବିଗ୍ରହ ଆସି ପ୍ରତିଷ୍ଠା କରାଯିବ। ଏହାକୁ ଦେଖିବା ଲାଗି ହାଜର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପହଞ୍ଚିଥିଲେ। ଇତିହାସ କୁହେ ଚୈତନ୍ୟ ଦେବ ପୁରୀକୁ ଯିବା ସମୟରେ ଗୌରାଙ୍ଗପୁରର ଏହି ମଠ ପରିସରରେ ବିଶ୍ରାମ ନେଇଥିଲେ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ଭଦ୍ରକ, ୨ ।୭ (ନିପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଲିଡ୍ ବ୍ୟାଙ୍କ୍ ଅଫିସ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ତଥା ଜନସୁରକ୍ଷା ପୂର୍ତ୍ତି ଅଭିଯାନର ଉଦ୍ଘାଟନ ଭଦ୍ରକ ଜିଲ୍ଲାର ତିହିଡି ।ବ୍ଲକ୍‌ସ୍ଥିତ କୋଳହ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସଭଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ଭଦ୍ରକ ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ନାଗେଶ୍ୱର ରାଓ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ଭଦ୍ରକ ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ନାଗେଶ୍ୱର ରାଓ, ୟୁକୋ ବ୍ୟାଙ୍କ୍ ଜୋନାଲ ଅଫିସର, ୟୁକୋ ବ୍ୟାଙ୍କ ତିହିଡି ବ୍ରାଞ୍ଚ ହେଡ,ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ଓ କୋଳହ ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗ ଦେଇଥିଲେ। ଏହି ସଭାରେ ଲଡିଏମ୍ ସଭା ପରିଚାଳନା କରିଥିଲେ । ଲୋକମାନଙ୍କୁ ଜନସୁରକ୍ଷା ଯୋଜନା ଗୁଡ଼ିକ ସମ୍ପର୍କରେ ଅବଗତି କରାଇଥିଲେ । ଲୋକମାନଙ୍କୁ ଏହି ସବୁ ଯୋଜନା ଗୁଡିକରେ ଯୋଡ଼ିହେବା ପାଇଁ ପ୍ରୋତ୍ସାହିତ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଞ୍ଚୟ କରିବା ଲାଗି ଅନୁପ୍ରାଣିତ କରିଥିଲେ । ସ୍ୱଳ୍ପ ସଞ୍ଚୟ ଯୋଜନା, ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଅବଗତ କରାଇ ଥିଲେ। ସମସ୍ତ ଅତିଥି ବୃନ୍ଦ ଲୋକମାନଙ୍କୁ ସାଇବର ଫ୍ରଡ ମାନଙ୍କ ଠାରୁ ସତର୍କ ରହିବା ପାଇଁ ନିବେଦନ କରିଥିଲେ। ଲିଡ ବ୍ୟାଙ୍କ୍ ମ୍ୟାନେଜର ସରକାରଙ୍କ ଦ୍ୱାରା ପ୍ରଚଳିତ ସାମାଜିକ ସୁରକ୍ଷା ଯୋଜନା ଗୁଡିକ ସମ୍ପର୍କରେ ଅବଗତ କରାଇବା ସହ ଏହିସବୁ ଯୋଜନା ରେ ଯୋଡ଼ିହେବା ପାଇଁ ଅନୁପ୍ରାଣିତ କରିଥିଲେ। ପଦ୍ମନ ରାୟ ଲୋକମାନଙ୍କୁ ଚିଟ୍ ଫଣ୍ଡ କମ୍ପାନୀ ଗୁଡ଼ିକ ମଧ୍ୟରେ ନିବେଶ ନ କରିବା ଲାଗି ଅନୁପ୍ରାଣିତ କରିଥିଲେ। ଏହି ସଭାରେ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ। ସଭା ଶେଷରେ ଏକ କୁଇଜ୍ କାର୍ଯ୍ୟକ୍ରମ କରାଯାଇ ଥିଲା ଓ ପ୍ରତିଯୋଗୀମାନଙ୍କୁ କଲମ ଦେଇ ପୁରସ୍କୃତ କରାଯାଇଥିଲା।

## ୭୬ତମ ବନ ମହୋତ୍ସବ ପାଳିତ

ଭବାନୀପାଟଣା, ୨/୭ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଅଧୀନସ୍ତ ଧର୍ମଗଡ ଉପଖଣ୍ଡ ବେହେରା ଲଖିରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଧର୍ମଗଡ ବନାଞ୍ଚଳ କାର୍ଯ୍ୟାଳୟ ଓ ଲଖିରାମ ଅଗ୍ରଓ୍ୱାଲ କଲେଜ ବେହେରା ଠାରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଆମ ଚତୁଃପାର୍ଶ୍ୱକୁ ସବୁଜ ସୁନ୍ଦର ଗଢିତୋଳିବା ବୋଲି ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉଁର, ଲଖିରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ଏଥିରେ ଛାତ୍ରଛାତ୍ରୀ ମାନଙ୍କର ମୁଖ୍ୟ ଭୂମିକା ରହୁଛି। ଏଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ମା' ପାଇଁ ଗଛଟିଏ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଦିବସରେ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଆମ ଜଙ୍ଗଲ ଯୋଜନାର ଦଳମୁଖ୍ୟ ଦୁର୍ଗାପ୍ରସାଦ ମିଶ୍ର, ଡିଓ ତ୍ରିବିକ୍ରମ ନାଏକ ଓ ରାହୁଲ କୁମାର ସେଠୀ ସହଯୋଗ କରିଥିଲେ।

## ଭବାନୀପାଟଣା ରେଞ୍ଜ ତରଫରୁ ବନ ମହୋତ୍ସବ

ଭବାନୀପାଟଣା, ୨/୭ (ନି.ପ୍ର)- କଳାହାଣ୍ଡି ଉତ୍ତର ବନଖଣ୍ଡର ଭବାନୀପାଟଣା ରେଞ୍ଜ ତରଫରୁ ସ୍ଥାନୀୟ ଶିଶୁ ପର୍ଯ୍ୟବେକ୍ଷଣ ଗୃହ ଠାରେ ୭୬ତମ ବନମହୋତ୍ସବ ପାଳନ କରାଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଉତ୍ତର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଲିଲି ଅମାନତ୍ୟା ଯୋଗ ଦେଇ ବନ ମହୋତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଉପକାରୀତା ବିଷୟରେ ପର୍ଯ୍ୟବେକ୍ଷଣ ଗୃହରେ ଥିବା ଅନ୍ତେବାସୀ ମାନଙ୍କୁ ବିଶଦ ଭାବରେ ବୁଝାଇଥିଲେ ଏବଂ ପର୍ଯ୍ୟବେକ୍ଷଣ ଗୃହର ଭାରପ୍ରାପ୍ତ ଅଧିକ୍ଷକ ଗୁଲାମ ଅମିବୁଲା ଖାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ଏବଂ କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି ଏବଂ ଭବାନୀପାଟଣା ରେଞ୍ଜ ଅଧିକାରୀଣି ସ୍ନିଗ୍ଧା ସରିତା ବଳିଆର ସିଂ ଉପସ୍ଥିତ ରହି ଗଛ ଓ ଗଛର ଉପକାରୀତା ମନୁଷ୍ୟ ଉପରେ କେତେ ଦରକାରୀ ତାହା ସୁଚାରୁ ରୂପେ ବର୍ଣ୍ଣନା କରି ଅନ୍ତେବାସୀ ମାନଙ୍କୁ ବୁଝାଇଥିଲେ ।

## ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କଲେ ବିଚାରପତି

କେସିଙ୍ଗା, ୨ ।୭(ନିପ୍ର)ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ' ବନ ମହୋତ୍ସବ ସପ୍ତାହ' ଆରମ୍ଭ ଅବସରରେ କେସିଙ୍ଗା ବ୍ଲକ ଦେଓଗାଁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କେସିଙ୍ଗା ଜେଏମଏଫସି ଅଦାଲତର ବିଚାରପତି ଦୀପ୍ତା ସେଠୀ ଯୋଗ ଦେଇ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରି ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ



ଥିବା ବନ ମହୋତ୍ସବ ସପ୍ତାହ ପାଳନ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶ ଦାତା ସୁକାନ୍ତ କୁମାର ପଧାନ, କେସିଙ୍ଗା ବନାଞ୍ଚଳ ଅଧିକାରୀ ସ୍ନିଗ୍ଧାସରିତା ବଳିଆରସିଂ, କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ସା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଉପାଧ୍ୟାୟଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଉପସ୍ଥିତ ଥିଲେ।

## ମଶାଣିବନ୍ଧ ଗ୍ରାମ ମୁଖ୍ୟ ରାସ୍ତାରେ ଜମିରହିଛି ଆଣ୍ଠୁଏ ପାଣି

କେସିଙ୍ଗା, ୨ ।୭ (ନିପ୍ର): କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ବାଲସି ପଞ୍ଚାୟତ୍‌ର ମଶାଣିବନ୍ଧ ଗାଁରେ ଲଗାତାର ବର୍ଷା ଲାଗି ଗାଁର ମୁଖ୍ୟ ରାସ୍ତାରେ ଆଣ୍ଠିଏ ପାଣି ଜମିରହୁଛ। ଫଳରେ ମଶାଣିବନ୍ଧ ଗ୍ରାମର ୭ ପରିବାର ଜଳବନ୍ଦୀ ଘେରରେ ଅଛନ୍ତି । ଏବଂ ଉକ୍ତ ରାସ୍ତା ଦେଇ ଯାତାୟାତରେ ବହୁତ ହଇରାଣ ହରକତ ହେବା ସହିତ ବହୁତ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି । ଏନେଇ ଗ୍ରାମବାସୀ ବିଧାୟକ ସାଗର ଚରଣ ଦାସଙ୍କୁ ଅଭିଯୋଗ କରିଥିଲେ। ତତ୍ପରତା ସହିତ ତାଙ୍କ ସହଯୋଗୀମାନଙ୍କୁ ପଠାଇଥିଲେ । ଯେତେ ଶୀଘ୍ର ହୋଇପାରିବ ତାହାର ସମାଧାନ କରିବି ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ।



## ନାରୀ ନିର୍ଯାତନା ବିରୋଧ ସ୍ୱର : ଯୁବକଙ୍କ ସାଇକେଲରେ ଭାରତ ଭ୍ରମଣ

ଆସିକା, ୨ ।୭ (ନିପ୍ର): ସମଗ୍ର ଦେଶରେ ଦିନକୁ ଦିନ ବଢୁଥିବା ନାରୀ ନିର୍ଯାତନା, ଗଣ ବଳାତ୍କାର, ବିରୋଧ ଏବଂ ଏହାକୁ ରୋକିବା ନେଇ ସଚେତନର ବାର୍ତ୍ତା ଗାଁଗାଁରେ ପହଞ୍ଚାଇବା ସକାଶେ ଅଣ୍ଟା ଭିଡିଛନ୍ତି ଆସିକା ବ୍ଲକ କଳାସୁତା ଗ୍ରାମର ଅଠର ବର୍ଷୀୟ ଯୁବକ ଦୀପକ ଗୌଡ଼ । ସେ ଯୁକ୍ତ ଦୁଇ ପାସ କରିଥିଲେ ମଧ୍ୟ ନିଜର କ୍ୟାରିୟରକୁ ଛ । ଡି ରାଜ୍ୟରେ



ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଭଳି ଜଘନ୍ୟ ଅପରାଧକୁ ରୋକିବାକୁ ନିଜ ଜୀବନରେ ଏକ ମହତ କାମ ବୋଲି ଭାବି ଆପେଣେଇଛନ୍ତି । ସେଥିପାଇଁ ସେ ସାଇକେଲ ଯୋଗେ ସାରା ଭାରତ ଭ୍ରମଣ କରିବା ସାଙ୍ଗକୁ ନେପାଳ ,ଭୁଟାନ ଓ ନାଗାଲାଣ୍ଡ ଗସ୍ତ କରି ନାରୀ ନିର୍ଯାତନାର ସଚେତନ ବାର୍ତ୍ତା ବାଣ୍ଟିବା ନେଇ ଆରମ୍ଭ କରିଛନ୍ତି ସାଇକେଲ ଯାତ୍ରା। ଏହି ଯାତ୍ରା ଛଅ ମାସରୁ ଉର୍ଦ୍ଧ୍ୱ ସମୟ ହେବ ବୋଲି ଦୀପକ ସୂଚନା ଦେଇଛନ୍ତି ।ତାଙ୍କର ଯାତ୍ରା ଆସିକା ଠାରୁ ଆରମ୍ଭ ହୋଇ ଥିବା ବେଳେ ବିଭିନ୍ନ ସଂଗଠନ ଛାତ୍ର ଓ ଯୁବସମାଜ ପକ୍ଷରୁ ତାଙ୍କୁକୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ତାଙ୍କ ଉଦ୍ଦେଶ୍ୟ ସଫଳ କାମନା କରିଛନ୍ତି । ସୂଚନା ଥାଉକି ପୂର୍ବରୁ ସେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଏବଂ ଚାରିଧାମ ଭ୍ରମଣରେ ଯାଇ ସଚେତନତା ସୃଷ୍ଟି କରିଥିଲେ। ଏହି ସାଇକେଲ ଶୋଭାଯାତ୍ରାରେକୁ ଆସିକା ବିଜେଡି ପକ୍ଷରୁ ଆସିକା ବିଜୁପଟ୍ଟନାୟକ ଛକ ଠାରେ ବରିଷ୍ଠ ସଦସ୍ୟ ଦିଲ୍ଲୀପ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ ଦୋରା, ସରପଞ୍ଚ ଜୟସେନ ସ୍ୱାଇଁ, ଶ୍ୱେତ ବସନ୍ତ ଲେଙ୍କା, ବିମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ଯୁବକଙ୍କୁ ସମ୍ବର୍ଦ୍ଧନା ଦେବା ସହ ଉତ୍ସାହିତ କରିଥିଲେ ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ୬ ମାସ ଜେଲ



ଢାକା, ୨ ।୭: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମସ୍ୟା ଆହୁରି ବଢ଼ିଛି । ଅଦାଲତ ତାଙ୍କୁ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ବାଂଲାଦେଶୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କୁ ଛଅ ମାସ ଜେଲଦଣ୍ଡ ଦିଆଯାଇଛି । ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଦଣ୍ଡର ନିଷ୍ପତ୍ତି ଘୋଷଣା କରିଛନ୍ତି । ବୁଧବାର ମାମଲାର ଶୁଣାଣି କରି ଏକ ତିନି ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ତାଙ୍କ ରାୟ ଦେଇଛନ୍ତି । ପ୍ରଥମ ଥର ଆବାମୀ ଲିଗ୍ର ନେତାଙ୍କ ବିରୋଧରେ ୧୧ ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ପଦ ଛାଡ଼ି ଦେଶରୁ ପଳାୟନ କରିବା ପରେ କୌଣସି ମାମଲାରେ ଦଣ୍ଡାଦେଶ ଶୁଣାଯାଇଛି । ଚଳିତ ବର୍ଷ ଜୁନ ମାସରେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଧିକରଣ(ଆଇସିଟି)ର ଆଇନଜୀବୀ ଗତ ବର୍ଷ ବ୍ୟାପକ ମାତ୍ରାରେ ବିରୋଧ ପ୍ରଦର୍ଶନ ସମୟରେ ହସିନାଙ୍କ ଉପରେ ମାନବିକତା ଉଲ୍ଲଂଘନ କରିଥିବା ଅଭିଯୋଗ କରିଥିଲେ । ଶେଖ ହସିନା ଆନ୍ଦୋଳନକୁ ଦୃଢ ହସ୍ତରେ ଦମନ କରିବା ପାଇଁ ମାନବିକତା ଉଲ୍ଲଂଘନ କରିଥିଲେ । 'ଢାକା ଟ୍ରିବ୍ୟୁନ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଜଷ୍ଟିସ ମହମ୍ମଦ ଗୁଲାମ ମୁର୍ତାଜା ମଜୁମଦାର ଶେଖ ହାସିନାଙ୍କ ମାମଲାର ଶୁଣାଣି କରିଥିଲେ । ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଶେଖ ହାସିନାଙ୍କ ଏକ ଅଡିଓ କ୍ଲିପ ଲିକ ହୋଇଥିଲା । ଲିକ ହୋଇଥିବା ଅଡିଓ କ୍ଲିପରେ ଶେଖ ହାସିନା ଗୋବିନ୍ଦଗଞ୍ଜ ଉପଜିଲା ଅଧ୍ୟକ୍ଷ ଶକିଲ ବୁଲବୁଲଙ୍କ ସହ କଥା ହେଉଥିବା ଅଭିଯୋଗ ହୋଇଛି, ଯେଉଁଥିରେ ସେ କହିଥିଲେ, 'ମୋ ବିରୁଦ୍ଧରେ ୨୨୭ଟି ମାମଲା ରୁଜୁ ହୋଇଛି, ତେଣୁ ମୁଁ ଏହି ଲୋକମାନଙ୍କୁ ହତ୍ୟା କରିବାକୁ ଲାଇସେନ୍ସ ପାଇଛି ।' କୋର୍ଟ ଅବମାନନା ମାମଲାରେ ଶକିଲ ବୁଲବୁଲଙ୍କୁ ଦୁଇ ମାସ ଜେଲ ଦଣ୍ଡ ଦିଆଯାଇଛି । ବୁଲବୁଲ ଢାକାର ଜଣେ ରାଜନୈତିକ ବ୍ୟକ୍ତିତ୍ୱ ଏବଂ ଆୱାମୀ ଲିଗର ଛାତ୍ର ଶାଖା ବାଂଲାଦେଶ ଛାତ୍ର ଲିଗ ସହିତ ଜଡିତ ।ବାଂଲାଦେଶରେ ଛାତ୍ର ଭେଦଭାବ ବିରୁଦ୍ଧରେ ଷ୍ଟୁଡେଣ୍ଟ ଏଗନେଷ୍ଟ ଡିସ୍କ୍ରିମିନେଶନ ଦ୍ୱାରା ହୋଇଥିବା ହିଂସାତ୍ମକ ପ୍ରତିବାଦ ପରେ ଶେଖ ହାସିନାଙ୍କୁ ଅଗଷ୍ଟ ୨୦୨୪ରେ ପଦରୁ ହଟାଇ ଦିଆଯାଇଥିଲା ।

## ଅମରନାଥ ଯାତ୍ରା ପାଇଁ ପହଲଗାମ ପହଞ୍ଚିଲା ଶ୍ରଦ୍ଧାଳୁଙ୍କ ପ୍ରଥମ ଦଳ

ପହଲଗାମ ୨ ।୭: ଅମରନାଥ ଯାତ୍ରା ୨୦୨୫ ଆସ୍ଥା ଓ ସାହାସର ନୂଆ ଉଦାହରଣ ସୃଷ୍ଟି କରିଛି । ଜାମ୍ମୁ-କାଶ୍ମୀରର ପହଲଗାମ ଯେଉଁଠି ୨୨ ଏପ୍ରିଲରେ ଆତଙ୍କବାଦୀ ଆକ୍ରମଣ କରି ଦେଶକୁ ଦୋହଲାଇ ଦେଇଥିଲେ ଆଜି ସେହି ସ୍ଥାନ ପୁଣି ଥରେ ଭକ୍ତି ଭାବରେ ଉଚ୍ଛୁଳି ଉଠୁଛି । ଆତଙ୍କବାଦୀଙ୍କ ଆକ୍ରମଣରେ ୨୫ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକ ପ୍ରାଣ ହରାଇଥିଲେ । ତେବେ ଆତଙ୍କର ଡରକୁ ବେଖାତିର କରି ଶ୍ରଦ୍ଧାଳୁଙ୍କ ପ୍ରଥମ ଦଳ ୨ ଜୁଲାଇ ବୁଧବାର ପହଲଗାମ ବେସ୍ କ୍ୟାମ୍ପକୁ ପହଞ୍ଚିଛି । ବେସ୍ କ୍ୟାମ୍ପରେ ବ୍ୟବସ୍ଥା ଶ୍ରଦ୍ଧାଳୁ ବେଶ୍ ପ୍ରଶଂସା କରିଛନ୍ତି । ଏଠାରେ ସୁରକ୍ଷାର ମଧ୍ୟ କଡ଼ା ବ୍ୟବସ୍ଥା ହୋଇଛି ପ୍ରଥମ ଦଳରେ ପହଞ୍ଚିଥିବା ତୀର୍ଥ ଯାତ୍ରୀ ୩ ଜୁଲାଇ ଗୁରୁବାର ବାବା ବର୍ଫାନୀଙ୍କ ଦର୍ଶନ ପାଇଁ ବାହାରିବେ । ତେବେ ଆତଙ୍କବାଦୀଙ୍କ କାଣ୍ଡ ପରେ ତୀର୍ଥ ଯାତ୍ରୀ ଭୟଭୀତ କି ବୋଲି ପଚରା ଯିବାରେ ବାବା ଅମରନାଥଙ୍କ ଆଶିର୍ବାଦରୁ ଆମକୁ କୌଣସି ଡର ନାହିଁ ବୋଲି ଅନେକ ଶ୍ରଦ୍ଧାଳୁ କହିଛନ୍ତି ।

## ମାଇକ୍ରୋସଫ୍ଟରେ ୯,୧୦୦ କର୍ମଚାରୀ ହରାଇବେ ଚାକିରି

ନୂଆଦିଲ୍ଲୀ, ୨ ।୭: ବିଶ୍ୱର ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ମାଇକ୍ରୋସଫ୍ଟ ଏକ ବଡ଼ ଧରଣର ଛଟେଇ ଘୋଷଣା କରିଛି, ଯେଉଁଥିରେ ପ୍ରାୟ ୪% ବା ୯,୧୦୦ କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯିବ । ସିଆଟଲ ଟାଇମ୍ସର ରିପୋର୍ଟ ଅନୁଯାୟୀ, ୨୦୨୩ ପରେ ଏହା ହେଉଛି ମାଇକ୍ରୋସଫ୍ଟର ସବୁଠାରୁ ବଡ଼ ଛଟେଇ । ୨୦୨୪ ଜୁନ ସୁଦ୍ଧା ମାଇକ୍ରୋସଫ୍ଟରେ ବିଶ୍ୱବ୍ୟାପୀ ପ୍ରାୟ ୨୨୮,୦୦୦ କର୍ମଚାରୀ ଥିବା ଜଣାଯାଇଛି । ଏହି ଛଟେଇ ସମ୍ପର୍କରେ ରୟଟର୍ସର ପ୍ରଶ୍ନର ଜବାବରେ କମ୍ପାନୀ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ । ବ୍ଲୁମବର୍ଗ ନ୍ୟୁଜ ରିପୋର୍ଟ ଅନୁଯାୟୀ, ଗତ ଜୁନ ମାସରେ ମାଇକ୍ରୋସଫ୍ଟ ବିଶେଷ କରି ସେଲ୍ସ ବିଭାଗରେ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିବା ଯୋଜନା କରୁଥିବା ଖବର ପ୍ରକାଶ ପାଇଥିଲା । ଏହା ପୂର୍ବରୁ ମେ ମାସରେ ମଧ୍ୟ ମାଇକ୍ରୋସଫ୍ଟ ପ୍ରାୟ ୬,୦୦୦ କର୍ମଚାରୀଙ୍କୁ ଛଟେଇ କରିଥିଲା । ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ କମ୍ପାନୀଗୁଡ଼ିକ ନିଜ କାର୍ଯ୍ୟ ପ୍ରଣାଳୀକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏଭଳି ଛଟେଇ ନିଷ୍ପତ୍ତି ନେଉଥିବା ଦେଖାଯାଉଛି ।

# ନିଶାରୁ ଯୁବକଙ୍କୁ ସୁରକ୍ଷା ଦେବା ପାଇଁ ସଂକଳ୍ପବଦ୍ଧ: ଶାହ

ନୂଆଦିଲ୍ଲୀ, ୨।୭(ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଏନସିବି ଏବଂ ସମସ୍ତ ସଂସ୍ଥାକୁ ଏକ ବିଶ୍ୱସ୍ତରୀୟ ନିଶାଦ୍ରବ୍ୟ କାରବାରର ପର୍ଦ୍ଦାଫାସ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଯେକୌଣସି ସ୍ଥାନରୁ କାର୍ଯ୍ୟ କରୁଥିବା ପ୍ରତ୍ୟେକ ନିଶାଦ୍ରବ୍ୟ କାରବାର ବନ୍ଦ କରିବା ଏବଂ ଆମ ଯୁବପିଢ଼ିଙ୍କୁ ସୁରକ୍ଷା ଦେବା ଲାଗି ସଂକଳ୍ପବଦ୍ଧ । ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ, 'ଏକ ବିଶ୍ୱସ୍ତରୀୟ ନିଶାଦ୍ରବ୍ୟ କାରବାରର ପର୍ଦ୍ଦାଫାସ କରିଥିବାରୁ ଏନସିବି ଏବଂ ସମସ୍ତ ସଂସ୍ଥାକୁ ଅଭିନନ୍ଦନ । ଏହି ଅନୁସନ୍ଧାନ ବହୁ-ଏଜେନ୍ସି ସମନ୍ୱୟର ଏକ ଚମତ୍କାର ଉଦାହରଣ ସୃଷ୍ଟି କରିଥିଲା, ଯାହାର ଫଳସ୍ୱରୂପ ୫ ଜଣ ଗିରଫ ହୋଇଥିଲେ ଏବଂ ୫ଟି ପରିବହନ ହୋଇଥିବା ମାଲ ଜବତ କରାଯାଇଥିଲା, ଯେତେବେଳେ କି ଆମେରିକା ଏବଂ ଅଷ୍ଟ୍ରେଲିଆରେ ୪ ଟି ମହାଦେଶ ଏବଂ ୧୦ରୁ ଅଧିକ ଦେଶରେ କାର୍ଯ୍ୟ କରୁଥିବା ଗ୍ୟାଙ୍ଗ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ଆମର ଏଜେନ୍ସିମାନେ ଏହି ଗ୍ୟାଙ୍ଗମାନଙ୍କ ଦ୍ୱାରା ବ୍ୟବହୃତ କ୍ରିପଟୋକରେନ୍ସି ପେମେଣ୍ଟ ଏବଂ ଅଜ୍ଞାତ ଡ୍ରପ୍ ସିପର୍ ଭଳି ଅତ୍ୟାଧୁନିକ କାରବାର ଉପରେ ନିରନ୍ତର ନଜର ରଖିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ନେତୃତ୍ୱାଧୀନ ସରକାର ଯେକୌଣସି ସ୍ଥାନରୁ



କାର୍ଯ୍ୟ କରୁଥିବା ନିଶାଦ୍ରବ୍ୟ କାରବାର ବନ୍ଦ କରିବା ଏବଂ ଆମର ଯୁବକମାନଙ୍କୁ ସୁରକ୍ଷା ଦେବା ପାଇଁ ସଂକଳ୍ପବଦ୍ଧ ।ବେଆଇନ ଫାର୍ମାସ୍ୟୁଟିକାଲ୍ ଡ୍ରଗ୍ କାରବାର ବିରୁଦ୍ଧରେ ସବୁଠାରୁ ସୁଦୂରପ୍ରସାରୀ କାର୍ଯ୍ୟାନୁଷ୍ଠାନ ମଧ୍ୟରୁ ଗୋଟିଏରେ, ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି) ମୁଖ୍ୟାଳୟ ଅପରେସନ୍ ୟୁନିଟ୍, ଏକ ଆନ୍ତର୍ଜାତୀୟ ଡ୍ରଗ୍ ଚାଲାଣ ସିଣ୍ଡିକେଟ୍ କୁ ସଫଳତାର ସହ ଭାଙ୍ଗି ଦେଇଛି ଯାହା ଚାରିଟି ମହାଦେଶରେ ନିୟନ୍ତ୍ରିତ ଔଷଧ ଚୋରାଚାଲାଣ ପାଇଁ ଏନକ୍ରିପ୍ଟେଡ୍ ଡିଜିଟାଲ୍ ପ୍ଲାଟଫର୍ମ, ଡ୍ରପ୍ ସିପିଂ ମଡେଲ୍ ଏବଂ କ୍ରିପ୍ଟୋକରେନ୍ସି ବ୍ୟବହାର କରିଥିଲା । ନୂଆଦିଲ୍ଲୀର ବେଙ୍ଗଲି ମାର୍କେଟ ନିକଟରେ ଏକ ନିୟମିତ ଯାନ ଅଟକାଇବା ସହିତ ଯାହା ଆରମ୍ଭ ହୋଇଥିଲା ତାହା ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ୟୁରୋପରେ କାର୍ଯ୍ୟ କରୁଥିବା ଏକ ଅତ୍ୟାଧୁନିକ ଅପରାଧିକ ୱେବରେ ଉନ୍ମୋଚିତ ହୋଇଥିଲା ।ବେଆଇନ ନିଶା ଔଷଧ ନେଟୱାର୍କର ବିଶ୍ୱବ୍ୟାପୀ ପ୍ରସାର ଏବଂ ସମନ୍ୱିତ ଆନ୍ତର୍ଜାତୀୟ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନର ନେତୃତ୍ୱ ନେବାର ଏନସିବିର କ୍ଷମତାକୁ ପ୍ରଦର୍ଶିତ କରେ । ଏହି ଅପରେସନରେ ୪ଟି ମହାଦେଶ ଏବଂ ୧୦ରୁ ଅଧିକ ଦେଶରେ ବ୍ୟାପ୍ତ ଏକ ବିଶ୍ୱସ୍ତରୀୟ ନେଟୱାର୍କର ପର୍ଦ୍ଦାଫାସ୍ ହୋଇଥିଲା ।

## ସରକାରଙ୍କ ଅବହେଳାରୁ ଖାଦ୍ୟର ଅଭାବ ଦେଇ ଗତି କରୁଛି ଦେଶ: ରାହୁଲ



ନୂଆଦିଲ୍ଲୀ, ୨ ।୭: କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର କେନ୍ଦ୍ର ସରକାରଙ୍କ ଉପରେ ବଡ ଧରଣର ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଦେଶର କୃଷକ ସାରର ଅଭାବ ଦେଇ ଗତି କରୁଛନ୍ତି, କିନ୍ତୁ ସରକାର ତାଙ୍କର ତାଙ୍କର କୌଣସି ସାହାଯ୍ୟ କରୁନାହାନ୍ତି । ସେ ଦାବି କରିଛନ୍ତି ଚୀନରୁ ଆସୁଥିବା ସାର ଯୋଗାଣକୁ ରୋକିବା ପରେ ବି ସରକାର କୌଣସି ବିକଳ୍ପ ତିଆରି କରି ନାହାନ୍ତି । ରାହୁଲ ଗାନ୍ଧୀ ଏହାକୁ କୃଷକଙ୍କ ସହ ଅନ୍ୟାୟ ବୋଲି କହିଛନ୍ତି । ରାହୁଲ କହିଛନ୍ତି, ଭାରତ କୃଷି ପ୍ରଧାନ ଦେଶ ଓ କୃଷକ ଆମର ଅର୍ଥବ୍ୟବସ୍ଥାର ମେରୁଦଣ୍ଡ । କିନ୍ତୁ ଏହି ମେରୁଦଣ୍ଡ ଏବେ ବିଦେଶୀ ନିର୍ଭରତାର କାରଣରୁ ଦୁର୍ବଳ ହେବାରେ ଲାଗିଛି । ସେ କହିଛନ୍ତି, ଭାରତ ୮୦ ପ୍ରତିଶତ ଖାଦ୍ୟ ଚୀନରୁ ଆମଦାନୀ କରୁଛି । ଏବେ ଚୀନ୍ ବି ଏହାର ସପ୍ଲାଇ ରୋକି ଦେଇଛି, ଫଳରେ କୃଷକଙ୍କ ଆଗରେ ବଡ଼ ସଙ୍କଟ ସୃଷ୍ଟି ହୋଇଛି । ରାହୁଲ କହିଛନ୍ତି, ଏହା ପ୍ରଥମ ଥର ନୁହେଁ ଯେତେବେଳେ ଦେଶରେ ଅତ୍ୟାବଶକୀୟ ସାରରେ ଅଭାବ ହୋଇଛି । ପୂର୍ବରୁ ଦେଶସାରା କୃଷକ ଡିଏପି(ଡାୟମୋନିୟମ ଫସଫେଟ୍) ଓ ୟୁରିଆର ଅଭାବକୁ ନେଇ ଚିନ୍ତାରେ ଅଛନ୍ତି । ଏବେ ଚୀନରୁ ଆସୁଥିବା ସ୍ପେଶାଲ ଫର୍ଟିଲାଇଜରର ଯୋଗାଣ ବନ୍ଦ ହେବା ପରେ ସ୍ଥିତି ଆହୁରି ଖରାପ ହୋଇଯାଇଛି । କଂଗ୍ରେସ ନେତା କେନ୍ଦ୍ର ସରକାର ଉପରେ ଅଭିଯୋଗ କରିଛନ୍ତି, ସରକାରଙ୍କୁ ପୂର୍ବରୁ ଜଣାଥିଲା ଚୀନ୍ କେବେ ବି ଯୋଗାଣ ରୋକିଦେବ । ଏହପରେ ବି ନା ଘରୋଇ ଉତ୍ପାଦନ ବଢାଇବା ନେଇ କୌଣସି ନୀତି ତିଆରି ହୋଇନି ନା କୌଣସି ଯୋଜନା ଉପରେ କାମ ହୋଇନି ।

## ପାକିସ୍ତାନୀ ନ୍ୟୁଜ ଚ୍ୟାନେଲ, ସୋସିଆଲ ମିଡିଆ ଆକାଉଣ୍ଟ ଉପରୁ ପ୍ରତିବନ୍ଧକ ହଟିଲା

ନୂଆଦିଲ୍ଲୀ, ୨।୭: ପହଲଗାମ ଆତଙ୍କବାଦୀ ହମଲାର ଜବାବରେ ଭାରତ ଦ୍ୱାରା ଆରମ୍ଭ କରାଯାଇଥିବା ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ନ୍ୟୁଜ ଚ୍ୟାନେଲ ଓ ସେଲିବ୍ରିଟିମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଲାଗିଥିବା ପ୍ରତିବନ୍ଧକ ଏବେ ହଟିଥିବା ଜଣାପଡ଼ିଛି । ତେବେ, ସରକାର ପକ୍ଷରୁ ଏ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ବୁଧବାର ସାବା କମର, ମାୱରା ହୋକେନ, ଆହାଦ ରଜା ମୀର, ହାନିଆ ଆମୀର, ୟୁମନା ଜୈଦୀ ଏବଂ ଡାନିଶ ତୈମୂର ପରି ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଭାରତରେ ପୁନର୍ବାର ଦୃଶ୍ୟମାନ ହେବା ଆରମ୍ଭ ହୋଇଛି । ଏହା ସହିତ ହମ ଟିଭି, ଏଆରୱାଇ ଡିଜିଟାଲ ଏବଂ ହର ପାଲ ଜିଓ ପରି ପାକିସ୍ତାନୀ ନ୍ୟୁଜ ମିଡିଆ ଦ୍ୱାରା ପରିଚାଳିତ ଅନେକ ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ଭାରତରେ ପୁନର୍ବାର ଷ୍ଟ୍ରିମିଂ ପାଇଁ ଉପଲବ୍ଧ ହୋଇଛି । ଜାମ୍ମୁ-କାଶ୍ମୀରର ପହଲଗାମର ବୈସରଣ ଉପତ୍ୟକାରେ ଘଟିଥିବା ଆତଙ୍କବାଦୀ ହମଲାରେ ୨୬ ଜଣ ନାଗରିକ, ଯେଉଁମାନଙ୍କ ମଧ୍ୟରୁ ୨୫ ଜଣ ପର୍ଯ୍ୟଟକ ଥିଲେ, ନିହତ ହୋଇଥିଲେ । ଏହି ହମଲା ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା ସହ ଜଡ଼ିତ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ)କୁ ଦାୟୀ କରାଯାଇଥିଲା । ଏହି ଘଟଣା ପରେ ଭାରତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କକୁ ହ୍ରାସ କରିଥିଲା ଏବଂ ଇନ୍ଦୁସ ଜଳ ଚୁକ୍ତିନାମା (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ କରିବା ସହ ପାକିସ୍ତାନୀ ନ୍ୟୁଜ ଚ୍ୟାନେଲ ଓ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଇଥିଲା ।

## ଦିଲ୍ଲୀରେ ମହିଳାମାନଙ୍କୁ ରାତି ଡିୟୁଟିର ଅନୁମତି ଦେବା ପାଇଁ ଜାରି ହେଲା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨।୭: ଦିଲ୍ଲୀ ସରକାର ମହିଳାକର୍ମଚାରୀମାନଙ୍କୁ ରାତି ସିଫ୍ଟରେ କାମ କରିବାକୁ ଅନୁମତି ଦେବା ପାଇଁ ଶ୍ରମ ବିଭାଗକୁ ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଅଧିକାରୀମାନଙ୍କ ସୂତ୍ରରୁ ପ୍ରକାଶ, ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ସମ୍ମତି ଆଧାରରେ ରାତି ସିଫ୍ଟରେ କାମ କରିବାକୁ ଅନୁମତି ଦେବା ପାଇଁ ଶ୍ରମ ବିଭାଗକୁ ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏଥିସହିତ ଦିଲ୍ଲୀ ଦୋକାନ ଏବଂ ପ୍ରତିଷ୍ଠାନ ଆଇନରେ ସଂଶୋଧନ କରି ଏବଂ କାରଖାନା ଆଇନ ଅନୁଯାୟୀ ଉପଯୁକ୍ତ ବିଜ୍ଞପ୍ତି ଜାରି କରି ସମସ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । କେବଳ ଏତିକ ନୁହେଁ, ମହିଳା କର୍ମଚାରୀଙ୍କ ରାତି ଡ୍ୟୁଟି ସମ୍ବନ୍ଧୀୟ ସରକାରୀ ପ୍ରକ୍ରିୟାଗୁଡ଼ିକୁ ମଧ୍ୟ ପୁନଃ କାର୍ଯ୍ୟ କରିବା ପାଇଁ ଅନେକ ନିର୍ଦ୍ଦେଶ ଜାରି କରାଯାଇଛି । ଦିଲ୍ଲୀ ଦୋକାନ ଏବଂ ପ୍ରତିଷ୍ଠାନ ଆଇନର ଉପଯୋଗିତା ପାଇଁ ଶ୍ରମ ବିଭାଗକୁ ସର୍ବନିମ୍ନ କର୍ମଚାରୀ ସଂଖ୍ୟା ଏକରୁ ୧୦କୁ ବୃଦ୍ଧି କରିବାକୁ ମଧ୍ୟ କୁହାଯାଇଛି । ଏହାସହିତ ଦୋକାନ ଏବଂ ପ୍ରତିଷ୍ଠାନଗୁଡ଼ିକୁ ସପ୍ତାହ ସାରା ୨୪ ଘଣ୍ଟା କାମ କରିବାକୁ ଅନୁମତି ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ମୋଦି-ନୀତୀଶଙ୍କୁ ଡେଲିଭରୀ ବୟ କହି କଟାକ୍ଷ କଲେ ଲାଲୁ

ପାଟଣା, ୨।୭: ପୁଣି ନୀତୀଶଙ୍କୁ କଟାକ୍ଷ କଲେ ଲାଲୁ ପ୍ରସାଦ ଯାଦବ । ନିର୍ବାଚନ ପୂର୍ବରୁ ମୋଦି-ନୀତୀଶଙ୍କୁ ଡେଲିଭରୀ ବୟ କହି କଲେ ସମାଲୋଚନା । ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ଦୁହିଁଙ୍କୁ ମିଛ ପ୍ରତିଶ୍ରୁତିର ଡେଲିଭରୀ ବୟ କହିଲେ ଲାଲୁ । ମୋଦି-ନୀତୀଶଙ୍କ ଏଆଇ ନିର୍ମିତ ଡେଲିଭରୀ ବୟ ଫଟୋ ସହ ସମାଲୋଚନା ଭରା ଶବ୍ଦ ଲେଖିଛନ୍ତି ଲାଲୁ ।ଯେଉଁଥିରେ ଲାଲୁ କହିଛନ୍ତି ନିର୍ବାଚନ ବେଳେ ବିହାରର ଗଳି କନ୍ଦିରେ ଏବେ ମିଛ ପ୍ରତିଶ୍ରୁତି ନେଇ ବୁଲୁଥିବା ଦୁଇ ଡେଲିଭରୀ ବୟଙ୍କୁ ଦେଖିବାକୁ ମିଳିବ । ଜଣଙ୍କ ବ୍ୟାଗରେ ଅଚ୍ଛେ ଦିନ ଥିବ ଆଉ ଜଣଙ୍କ ବ୍ୟାଗରେ ସ୍ୱତନ୍ତ୍ର ରାଜ୍ୟ ଥିବ, ଯାହାକୁ ନେଇ ଏମାନେ ଖୁବ ବୁଲୁଥିବେ ବୋଲି ଲାଲୁ କହିଛନ୍ତି । ଲାଲୁଙ୍କ କଟାକ୍ଷ ପରେ ଏବେ ବିହାର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି । ଗତକାଲି ଜେଡିୟୁ ପାର୍ଟି ଅଫିସ ସମେତ ବିହାରର ବିଭିନ୍ନ ସ୍ଥାନରେ ମୋଦୀ-ନୀତୀଶଙ୍କ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଥିଲା । ଯେଉଁଥିରେ ଏନଡିଏରେ ସବୁକିଛି ଠିକଠାକ୍ ଥିବା କହିବାକୁ ପ୍ରୟାସ କରାଯାଇଥିଲା ।

## ହିମାଚଳରେ ପ୍ରକୃତିର ତାଣ୍ଡବ: ଗଲାଣି ୧୦ରୁ ଅଧିକ ଜୀବନ

ନୂଆଦିଲ୍ଲୀ, ୨।୭ : ମଧ୍ୟପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ଆଇଏମଡି ପକ୍ଷରୁ ୧୦ ଜିଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଏହି ଜିଲାଗୁଡିକ ହେଲା ଗ୍ୱାଲିୟର, ଭିନ୍ଦ୍, ମୋରେନା, ସିଓପୁର, ଉମାରିଆ, ଡିଣ୍ଡୋରି, କଟ୍ନୀ, ଦାତିଆ, ମାଣ୍ଡ୍ଲା ଏବଂ ପାନ୍ନା । ଆସନ୍ତା ୨୪ଘଣ୍ଟାରେ ଏହି ଜିଲାଗୁଡିକରେ ୮ ଇଞ୍ଚ ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଉଛି । ସେପଟେ ହିମାଚଳ ପ୍ରାଦଶରେ ମଧ୍ୟ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି । ୧୧ ଟି ସ୍ଥାନରେ ବାଦଲ ଫଟା ବର୍ଷା ଯୋଗୁଁ ବହୁ ଧନ ଜୀବନ ଧ୍ୱଂସବିଧ୍ୱଂସ ହେବା ସହ ୧୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି ।

## ନୂଆ ଦଲାଇଲାମା ଚୟନରେ ଆମ ଅନୁମୋଦନ ଆବଶ୍ୟକ : ଚୀନ

ବେଜିଂ, ୨।୭: ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ଭାରତରେ ଥିବା ପ୍ରବାସୀ ତିବ୍ବତୀୟ ସରକାର ଓ ଚୀନ । ତିବ୍ବତୀୟ ପରମ୍ପରା ଅନୁସାରେ ହିଁ ନୂଆ ଦଲାଇଲାମା ଚୟନ ହେବ ବୋଲି ବର୍ତ୍ତମାନର ଦଲାଇଲାମାଙ୍କ ଘୋଷଣା ପରେ କ୍ଷୁବଧ ହୋଇଛି ଚୀନ । ନୂଆ ଦଲଇଲାମା ଚୟନରେ ଚୀନ ସରକାରଙ୍କ ମଞ୍ଜୁରୀ ଜରୁରୀ ବୋଲି ଚୀନ କହିଛି । ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା ଗୋଲଡେନ ଅର୍ନ



ଲଟେରି ଅନୁସାରେ କରାଯିବ ଓ ଏଥିରେ ଚୀନର କେନ୍ଦ୍ରୀୟ ସରକାରଙ୍କ ମଂଜୁରି ମଧ୍ୟ ଆବଶ୍ୟକ । ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା ଗୋଲଡେନ ଅର୍ନ ଲଟେରି ଅନୁସାରେ କରାଯିବ ଓ ଏଥିରେ ଚୀନର କେନ୍ଦ୍ରୀୟ ସରକାରଙ୍କ ମଂଜୁରି ମଧ୍ୟ ଆବଶ୍ୟକ । ଆଜି ଦଲାଇଲାମାଙ୍କ ପକ୍ଷରୁ ଏକ ବୟାନ ଜରି କରି କୁହାଯାଇଥିଲା ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ । ନୂଆ ଦଲାଇ ଲାମା ଚୟନ ପାଇଁ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ସେ ମଧ୍ୟ ଏହା ସ୍ପଷ୍ଟ କରିଛନ୍ତି ଯେ ତିବ୍ବତୀୟ ଲୋକମାନଙ୍କ ଦ୍ୱାରା ନୂଆ ଦଲାଇଲାମାଙ୍କ ଚୟନ ହେବ । ଏଥିରେ ଚୀନର କୌଣସି ଭୂମିକା ରହିବ ନାହିଁ । ବର୍ତ୍ତମାନର ଦଲାଇଲାମା ଅର୍ଥାତ୍ ୧୪ତମ ଦଲାଇଲାମାଙ୍କ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଓ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ ।

## କର୍ଣ୍ଣାଟକରେ ସରକାର ବଦଳାଇଲେ ଦୁଇଟି ସହରର ନାଁ



ନୂଆଦିଲ୍ଲୀ, ୨ ।୭: କର୍ଣ୍ଣାଟକ କଂଗ୍ରେସରେ ଅଶାନ୍ତି ମଧ୍ୟରେ, ରାଜ୍ୟର ସିଦ୍ଧରମୈୟା ସରକାର ବୁଧବାର ( ଦୁଇଟି ସହରର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଘୋଷଣା କରିଛନ୍ତି ଯେ, ଏବେଠାରୁ ବେଙ୍ଗାଲୁରୁ ଗ୍ରାମୀଣ ଜିଲ୍ଲାର ନାଁକୁ ବଦଳାଇ ବେଙ୍ଗାଲୁରୁ ନର୍ଥ ଓ ବାଗେପଲ୍ଲୀର ନାଁ ବଦଳାଇ ଭାଗ୍ୟନଗର କରି ଦିଆଯାଇଛି । କର୍ଣ୍ଣାଟକ ସରକାର ମେ ୨୦୨୫ରେ ରାମନଗର ଜିଲ୍ଲାର ନାଁ ବଦଳାଇ ବେଙ୍ଗାଲୁରୁ ଦକ୍ଷିଣରେ ପରିବର୍ତ୍ତନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଜିଲ୍ଲାର ନାମ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲେ । ଗତ କିଛି ଦିନ ଧରି, କର୍ଣ୍ଣାଟକ କଂଗ୍ରେସ ଭିତରେ ଆଭ୍ୟନ୍ତରୀଣ କନ୍ଦଳର ରିପୋର୍ଟ ଲଗାତାର ଆସୁଛି । ତଥାପି, ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସ୍ପଷ୍ଟ କରିଛନ୍ତି ଯେ ଦଳରେ କୌଣସି ଗୋଷ୍ଠୀବିବାଦ ନାହିଁ ଏବଂ ଆମେ ଏକଜୁଟ ଅଛୁ । ଡିକେ ଶିବକୁମାର ଚେତାବନୀ ଦେଇଛନ୍ତି ଯେ ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ ସାର୍ବଜନୀନ ବିବୃତ୍ତି ଦେଉଥିବା ନେତାମାନଙ୍କୁ ନୋଟିସ୍ ଜାରି କରାଯିବ ।

# ଭାରତକୁ ମିଳିଲା ଆମେରିକାର ଲଢୁଆ ଆପାଚେ ହେଲିକପ୍ଟର

## ପାକ୍ ସୀମାରେ ହେବ ମୁତୟନ

ନୂଆଦିଲ୍ଲୀ, ୨ ।୭: ଅନେକ ବିଳମ୍ବ ପରେ ଭାରତୀୟ ସେନାକୁ ମିଳିଛି ପ୍ରଥମ ପର୍ଯ୍ୟାୟରେ ଅତ୍ୟାଧୁନିକ ଆପାଚେ ଲଢୁଆ ହେଲିକାପ୍ଟର । ଏହି ହେଲିକାପ୍ଟରଗୁଡ଼ିକ ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ମୁତୟନ କରାଯିବ, ଯାହା ଭାରତୀୟ ସେନାର ଯୁଦ୍ଧ କ୍ଷମତାକୁ ଆହୁରି ଶକ୍ତିଶାଳୀ କରିବ । ଏହି ଖବର ଭାରତୀୟ ସେନାର ପଶ୍ଚିମ ସୀମାରେ ନିରାପତ୍ତା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ୬୦୦ ମିଲିୟନ ଡଲାରର ଏକ ଚୁକ୍ତି ଅନୁଯାୟୀ, ଭାରତୀୟ ସେନା ୨୦୨୪ ମେ-ଜୁନ ମାସ ମଧ୍ୟରେ ଛଅଟି ଆପାଚେ ହେଲିକାପ୍ଟର ପାଇବାର ଆଶା ରଖିଥିଲା । କିନ୍ତୁ ଏହା ପ୍ରଦାନରେ ବିଳମ୍ବ ହୋଇଥିଲା, ଯାହାର କାରଣ ଭାବେ ଆମେରିକାର ବୋଇଙ୍ଗ କମ୍ପାନୀ ଉତ୍ପାଦନରେ କାରିଗରୀ ସମସ୍ୟାକୁ ଦାୟୀ କରିଛି । ଏବେ ବୋଇଙ୍ଗ ପକ୍ଷରୁ



ଜୁଲାଇ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ହେଲିକାପ୍ଟର ଯୋଗାଇ ଦିଆଯାଇଛି ଏବଂ ଅକ୍ଟୋବର ୨୦୨୫ ସୁଦ୍ଧା ମୋଟ ଛଅଟି ଆପାଚେ ହେଲିକାପ୍ଟରର ଯୋଗାଇ ଦେବା ବୋଲି ଘୋଷଣା କରାଯାଇଛି । ଏହି ଅତ୍ୟାଧୁନିକ ଆପାଚେ ହେଲିକାପ୍ଟରଗୁଡ଼ିକୁ ପାକିସ୍ତାନ ସୀମା ନିକଟସ୍ଥ ରାଜସ୍ଥାନର ଯୋଧପୁର ସୈନ୍ୟ ବେସରେ ମୁତୟନ କରାଯିବ । ଏହି ସ୍ଥାନରେ ଏକ ବିଶେଷ ଆପାଚେ ଆକ୍ରମଣ ହେଲିକାପ୍ଟର ସ୍କ୍ୱାଡ୍ରନ ଗଠନ କରାଯିବ, ଯାହା ଭାରତୀୟ ସେନାର ଏଭିଏସନ କର୍ପସର ଅଂଶ ହେବ । ଏହି ସ୍କ୍ୱାଡ୍ରନ ପଶ୍ଚିମ ସୀମାରେ ସୈନ୍ୟର ଆକ୍ରମଣ କ୍ଷମତାକୁ ନୂଆ ଉଚ୍ଚତା ପ୍ରଦାନ କରିବ । ବୋଇଙ୍ଗ ଦ୍ୱାରା ନିର୍ମିତ ଆପାଚେ ହେଲିକାପ୍ଟର ହେଉଛି ବିଶ୍ୱର ସବୁଠାରୁ ଉନ୍ନତ ଆକ୍ରମଣ ହେଲିକାପ୍ଟରଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ଅଜଣା ଆକ୍ରମଣ କ୍ଷମତା, ଅତ୍ୟାଧୁନିକ ସେନସର ଏବଂ ସଠିକତା ସହ ଲକ୍ଷ୍ୟଭେଦୀ ଅସ୍ତ୍ର ବ୍ୟବସ୍ଥା ଏହାକୁ ଯୁଦ୍ଧକ୍ଷେତ୍ରରେ ଅତୁଳନୀୟ ଶକ୍ତି ପ୍ରଦାନ କରୁଛି । ଏହା ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ଏବଂ ଅସ୍ତ୍ରଶସ୍ତ୍ର ବହନ କରିବାରେ ସକ୍ଷମ, ଯାହା ଶତ୍ରୁ ସୈନ୍ୟ ଓ ସମର ଟ୍ୟାଙ୍କ ନଷ୍ଟ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ।

## ଅହମଦାବାଦ ପ୍ଲେନ କ୍ରାସ ମାମଲାର ସବୁ ଦିଗରୁ ହେଉଛି ଯାଞ୍ଚ

# ରିକ୍ରିଏଟ ହେଲା ସିନ୍



ମୁମ୍ବାଇ ୨ ।୭: ଜୁନ ୧୨ ତାରିଖରେ ଗୁଜରାଟର ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ହୋଇଥିଲା । ଏହି ବିମାନ ଦୁର୍ଘଟଣାର କାରଣ କ'ଣ ତାହା ଏବେ ଯାଞ୍ଚ ହେଉଛି । ପ୍ଲେନର ବ୍ଲାକ୍ ବକ୍ସରୁ ଡାଟା ଡାଉନଲୋଡ ହୋଇଯାଇଛି, ଏବେ ଏହାର ଯାଞ୍ଚ ଚାଲିଛି । ଏହା ବି ଜାଣିବାକୁ ଚେଷ୍ଟା କରାଯାଉଛି ଯେ ପାଇଲଟଙ୍କ ଦ୍ୱାରା କିଛି ଭୁଲ ହୋଇ ନାହିଁ ତ ? ଯାଞ୍ଚରେ ଫ୍ୟୁଲ ସ୍ୱିଚ୍ ସ୍ଥିତି ମଧ୍ୟ ପରଖାଯିବ । ଏଥିପାଇଁ ମୁମ୍ବାଇରେ ଏୟାର ଇଣ୍ଡିଆର ୩ ଜଣ ପାଇଲଟ ସିନେରିଓ ରିକ୍ରିଏଟ କରିଛନ୍ତି । ସିମୁଲେଟରରେ ପାଇଲଟମାନେ ଇଲେକ୍ଟ୍ରିକାଲ ଫଲ୍ୟୋରକୁ ବୁଝିବାକୁ ଚେଷ୍ଟା କରିଛନ୍ତି । ଏଥିରୁ ଦୁଇ ଇଞ୍ଜିନରେ ନିଆଁ ଲାଗିଯିବାର ଯଥେଷ୍ଟ ସମ୍ଭାବନା ଥାଏ ଓ ପ୍ଲେନ ଟେକଅଫ୍ କରିବା ପରେ କ୍ଲାଇମ୍ବିଂ କରିପାରେ ନାହିଁ । ସିମୁଲେସନରେ ପାଇଲଟମାନେ ଏୟାର ଇଣ୍ଡିଆ ବିମାନର ଟ୍ରିମ ସିଟ୍ ଡାଟାକୁ ଦୋହରାଇଛନ୍ତି । ଏଥିରେ ପାଇଲଟମାନେ ଗୋଟିଏ ଇଞ୍ଜିନ ଫେଲ ହେବାର ସ୍ଥିତିକୁ ମଧ୍ୟ ଆକଳନ କରିଛନ୍ତି । ଏଥିରେ ଅଣ୍ଡର କ୍ୟାରେଜକୁ ତଳେ ଛାଡି ଦିଆଯାଇଥିଲା ଓ ଫ୍ଲାପକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନିଆଯାଇଥିଲା । ଏହି ସ୍ଥିତି ଟେକଅଫ ଲାଗି ଅନସେଫ ମନେ କରାଯାଏ । ଏହା ଛଡା ଏକ ଭୁଲ ଟେକଅଫ ଫ୍ଲାପର କନଫିଗରେସନକୁ ବି ଦୋହରା ଯାଇଥିଲା, ଏଥିରେ କୌଣସି ବିମାନ ଗୋଟିଏ ଇଞ୍ଜିନରେ କ୍ଲାଇମ୍ବ କରିବା କଷ୍ଟକର ହୁଏ । ଟେକଅଫ ଫ୍ଲାପ ଫ୍ଲାଇଟ୍ ୱିଙ୍ଗରେ ଲାଗିଥିବା ଆଡଜଷ୍ଟେବଲ ସରଫେସ ହୋଇଥାନ୍ତି, ଏହା ଦ୍ୱାରା କ୍ଲାଇମ୍ବରେ ସହାୟତା ମିଳିଥାଏ । ସମୁଲେସନରେ ଏହି ସବୁ ସ୍ଥିତିରେ ପ୍ଲେନ ଗୋଟିଏ ଇଞ୍ଜିନରେ ମଧ୍ୟ ଲିଫ୍ଟ ନେଇଯାଇଥିଲା । ଏହା ଦ୍ୱାରା ସେହି ସବୁ ପରିସ୍ଥିତିକୁ ବୁଝିବାକୁ ଚେଷ୍ଟା କରାଯାଇଥିଲା ଯେ ଦୁଇଟି ଇଞ୍ଜିନ ଫେଲ ହେବା ପରିସ୍ଥିତିରେ ପ୍ଲେନ ଦୁର୍ଘଟଣାର ଶିକାର ହୋଇପାରେ ।

## ଡକାୟତି ଯୋଜନା ପଣ୍ଡ

# ୫ ଡକାୟତ ଗିରଫ:ଧାରୁଆ ଅସ୍ତ୍ର ସହ ସ୍ପିଡ଼ ବାଇକ,ବନ୍ଧୁକ ଜବତ

ଭୁବନେଶ୍ୱର,(ନିପ୍ର): ଖଣ୍ଡଗିରି ଥାନା ପୋଲିସକୁ ବୁଧବାର ଏକ ବଡ଼ଧରଣର ସଫଳତା ମିଳିଛି। ରାତିର ଅନ୍ଧାରକୁ ଢ଼ାଲ କରି ସ୍ଥାନୀୟ ଅଂଚଳରେ ବେଧଡକ ଭାବେ ଡକାୟତି କରୁଥିବା ଏକ ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ଏକାଧିକ ମାମଲାରେ ସଂପୃକ୍ତ। ଖାସକରି ଗିରଫ ସମସ୍ତ ଅଭିଯୁକ୍ତ ବେଆଇନ ନିଶା କାରବାର ମାମଲାରେ ଅଧିକରୁ ଅଧିକ ଭାବେ ସଂପୃକ୍ତ। ସେମାନେ ନିଶା କାରବାର ପାଇଁ ଡକାୟତି କରିଥାନ୍ତି ବୋଲି ପୋଲିସ ପଚରାଉଚରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଜୋନ ୩ ଏସିପି ତାପସ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଅଞ୍ଚଳର ରଣଜିତ କୁମାର ଘଡ଼େଇ ଓରଫ ଚନ୍ଦୁ (୨୪),କାହ୍ନା ଦାସ (୩୦), କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅଂଚଳର ଦୀପକ ପ୍ରଧାନ (୨୬),ଖଣ୍ଡଗିରି ଥାନା ଡୁମୁଡୁମା ଯଦୁପୁରର ସେକ ଅବିବ ଓରଫ ଗୋଲ୍ଡେନ (୩୦) ଓ ସୁବାସ ନଗର ବସ୍ତିର ସୁକାନ୍ତ ମହାରଣା (୩୨)। ଗିରଫ ସମସ୍ତ ଅଭିଯୁକ୍ତ ପରସ୍ପରକୁ ପୂର୍ବରୁ ଜେଲରେ ଥିବା ବେଳେ ଚିହ୍ନାପରିଚିତ ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଖଣ୍ଡା, କଟୁରି, ବନ୍ଧୁକ, ଏବଂ ଅନ୍ୟାନ୍ୟ ମାରଣାସ୍ତ୍ରକୁ ଜବତ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଜୁଲାଇ ୧ ତାରିଖ ବିଳମ୍ବିତ ରାତିରେ ଖଣ୍ଡଗିରି ଥାନାର ସବଇନ୍ସପେକ୍ଟର ଏ ପ୍ରଧାନ ନିଜ ପୋଲିସ ଟିମ ସହ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ କି, ୬ ଜଣ ଅସାମାଜିକ ଯୁବକ ସାଙ୍ଗରେ ମାରଣାସ୍ତ୍ର ଧରି ବରମୁଣ୍ଡା ପଡ଼ିଆରେ କିଛି ଯୋଜନା କରୁଛନ୍ତି। ପରେ ପୋଲିସ ଟିମ ସେଠାରେ ଚଢ଼ଉ କରିବା ସମୟରେ ଜଣେ ଅଭିଯୁକ୍ତ ପୋଲିସକୁ ଦେଖି ଘଟଣାସ୍ଥଳରୁ ଚଂପଟ ମାରିଥିଲା। ପୋଲିସ ପଞ୍ଝାରେ ପଡ଼ିଥିବା ଅଭିଯୁକ୍ତମାନେ ସେହି ରାତିରେ ସ୍ଥାନୀୟ ଅଞ୍ଚଳରେ କିଛି ବଡ଼ ଡକାୟତି କରୁଥିବା ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଜବତ ହୋଇଥିବା ବନ୍ଧୁକଟି ଅଭିଯୁକ୍ତ କାହ୍ନାର। ସେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଉକ୍ତ ବନ୍ଧୁକଟିକୁ ବ୍ୟବହାର କରିବା ଲାଗି ଏହାକୁ ନିଜ ପାଖରେ ରଖୁଥିବା ପୋଲିସ ନିକଟରେ ମାନିଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଗୋଟାଏ ସ୍କୁଟି, ଗୋଟାଏ ହୋଣ୍ଡା ବାଇକ, ଏକ ଦେଶୀ ବନ୍ଧୁକ, ଆନ୍ଧ୍ରା କଟୁରି, ହାତ ତିଆରି ଫାର୍ଶା ଓ ନଗଦ ୨ ହଜାର ଟଙ୍କାକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ରଣଜିତ ଘଡେଇଙ୍କ ନାମରେ ଜଟଣୀ ଥାନାରେ ୨ଟି ମାମଲା ରହିଥିବା ବେଳେ କାହ୍ନା ଦାସ ନାମରେ ଖୋର୍ଦ୍ଧା ଟାଉନ ଥାନା ଏବଂ ଖଣ୍ଡଗିରି ଥାନାରେ ୨ଟି ମାମଲା ରହିଛି। ସୁକାନ୍ତ ମହାରଣାଙ୍କ ନାମରେ ତମାଣ୍ଡୋ, ଖଣ୍ଡଗିରି ଓ ଭରତପୁର ଥାନାରେ ୪ଟି ମାମଲା ରହିଛି। ସେହିପରି ଗୋଲ୍ଡେନଙ୍କ ନାମରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ୯ଟି ମାମଲା ରହିଥିବା ଜଣାପଡ଼ିଛି। ଦୀପକଙ୍କ ନାମରେ ମଧ୍ୟ ନିଶ୍ଚିନ୍ତକୋଇଲି ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

## ୧୯ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ:୨ ବେପାରୀ ଗିରଫ

ଭୁବନେଶ୍ୱର,(ନିପ୍ର): ଇନଫୋସିଟି ଥାନା ପୋଲିସ ବୁଧବାର ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ପୋଲିସ ୧୯ ଲକ୍ଷ ଟଙ୍କା ଜବତ କରିଛି। ଗିରଫ ଦୁଇ ବେପାରୀ ହେଲେ ଶିଖରଚଣ୍ଡି ନଗର ଉପରସାହିର ଅମୀମ କୁମାର ଦାସ ଓରଫ ବାବୁ ଓରଫ କାରା (୪୫) ଓ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ମହାନ୍ତି ସାହିର ଅଭିଷେକ ମହାନ୍ତି ଓରଫ ବାବୁ (୩୧)। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ୧୯ ଗ୍ରାମ ଓଜନର ବ୍ରାଉନସୁଗର, ଏକ ବାଇକ ଓ ନଗଦ ୬ଶହ ୫୦ ଟଙ୍କା ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତ ପଟିଆ ଖେଳପଡ଼ିଆ ନିକଟରେ ବ୍ରାଉନସୁଗରକୁ ପାଖରେ ରଖି ବିକ୍ରି କରିବା ଉଦ୍ଦେଶ୍ୟରେ ଗ୍ରାହକଙ୍କ ଅପେକ୍ଷାରେ ଥିଲେ। ଏନେଇ ଥାନାଧିକାରୀ ମହେନ୍ଦ୍ର ସାହୁ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଥାନାର ଏକ ସ୍ୱତନ୍ତ୍ର ଟିମକୁ ସେଠାରେ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଥାନାଧିକାରୀ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଟିମ ସଦସ୍ୟମାନେ ସେଠାରେ ଚଢ଼ଉ କରି ୨ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ନିଶା ସାମଗ୍ରୀ ଜବତ କରିବାରେ ସଫଳ ହୋଇଛନ୍ତି।

## ଡେଙ୍ଗୁ ଜ୍ୱର ପ୍ରତି ସତର୍କ ଓ ସଚେତନତା ଅଭିଯାନ

ଯୋଡ଼ା,(ନିପ୍ର): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରପାଳିକା ଓ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡର ମିଳିତ ଉଦ୍ୟମରେ ବୁଧବାର ସ୍ଥାନୀୟ ଲୋକମାନଙ୍କୁ ଡେଙ୍ଗୁରୋଗ ନିବାରଣ ପାଇଁ ପ୍ରତିକାରାତ୍ମକ ଓ ଆରୋଗ୍ୟକର ପଦକ୍ଷେପ ବିଷୟରେ ସଚେତନ କରାଇବା ଲକ୍ଷ୍ୟରେ ଏକ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ବର୍ଷା ଋତୁରେ ବଡବିଲ ସହରରେ ଡେଙ୍ଗୁ, ମେଲେରିଆ ଆଦି ପ୍ରାଣଘାତକ ରୋଗରୁ ରକ୍ଷା ପାଇବା ନିମନ୍ତେ ୧ ଜୁଲାଇରୁ ୱାର୍ଡ ସଂଖ୍ୟା ୪ ରାମ ନଗର, ବଡବିଲ ଠାରେ ଡେଙ୍ଗୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଥିଲା । ଶୁଭାରମ୍ଭ କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୪ର କାଉନସିଲର ସଦସ୍ୟ ରଶ୍ମିତା ମହାନ୍ତି ଏବଂ ସ୍ୱଚ୍ଛ ସାଥୀ ମହିଳା ସମିତିର ପ୍ରତିନିଧିମାନଙ୍କ ଉପସ୍ଥିତିରେ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ସେମାନଙ୍କୁ ସଚେତନ କରିବାରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥି କହିଥିଲେ। ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ ବଡବିଲ ଅଫିସ ତରଫରୁ ସମିକ ସେନଗୁପ୍ତ, ବିନୋଦ ବିହାରୀ ମହାନ୍ତ, ସିଦ୍ଧାନ୍ତ ଆଚାର୍ଯ୍ୟ, ସୋମେନ ହୋତା ଏହି ଅବସରରେ ଉପସ୍ଥିତ ଥିଲେ।

## କାଦମ୍ବିନୀ'ର ୨୬ତମ ସ୍ୱନକ୍ଷତ୍ର ଉତ୍ସବ

ପୁରୀ(ନିପ୍ର): ମାସିକ ଓଡିଆ ପତ୍ରିକା 'କାଦମ୍ବିନୀ'ର ୨୬ତମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜୟଦେବ ସଭାଗୃହରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବରେ ଯୋଗଦେଇଥିଲେ ସଦାଶିବ କେନ୍ଦ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର,ବିଶିଷ୍ଟ କବୟିତ୍ରୀ ଡ.ଅପର୍ଣ୍ଣା ମହାନ୍ତି,ବିଶିଷ୍ଟ ବ୍ୟଙ୍ଗକବି ଜ୍ଞାନ ହୋତା ଓ ବିଶିଷ୍ଟ କବି ପବିତ୍ର ମୋହନ ଦାଶ। ଏଥିରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ 'କାଦମ୍ବିନୀ' ସଂପାଦିକା ଡ.ଇତି ସାମନ୍ତ।ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଭାସ୍କର ମିଶ୍ର,ବିଶିଷ୍ଟ ସାହିତ୍ୟିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ,ବିଶିଷ୍ଟ ସାହିତ୍ୟିକା ସ୍ୱରାଜଲକ୍ଷ୍ମୀ ମିଶ୍ର, ବିଶିଷ୍ଟ ସାହିତ୍ୟିକ ମାନସରଞ୍ଜନ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି।ଏହି ଅବସରରେ 'କାଦମ୍ବିନୀ'ର ଚଳିତ ସ୍ୱନକ୍ଷତ୍ର ସ୍ୱତନ୍ତ୍ର ଏବଂ 'କୁନିକଥା'ର ଜୁଲାଇ ସଂଖ୍ୟା ଉନ୍ମୋଚିତ ହୋଇଥିଲା।

## ଗରୁଡ଼ଗୁଡା ଗ୍ରାମରେ ନାବାଳିକାର ଆତ୍ମହତ୍ୟା

ନବରଙ୍ଗପୁର(ନିପ୍ର) :ଡାବୁଗାଁ ଥାନା ଅଧୀନ ଗରୁଡଗୁଡା ଗ୍ରାମରେ ବୁଧବାର ପିଜୁଳି ଗଛରେ ବେକରେ ଓଢଣି ବାନ୍ଧି ନାବାଳିକା ଆତ୍ମହତ୍ୟା କରିଥିବା ନେଇ ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଡାବୁଗାଁ ଥାନା ଅଧୀନ ଗରୁଡଗୁଡା ରମର ଖଗପତି ହରିଜନଙ୍କ ନାବାଳିକା ଝିଅ ରୀତିକା ହରିଜନ (୧୬) ଆଜି ସକାଳେ ଘର ପାଖରେ ଥିବା ଏକ ପିଜୁଳି ଗଛ ଡାଳରେ ନିଜ ଓଢଣି ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲା । ସକାଳ ପ୍ରାୟ ୧୦ ଘଣ୍ଟା ସମୟରେ ସେହି ପଟେ ନାବାଳିକାର ମା ଯିବାରୁ ପିଜୁଳି ଗଛରେ ଝିଅ ଝୁଲୁଥିବା ଦେଖି ପାଟି କରିଥିଲେ । ପାଟି ଶୁଣି ପରିବାର ଲୋକେ ଦୌଡି ଆସିଥିଲେ । ସଙ୍ଗେ ସଙ୍ଗେ ନାବାଳିକାକୁ ଗଛରୁ ଓହ୍ଲାଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଫାଇଲେରିଆ ମୁକ୍ତ ଆଠଗଡ଼ ନିମନ୍ତେ ସ୍ୱତନ୍ତ୍ର କର୍ମଶାଳା

ଆଠଗଡ଼(ନିପ୍ର): ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଫାଇଲେରିଆ ମୁକ୍ତ ଆଠଗଡ଼ ନିମନ୍ତେ ସ୍ୱାସ୍ଥ୍ୟ ଶିକ୍ଷା, ସଚେତନତା ଓ ଜନଜାଗରଣ ଅଭିଯାନର ଏକ ସ୍ୱତନ୍ତ୍ର କର୍ମଶାଳା ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ୍ ଅସଲମଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସସ୍ମିତା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, ଆଠଗଡ଼ ସମସ୍ତ ୱାର୍ଡର କାଉନସିଲର, ସ୍ୱଚ୍ଛସାଥୀ, ସ୍ୱଚ୍ଛସାଥୀ ପରିଦର୍ଶିକା, ସ୍ୱଚ୍ଛକର୍ମୀ ବି.ଓ.ଭି(ଚାଳକ) ଇତ୍ୟାଦି ଯୋଗଦାନ କରିଥିଲେ। ଆଠଗଡ଼ରେ ଫାଇଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଥିବାରୁ ଏହାର ପ୍ରାଦୁର୍ଭାବରୁ କିପରି ମୁକ୍ତ କରାଯାଇପାରିବ ଏଥି ନିମନ୍ତେ ବିଭିନ୍ନସ୍ତରରେ କାର୍ଯ୍ୟ ଜାରି ରଖାଯାଇଛି। ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଏକ ୬ ମାସିକ ପ୍ରକଳ୍ପ ହାତକୁ ନେଇ ସମସ୍ତଙ୍କ ସହଯୋଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି।

# ଲଗାଣ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି

## ଓଡ୍ରାଫ ଟିମ ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି



କଟକ,(ନିପ୍ର): ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷାଯୋଗୁ ସୁବର୍ଣ୍ଣରେଖା, ବୁଢ଼ା ବଳଙ୍ଗ ଏବଂ ଜଳକା ଭଳି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପରେ ବନ୍ୟା ପରିସ୍ଥିତି ଦେଖା ଯାଇଥିଲା । ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିପର୍ଯ୍ୟୟ ରାପିଡ଼ ଆକ୍ସନ ଫୋର୍ସ (ଓଡ୍ରାଫ) ବନ୍ୟା ପ୍ରଭାବିତ ଉଭୟ ଜିଲ୍ଲାରେ ବ୍ୟାପକ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ନିରନ୍ତର ନିୟୋଜିତ ହୋଇଛି। ଓଡ୍ରାଫ ଟିମ ଲୋକଙ୍କ ଧନଜୀବନ ସୁରକ୍ଷିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଜଳମଗ୍ନ ଅଞ୍ଚଳରୁ ଲୋକଙ୍କୁ ପାଣି ଘେରରୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଲୋକଙ୍କୁ ଥଇଥାନ କରିବାରେ ମୁଖ୍ୟ ଦାୟିତ୍ୱ ତୁଲାଉଛି। ଉଭୟ ଜିଲ୍ଲାର ୧୮ଟି ବ୍ଲକରୁ ଅଦ୍ୟାବଧି ୮୧୯୧ ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଥଇଥାନ କରାଯାଇଥିଲା। ଓଡ୍ରାଫ ଦଳଗୁଡ଼ିକ ଅଗ୍ନିଶମ ସେବା ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରି ୨୪୭ ଉପସ୍ଥିତ ରହି ପ୍ରଭାବିତ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି। ଡିଆଇଜି ଡ ସତ୍ୟଜିତ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଓଡ୍ରାଫ ଟିମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି । ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ଭୋଗରାଇ, ବସ୍ତା, କର୍ମଦା, ସିଙ୍ଗଲା ଆଦି ଅଂଚଳର ୨୦୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ଜଳଘେରରୁ ଉଦ୍ଧାର କରାଯାଇଛି । ସେହିପରି ମୟୁରଭଞ୍ଜ ଜିଲ୍ଲାର ସାରସପଣା, ରାସଗୋବିନ୍ଦପୁର, ବଡ଼ସାହି, ବେତନଟି ଏବଂ ବାରିପଦା ଅଂଚଳର ୬୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ଅବସ୍ଥାପିତ କରାଯାଇଥିଲା । ଓଡ୍ରାଫ ଟିମର କର୍ମଚାରୀମାନେ ରାତିଦିନ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିଲେ। ତଳିଆ ଅଂଚଳର ବାସିନ୍ଦାମାନଙ୍କୁ ସତର୍କ କରିବା ଏବଂ ସେମାନଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାରେ ଓଡ୍ରାଫ ଟିମ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ମୟୁରଭଞ୍ଜରେ ୬ଟି ଓଡ୍ରାଫ ଦଳ ଏବଂ ବାଲେଶ୍ୱରରେ ୫ଟି ଓଡ୍ରାଫ ଦଳ ମୂତୟନ କରାଯାଇଛି ।

## ଗାଁରେ ପହଞ୍ଚିଲା ଲଗ୍ନଜିତଙ୍କ ମୃତଦେହ

ତିଗିରିଆ,(ନି ପ୍ର): ପାଇକିଆଁରା ଗ୍ରାମର ମାନସ ଦୁଆରୀଙ୍କ ଏକମାତ୍ର ରୋଜଗାରିଆ ପୁଅ ଲଗ୍ନଜିତ ଦୁଆରୀ କାମ କରିବାକୁ ତେଲେଙ୍ଗାନା ରାଜ୍ୟର ସଂଗାରେଡି ଜିଲ୍ଲାର ଏକ କେମିକାଲ କମ୍ପାନୀରେ କାମ କରୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଘଟଣା ସ୍ଥଳରେ ଲଗ୍ନଜିତଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ନିଜଗ୍ରାମ ପାଇଁକିଆଁରରେ ପହଞ୍ଚିଛି। 'ଶୋକାକୁଳ ପରିବେଶରେ ସତ୍କାର କରାଯାଇଛି 'ବିଜେପି ନେତା ଅଭୟ ବାରିକ ପ୍ରତିଶୃତି ଦେଇଛନ୍ତି ପରିବାରଙ୍କୁ ସରକାରୀ ସହାୟତା ଦିଆଯିବ।

## ଗଛପଡି ରାସ୍ତା ଆବରୋଧ, ୪ଘଣ୍ଟା ଧରି ଯାନବାହାନର ଚଳାଚଳ ବନ୍ଦ



କୁଚିଣ୍ଡା,(ନିପ୍ର): ଲଗାଣ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ପଞ୍ଚାୟତର ଖତକୁରବାହାଲ ଠାରେ ରାସ୍ତା ଉପରେ ବିରାଟ ତେନ୍ତୁଳି ଗଛ ପଡ଼ିଯିବାରୁ ଦୀର୍ଘ ୪ ଘଣ୍ଟା ଧରି ଯାନବାହାନର ଚଳାଚଳ ବନ୍ଦ ହୋଇଯାଇଥିଲା। ଫଳରେ ଆମ୍ବୁଲାନ୍ସ ଓ ଯାତ୍ରୀବାହୀ ବସ୍ ଅଟକି ରହିଥିଲା। ଖବର ପାଇ କୁଚିଣ୍ଡାରୁ ଅଗ୍ନିଶମ ବାହିନୀ ପହଞ୍ଚି ଗଛକାଟି ସଫା କରିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାନୁସାରେ ମଙ୍ଗଳବାର ରାତିରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ କୁନ୍ତରାରୁ କବରୀବାହାଲକୁ ଭାୟା ତୁରେଇନିକ୍ରିମାଲ,ଖତକୁରବାହାଲ ଦେଇ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଖତକୁରବାହାଲ ରାସ୍ତା ପାର୍ଶ୍ୱରେ ଥିବା ଏକ ବିରାଟ ତେନ୍ତୁଳି ଗଛ ଭାଙ୍ଗି ଯାଇଥିଲା। ଫଳରେ କୁଚିଣ୍ଡା,କେଶାଇବାହାଲ,ବାମରା, ସୁନ୍ଦରଗଡ଼କୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାନବାହାନ ଦୀର୍ଘ ସମୟ ପାଇଁ ବନ୍ଦ ହୋଇଯାଇଥିଲା। ବୁଧବାର ସକାଳୁ ଗଛପଡିଥିବା ଦେଖି ଗ୍ରାମବାସୀ କୁଚିଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ।

# ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି ୨ ଗିରଫ

ଭୁବନେଶ୍ୱର,(ନିପ୍ର): ଜୟଦେବ ବିହାର ଛକରେ ଥିବା ବନା ଢ଼ାବାରେ ଖାଇବାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିବା ପରବର୍ତ୍ତୀ ସମୟରେ ଉକ୍ତ ଢାବାର ମାଲିକ ବନମାଳୀ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ସହିଦନଗର ଥାନାର ପୋଲିସ ୨ ଜଣ ଯୁବକଙ୍କୁ ବୁଧବାର ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ସ୍ଥାନୀୟ ଅଂଚଳର ଯଶୋବନ୍ତ ମହାରଣା ଓରଫ ଚନ୍ଦନ (୨୪) ଓ ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବ ନଗରର ସନ୍ଦୀପ ବାଗ ଓରଫ ଚିକୁ (୨୮)। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ ଖଣ୍ଡା, କ୍ରିକେଟ ଷ୍ଟଂପ ଓ ମଦ ବୋତଲକୁ ଜବତ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ରାଧାରାଣୀ ବେହେରା ଏବଂ ତାଙ୍କ ବାପା ବନମାଳୀ ବେହେରା ଉଭୟ ମିଶି ଜୟଦେବ ବିହାର ଠାରେ 'ବନା ଢାବା' ନାମରେ ଏକ ହୋଟେଲ ବ୍ୟବସାୟ କରନ୍ତି । ଗତ ଜୁନ ୧୩ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଦୁଇ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ଉକ୍ତ ଢାବାରେ ରାତ୍ରି ଭୋଜନ କରୁଥିବା ଜଣେ ଗ୍ରାହକଙ୍କ ସହ ଝଗଡା କରି ତାଙ୍କୁ ମାଡ଼ ମାରିଥିଲେ । ଅଭିଯୋଗକାରିଣୀଙ୍କ ବାପା ଏଥିରେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମଧ୍ୟ ମାରିଥିଲେ । ଇତିମଧ୍ୟରେ ଅଭିଯୁକ୍ତ ଚନ୍ଦନ ନିକଟରେ ଥିବା ଏକ ଘର ଭିତରୁ ଖଣ୍ଡା ଆଣି ଅଭିଯୋଗକାରିଣୀଙ୍କ ବାପାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଉପସ୍ଥିତ କିଛି ଲୋକଙ୍କ ହସ୍ତକ୍ଷେପ ଫଳରେ ଅଭିଯୋଗକାରିଣୀଙ୍କ ବାପା ଏହି ମରଣାନ୍ତକ ଆକ୍ରମଣରୁ ବର୍ତ୍ତିଯାଇଥିଲେ । ଏହା ବ୍ୟତୀତ ଅଭିଯୁକ୍ତମାନେ ହୋଟେଲକୁ ପଥର ଫିଙ୍ଗିବା ସହ ହୋଟେଲର କବାଟକୁ ଗୋଇଠା ମାରିଥିଲେ ଏବଂ ହୋଟେଲରେ ଥିବା ବିଭିନ୍ନ ସାମଗ୍ରୀ ସବୁକୁ ନଷ୍ଟ କରିଦେଇଥିଲେ । ଅଭିଯୋଗକାରିଣୀ ଜଣକ ଅଭିଯୁକ୍ତଙ୍କର ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସର୍ବସାଧାରଣରେ ଅପମାନିତ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଟିଏସ୍‌ଜି ଗୁରୁକୂଳ ପରିସରରେ ସାହିତ୍ୟ ପତ୍ରିକା 'ଅନ୍ନପୂର୍ଣ୍ଣା' ଉନ୍ମୋଚିତ



ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱରସ୍ଥ ସମହସ୍ପିଟାଲ ନିକଟ ଗୋଠପାଟଣା ଠାରେ ଟିଏସ୍‌ଜି ଗୁରୁକୂଳ ପରିସରରେ ଅନ୍ନପୂର୍ଣ୍ଣା ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟର ନବମୂର୍ଚ୍ଛନା, 'ଅନ୍ନପୂର୍ଣ୍ଣା' ପତ୍ରିକାର ରଥଯାତ୍ରା ବିଶେଷାଙ୍କ-୨୦୨୫ ଉନ୍ମୋଚିତ ହୋଇଯାଇଛି। ଭାଷା ହିଁ ଗୋଟିଏ ଜାତିର ପ୍ରାଣ ଏବଂ ସାହିତ୍ୟ ହିଁ ସଭ୍ୟତାକୁ ନୂଆ ଦିଶା ଦେଇଥାଏ ବୋଲି ପାଠକାର୍ପଣ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଆର୍ଯ୍ୟବ୍ରତ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ସାହିତ୍ୟିକ ଡ. ହିମାଂଶୁ କୁମାର ପଟ୍ଟନାୟକ ଓ ବରେଣ୍ୟ ଅତିଥି ଭାବେ ପଣ୍ଡିତ ଜିତୁ ଦାଶ ଯୋଗ ଦେଇଥିଲେ। ଅନ୍ନପୂର୍ଣ୍ଣା ପତ୍ରିକାର ମୁଖ୍ୟ ସମ୍ପାଦିକା ଶୈବାଳିନୀ ସାହୁ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିବା ସହ ପତ୍ରିକାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସମ୍ମାନିତ ଅତିଥି ଭାବରେ ଟିଏସ୍‌ଜି ଗୁରୁକୂଳର ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର, ସମାଜସେବୀ ଓ ସାହିତ୍ୟିକା ସୁଜାତା ସିଂହ ଏବଂ ସମାଜସେବୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁକୂଳ ଶିକ୍ଷାନୁଷ୍ଠାନର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସହ ବହୁ ସାହିତ୍ୟିକ, ସାହିତ୍ୟିକା ଓ ସାମାଜିକ ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଘୋଡାହାଡ ନଦୀରୁ ବେଧଡକ ବାଲି ଚୋରା ଚାଲାଣ

# ଟ୍ରାକ୍ଟର ଜବତ, ଚାଳକ କୋର୍ଟ ଚାଲାଣ



ହିଞ୍ଜିଳିକାଟୁ, (ନିପ୍ର): ଗତ ପ୍ରାୟ ୨ ମାସ ଧରି ହିଞ୍ଜିଳି ଥାନା ଭଗବତୀ ନିକଟରେ ଥିବା ଘୋଡ଼ାହଡ ନଦୀ ଗର୍ଭକୁ ଆଖିବୁଜି ବିଦାରି ଚାଲିଛନ୍ତି ସହରର କିଛି ପେଶାଦାର ବାଲି ମାଫିଆ। ସଙ୍ଗଠିତ ଭାବେ କିଛି ବାଲି ମାଫିଆଙ୍କ ଦ୍ୱାରା ଟ୍ରାକ୍ଟରରେ ଦୈନିକ ରାତିରେ ପ୍ରାୟ ଶହେରୁ ଅଧିକ ଟ୍ରିପ ଚୋରା ବାଲି ହିଞ୍ଜିଳିକାଟୁ ସହରର ବିଭିନ୍ନ ସ୍ଥାନରେ ନିର୍ବିଘ୍ନରେ ପରିବହନ ହେଉଥିବା ସୂଚନା ମିଳିଛି। ହିଞ୍ଜିଳି ଥାନାର ଘୋଡାହଡ ନଦୀ ହୁଡ଼ା ରାସ୍ତା ଦେଇ ଟ୍ରାକ୍ଟର ଗୁଡ଼ିକରେ ଖୋଲାଖୋଲି ଭାବେ ରାତିରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ପୁଲିସ୍ କିମ୍ବା ପରିବହନ ବିଭାଗ ପକ୍ଷରୁ ଟ୍ରାକ୍ଟର ଗୁଡ଼ିକର ଆବଶ୍ୟକ କାଗଜପତ୍ର ଯାଞ୍ଚ ହେଉ ନ ଥିବା ଜଣାପଡିଛି। ଏପରିକି ଲଘୁ ଖଣିଜ ବିଭାଗର ଅଧିକାରୀ କିମ୍ବା ହିଞ୍ଜିଳି ଥାନା ପୋଲିସକୁ ବାଲି ମାଫିଆ ଗୋଷ୍ଠୀଙ୍କ ଆଦୌ ଖାତିର କି ଭୟ ନ ଥିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ମାଫିଆ ଗୋଷ୍ଠୀ ଭଗବତୀ ନିକଟରେ ଥିବା ଘୋଡାହଡ ନଦୀ ବାଲି ଖାଦାନକୁ କବଜା କରିବା ପରେ ମନଭରି ବାଲି ଲୁଟ୍ କରି ବେଧଡକ ଭାବେ ଅନ୍ୟତ୍ର ଚାଲାଣ କରୁଥିବା ନିତିଦିନିଆ ଘଟଣା ପାଲଟିଛି। ଟ୍ରାକ୍ଟର ପିଛା ୨୦୦ ଟଙ୍କା ବଟି ଆଦାୟ ହେଉଥିବା ବେଳେ ମାଫିଆଙ୍କ ଦୈନିକ ଆୟ ଢେର ଭଲ ହେଉଥିବା ଜଣାପଡ଼ିଛି। ପୂର୍ବରୁ ରାଜସ୍ୱ ବିଭାଗ ଅଧିକାରୀ ଓ ପୋଲିସ ପକ୍ଷରୁ ବେଆଇନ ବାଲି ପରିବହନ ଉପରେ ଚଢାଉ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ରାତ୍ର କାଳୀନ ପାଟ୍ରୋଲିଂ ବେଳେ ହିଞ୍ଜିଳି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରୁ ଚୋରା ଚାଲାଣରେ ଲିପ୍ତ ଥିବା ଗାଡ଼ି ଗୁଡ଼ିକ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା। ପୋଲିସ ବେଆଇନ ଟ୍ରାକ୍ଟର ଗୁଡ଼ିକର କାଗଜପତ୍ର ଯାଞ୍ଚ ମଧ କରୁଥିଲା। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା କାରଣରୁ ଚଢାଉ କରିବା ସକ୍ଷମ ହେଉନାହିଁ ବୋଲି ଖଣି ବିଭାଗ ଅଧିକାରୀ କହୁଛନ୍ତି। ଏପରି ସ୍ଥଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଜଳ ସମ୍ପଦ ବିଭାଗର ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ ଓ ଅବମାନନା କରି ଭଗବତୀ ନିକଟ ଘୋଡାହଡ଼ ନଦୀ ଗର୍ଭରୁ ବେଧଡକ ଭାବେ ବେଆଇନ ବାଲି ପରିବହନ ଓ ଉତ୍ତୋଳନ ନିୟମିତ ଭାବେ ଚାଲୁଥିବା ଦେଖାଯାଇଛି। ଏପରିକି ରାତି ୧୨ଟା ରୁ ଭୋର ସକାଳ ୬ଟା ସମୟ ପର୍ଯ୍ୟନ୍ତ ଟ୍ରାକ୍ଟର ଗୁଡିକରେ ସହରର ଗଳି କନ୍ଦିରେ ଚଢ଼ା ଦରରେ ଚୋରା ବାଲି ବିକ୍ରି ହେଉଥିବା ଦେଖାଯାଇଛି। ହିଞ୍ଜିଳି ପୁଲିସର ଏକ ଟିମ୍ ସୋମବାର ଭୋର ସମୟରେ ଘୋଡ଼ାହଡ଼ ନଦୀ ନିକଟରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ରେଜିଷ୍ଟ୍ରେସନ୍ ନମ୍ବର ନ ଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏ ନେଇ ହିଞ୍ଜିଳି ଥାନାରେ ୫୩୫/୨୫ରେ ଏକ ମାମଲା ରୁଜୁ କରି ଆଙ୍କୋରଡ଼ା ଗ୍ରାମର ଟ୍ରାକ୍ଟର ଚାଳକ କୃଷ୍ଣ ରାଉତକୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ହିଞ୍ଜିଳି ଥାନା ଏ ଏସ ଆଇ ତଥା ତଦନ୍ତକାରୀ ଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର ଠାରୁ ସୁଚନା ମିଳିଛି।

## ପିଲାଙ୍କ କଳିରେ ବାହାର ଥାନା ପୋଲିସଙ୍କ ଦବଙ୍ଗଗିରି

# ଅଭିଭାବକଙ୍କ ଫାଟିଲା କାନଗିରି: ନ୍ୟାୟ ପାଇଁ ଏସ.ପି.ଙ୍କ ଦ୍ୱାରସ୍ଥ

ଭାପୁର (ନିପ୍ର): ନୟାଗଡ ଜିଲ୍ଲା ଫତେଗଡ ଗ୍ରାମରେ ଦୁଇ ପିଲାଙ୍କ ମଧ୍ୟରେ କଳି ହେବାରୁ ଦୁଇପରିବାର ମଧ୍ୟରେ ସମାଧାନ ପାଇଁ ଫତେଗଡ ଥାନାର ଆଶ୍ରୟ ନେଇଥିଲେ କିନ୍ତୁ, ଅନ୍ୟ ଥାନାର ଜଣେ ପୋଲିସ କର୍ମଚାରୀ ସମ୍ପୃକ୍ତ ପିଲାଙ୍କ ବାପା ଉପରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରିବା ଯୋଗୁଁ କାନଗିରି ଫାଟିଯାଇ ସବୁଦିନ ପାଇଁ ଶ୍ରବଣଶକ୍ତି ହରେଇଥିବା ଏସ୍.ପି. ଙ୍କ ନିକଟରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ, ୧୨.୦୬.୨୫ ତାରିଖ ଦିନ ଫତେଗଡ ଗ୍ରାମ କାଳିକାସାହି ର ବନବାସ ସ୍ୱାଇଁ (୪୫) ଙ୍କ ୬ ବର୍ଷ ର ଝିଅ ତାଙ୍କ ପଡୋଶୀ ୫ ବର୍ଷର ପୁଅ ସହିତ ଖେଳିଲା ସମୟରେ ପରସ୍ପର ଠେଲାପେଲା ହେବାରୁ ପୁଅଟି ପଡିଯାଇ ସାମାନ୍ୟ ଆହତ ହୋଇଥିଲା । ଏ ସମ୍ପର୍କରେ ପୁଅ ଘର ପରିବାର ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ। ଥାନାରୁ ଖବରପାଇ ଝିଅର ବାପା ବନବାସ ସ୍ୱାଇଁ ଫତେଗଡ଼ ଥାନାକୁ ଯାଇ ସେଠାରେ ଜଣେ ପୋଲିସ କର୍ମଚାରୀଙ୍କ ସହିତ ବନବାସ କଥା ହେଉଥିବାବେଳେ ଜଟଣୀ ଥାନାର ଏ.ଏସ.ଆଇ ଯିଏକି ପୂର୍ବରୁ ଏହି ଫତେଗଡ ଥାନାରେ ଥିଲେ ଏବଂ କୌଣସି କାର୍ଯ୍ୟ ପାଇଁ ଫତେଗଡ ଥାନାକୁ ସେଦିନ ଆସିଥିବାବେଳେ ହଠାତ୍ ଉତକ୍ଷିପ୍ତ ହୋଇ ବନବାସକୁ ପାଖକୁ ଡାକି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଗାଲକୁ ୮/୧୦ ଥର ଶକ୍ତ ଚାପୁଡ଼ା ଓ ବିଧାଗୋଇଠା ମାରି ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ବସାଇଥିଲେ। ଅଭିଯୋଗକାରୀ କେସ୍ ର ରଫାଦଫା କରିବା ପରେ ବନବାସକୁ ଥାନାରୁ ଛାଡିଥିଲେ। ସେ ଘରକୁ ଫେରିବା ପରେ ଅସୁସ୍ଥତା ଅନୁଭବ କରିବା ସହ କାନକୁ କିଛି ନ ଶୁଭିବାରୁ ଖୋର୍ଦ୍ଧା ଓ ନୟାଗଡରେ ଡାକ୍ତରଙ୍କୁ ଦେଖାଇବା ପରେ କାନର ଗିରି ଫାଟିଯାଇଥିବା ଡାକ୍ତର ପ୍ରକାଶ କରିଥିଲେ । ଚିକିତ୍ସା ପରେ ଚଳିତ ମାସ ୧ ତାରିଖ ଦିନ ବନବାସ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏତଲା ନ ରଖିବାରୁ ନୟାଗଡ ଏସ୍.ପି.ଙ୍କ ଦ୍ୱାରସ୍ଥ ହୋଇଥିଲେ । ଅତିରିକ୍ତ ଏସ୍.ପି. ଘଟଣା ବୁଝିବା ପରେ ଖଣ୍ଡପଡ଼ା ଏସ୍.ଡି.ପି.ଓ. ଙ୍କୁ ତଦନ୍ତ କରି ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଆଶ୍ଚର୍ଯ୍ୟର କଥା , ଘଟଣା ଘଟିଥିବା ଦିନ ପୋଲିସ ଏ.ଏସ୍.ଆଇ. ଫତେଗଡ ଥାନାରୁ ବଦଳି ହୋଇ ଜଟଣୀ ଥାନାରେ ଯୋଗ ଦେଇସାରିଥିଲେ । ଉଲ୍ଲେଖଯୋଗ୍ୟ, ଗତ ୧୧/୦୫/୨୩ ତାରିଖ ଦିନ ଭାପୁର ଗ୍ରାମର ସୁନିଲ୍ କୁମାର ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ଙ୍କ ମଧ୍ୟରେ ପାରିବାରିକ କଳହ କୁ ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହି ସମୟରେ ଫତେଗଡ ଥାନାରେ ଏ.ଏସ.ଆଇ ଶ୍ରୀ ନାୟକ ନିଯୁକ୍ତ ଥିବାବେଳେ ସେ ସୁନିଲ୍‌ଙ୍କୁ ଥାନା କୁ ଡାକି ଥାର୍ଡଡିଗ୍ରୀ ପ୍ରୟୋଗ କରି ଲହୁଲୁହାଣ କରିଥିବାରୁ ଜିଲ୍ଲା ଏସ୍.ପି. ଙ୍କ ପର୍ଯ୍ୟନ୍ତ କଥା ଯାଇଥିଲା । ତେଣୁ,ସମ୍ପୃକ୍ତ ଏ.ଏସ.ଆଇ ଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବନବାସ ଙ୍କ ପରିବାର ପକ୍ଷରୁ ଦାବି ହୋଇଛି।




ବିଏମସି କାର୍ଯ୍ୟାଳୟରେ ଡେପୁଟି କମିଶନରଙ୍କୁ ମାଡ ଘଟଣାରେ ମୁଖ୍ୟ ଆସାମୀଙ୍କୁ ଗିରଫ ଦାବିରେ ୪ ବାମପନ୍ଥୀ ଦଳର ପିଏମଜିରେ ବିକ୍ଷୋଭ । (ଫଟୋ-ଦିନଲିପି)

# କୁକୁଡା ଦୋକାନରୁ ଚୋରି: ଦୁଇ ଅଭିଯୁକ୍ତ ଗିରଫ

ପାରାଦୀପ, ୨।୭(ନିପ୍ର): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୁତମୁଣ୍ଡାଇ ବଜାରର ଏକ କୁକୁଡା ଦୋକାନରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ୍ ଦୁଇ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି । ଘଟଣାରୁ ପ୍ରକାଶ ଯେ, କଟକ-ପାରାଦୀପ ରାସ୍ତାର ଭୁତମୁଣ୍ଡାଇ ବଜାର ନିକଟରେ ଲୋକନାଥ ସାହୁଙ୍କର ଏକ ବଡ କୁକୁଡା ଦୋକାନ ରହିଛି । ଗତ ୨୮ ତାରିଖରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଶ୍ରୀ ସାହୁ ଦୋକାନ ବନ୍ଦ କରି ବାହାରକୁ ଯାଇଥିଲେ । ପରଦିନ ଫେରିବା ପରେ ଦୋକନାରୁ ପ୍ରାୟ କୋଡିଏ ହଜାର ଟଙ୍କା, ସାଉଣ୍ଡ ସିଷ୍ଟମ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା



ଦେଖିଥିଲେ । ବହୁ ଖୋଜାଖୋଜି କରିବା ପରେ ଏହି ସବୁ ସାମଗ୍ରୀ ପାଇ ନଥିଲେ । ଶ୍ରୀ ସାହୁ ନୂଆ ସାଉଣ୍ଡ ସୁଷ୍ଟମ କିଣିବା ପାଇଁ କୁଜଙ୍ଗ ବଜାରକୁ ଯାଇଥିଲେ । ସେଠାରେ ଏକ ଦେକାନରେ ଶ୍ରୀ ସାହୁଙ୍କର ସାଉଣ୍ଡ ସିଷ୍ଟମ ରହିଥିବା ଦେଖିବାକୁ ପାଇଥିଲେ । ଏହା ପରେ ସେ ଘଟଣା ସମ୍ପର୍କରେ ପାରାଦୀପ ଲକ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲକ୍‌ଥାନା ପୋଲିସ୍ ଚୋରି ସାଉଣ୍ଡ ସିଷ୍ଟମକୁ ଉଦ୍ଧାର କରିବା ସହିତ ଦୋକାନରେ ଏହାକୁ ବିକ୍ରି କରିଥିବା ଭୁତମୁଣ୍ଡାଇ ଗ୍ରାମର ଦିଲ୍ଲିପ ମହାନ୍ତିଙ୍କ ପୁଅ ସୁଦାମ ମହାନ୍ତି(୨୮) ଓ ସେହି ଗ୍ରାମର ବାବୁଲି ସେଠୀଙ୍କ ପୁଅ ପପୁନି ସେଠୀ (ପପୁ)୩୨ଙ୍କୁ ଗିରଫ କରିଥିବା ନେଇ ଜଣାପଡିଛି । ଏ ସମ୍ପର୍କରେ ଲକ୍ ଥାନାରେ ୨୧୧/୨୫ରେ ଏକ ମାମଲା ରୁଜୁ ହୋଇଛି ।

## ଦୋକାନରେ ପଶିଲା ଗୋରୁ ବୋଝେଇ କଣ୍ଟେନର: ଚାଳକ ଗିରଫ

ରେଢ଼ାଖୋଲ, ୨।୭(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ଛକ ନିକଟରେ ଦୁଇଟି ଦୋକାନ ଘରେ ଗତକାଲି ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ କଣ୍ଟେନର ଧକ୍କା ହୋଇଛି । ଫଳରେ ଦୋକାନ ଘର ଭାଙ୍ଗି ଯାଇ ବହୁ କ୍ଷୟକ୍ଷତି ହୋଇଛି । ସୂଚନାଯୋଗ୍ୟ ଯେ ବେଆଇନ ଗୋରୁ ଚାଲାଣ ଗାଡ଼ିଟି (ଏପି୩୯ଟିଜି୦୬୧୫ ) ବିଶିଷ୍ଟ ଏକ କଣ୍ଟେନର୍ ସୋନପୁର ଅଞ୍ଚଳରୁ ଆସୁଥିବା ବେଳେ ପୋଲିସ ସୂଚନା ପାଇ ଗାଡିଟିକୁ ଧରିବା ପାଇଁ ଗୋଡାଇଥିଲା । ପୋଲିସ ଗୋଡାଉଥିବ ବେଳେ ଗାଡ଼ିକୁ ଧରିପାରିନଥିଲା । ତଥାପି କଦଳୀଗଡ ଟୋଲ୍ ଗେଟ୍‌ରେ ଅଟକାଇବା ପାଇଁ ପୋଲିସ ଚେଷ୍ଟା କରିଥିଲା । ହେଲେ ଗେଟ୍ ଭାଙ୍ଗି ଗୋରୁ ବୋଝେଇ ଗାଡ଼ି ରେଢାଖୋଲ ଆଡକୁ ଆସିଥିଲା । ରେଢାଖୋଲ ଭୀମଭୋଇ ଛକଠାରେ ମଧ୍ଯ ପୋଲିସ ଗାଡିକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲା । ହେଲେ ଗାଡ଼ି ଡ୍ରାଇଭର ଧରାଛୁଆଁ ନଦେବା ଉଦ୍ୟମ କରି ଏକ ଚା ଦୋକାନ ଓ ଏକ ହୋଲସେଲ ଦୋକାନରେ ଭରସାମ୍ୟ ହାରାଇ ପଶି ଯାଇଥିଲା । ସେଠାରୁ ମଧ୍ୟ ଗାଡିଟି ଫେରାର ହେବା ପାଇଁ ଉଦ୍ୟମ କରିଥିଲା । ହେଲେ ପୋଲିସ ଗାଡ଼ି ସହ ଗୋରୁଗୁଡ଼ିକୁ ଉଦ୍ଧାର କରି ଡ୍ରାଇଭକୁ ଗିରଫ କରିଛି ।

# ଜୁଲାଇ ୩୧ ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ

ନୂଆଦିଲ୍ଲୀ, ୨।୭: ଗଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର–୨୦୨୬ ପାଇଁ ନାମାଙ୍କନ/ସୁପାରିସ ୧୫ ମାର୍ଚ୍ଚ ୨୦୨୫ରୁ ଆରମ୍ଭ ହୋଇଛି । ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୫ । ପଦ୍ମ ପୁରସ୍କାର ପାଇଁ ନାମାଙ୍କନ/ସୁପାରିସ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ (https://awards.gov.in )ରେ ଅନଲାଇନରେ ଗ୍ରହଣ କରାଯିବ । ପଦ୍ମ ପୁରସ୍କାର, ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର । ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାରଗୁଡିକ ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ । ଏହି ପୁରସ୍କାର ବିଭିନ୍ନ କ୍ଷେତ୍ରରେ 'ଉତ୍କୃଷ୍ଟ କାର୍ଯ୍ୟ'କୁ ସ୍ୱୀକୃତି ଦେବା ପାଇଁ ଦିଆଯାଇଥାଏ । ପଦ୍ମ ପୁରସ୍କାର କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ସିଭିଲ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ରରେ/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଇଥାଏ । ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ । ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ ବ୍ୟତୀତ ସମସ୍ତ ସରକାରୀ କର୍ମଚାରୀ ଏବଂ ପିଏସ୍ୟୁରେ କାମ କରୁଥିବା କର୍ମଚାରୀମାନେ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହନ୍ତି । ସରକାର ପଦ୍ମ ପୁରସ୍କାରକୁ "ଜନତାଙ୍କ ପଦ୍ମ"ରେ ପରିଣତ କରିବାକୁ ପ୍ରତିବଦ୍ଧ । ତେଣୁ ସମସ୍ତ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ନାମାଙ୍କନ/ସୁପାରିଶ କରନ୍ତୁ । ନାଗରିକମାନେ ନିଜ ନାମ ମଧ ନାମାଙ୍କନ ପାଇଁ ପ୍ରସ୍ତାବ ଦେଇପାରିବେ । ମହିଳା, ସମାଜର ଦୁର୍ବଳ ଶ୍ରେଣୀ, ଅନୁସୂଚିତ ଜାତି ଏବଂ ଜନଜାତି, ଦିବ୍ୟାଙ୍ଗ ବ୍ୟକ୍ତି ତଥା ସମାଜର ନିଃସ୍ୱାର୍ଥପର ସେବା କରୁଥିବା ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ସମନ୍ୱିତ ପ୍ରୟାସ କରାଯାଇପାରେ, ଯେଉଁମାନଙ୍କର ଉତ୍କର୍ଷତା ଏବଂ ସଫଳତା ପ୍ରକୃତରେ ସ୍ୱୀକୃତି ପାଇବାକୁ ଯୋଗ୍ୟ ଅଟେ । ନାମାଙ୍କନ/ସୁପାରିଶରେ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଫରମାର୍ଟରେ ନିର୍ଦ୍ଦିଷ୍ଟ ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଉଚିତ । ଯେଉଁଥିରେ ବର୍ଣ୍ଣନାତ୍ମକ ଆକାରରେ ଏକ ଉଦ୍ଧୃତି (ସର୍ବାଧିକ ୮୦୦ ଶବ୍ଦ) ଅନ୍ତର୍ଭୁକ୍ତ, ଯାହା ସୁପାରିଶ କରାଯାଇଥିବା ବ୍ୟକ୍ତି/ତାଙ୍କର ସମ୍ପୃକ୍ତ କ୍ଷେତ୍ର/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ସମ୍ପର୍କରେ ସ୍ପଷ୍ଟ ଭାବରେ ଉଲ୍ଲେଖ ହୋଇଥିବ । ଏ ସମ୍ପର୍କରେ ସମସ୍ତ ବିବରଣୀ ଗୃହ ମନ୍ତ୍ରଣାଳୟର ୱେବସାଇଟ (https://mha.gov.in) ଏବଂ ପଦ୍ମ ପୁରସ୍କାର ପୋର୍ଟାଲ (https://padmaawards.gov.in) ରେ "ପୁରସ୍କାର ଏବଂ ପଦକ" ଶୀର୍ଷକ ଅଧୀନରେ ମଧ ଉପଲବ୍ଧ ହେବ । ଏହି ପୁରସ୍କାରଗୁଡିକ ସମ୍ପର୍କିତ ସମସ୍ତ ଷ୍ଟାଟସ୍ ଏବଂ ନିୟମ ୱେବସାଇଟ https://padmaawards.gov.in/AboutAwards.aspx ଲିଙ୍କ୍ ସହିତ ଉପଲବ୍ଧ । (ପିଆଇବି)

## ୧୮ ହଜାର ଡେଟୋନେଟର ଜବତ

ରାଉରକେଲା, ୨।୭: ସୁନ୍ଦରଗଡ କୋଇଡା ଟଣ୍ଟୋ ଥାନା ହୁସିପି ଗାଁ ନିକଟରେ ୧୮ ହଜାର ଡେଟୋନେଟରକୁ ସୁରକ୍ଷା ବାହିନୀ ଜବତ କରିଛନ୍ତି । ଝାଡଖଣ୍ଡ ଜାଗୁଆର ଓ ସିଆରପିଏଫ୍ ୬୦ ବାଟାଲିୟନର ମିଳିତ ଅପରେସନ ବେଳେ ସୁରକ୍ଷା ବାହିନୀଙ୍କୁ ଏହି ବଡ ସଫଳତା ମିଳିଛି ।

---

## ଆଇନମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ସିପିଆଇ(ଏମ)

ଭଦ୍ରକ/ଚାନ୍ଦବାଲି, ୨।୭(ନିପ୍ର): ଚଳିତ ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ବେଖାତିର କରି ଭିଆଇପି ଓ ନିଜ ଦଳୀୟ ନେତାଙ୍କୁ ବେଆଇନ ଭାବେ ୧୦,୦୦୦ ପାସ୍ ବାଣ୍ଟିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା, ରଥଯାତ୍ରାରେ ଅରାଜକତା ଓ କର୍ପୋରେଟ ମିଶ୍ରଣର ନ୍ୟାୟିକ ତଦନ୍ତ, ମୃତ ଭକ୍ତଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ, ଆହତମାନଙ୍କୁ ମାଗଣାରେ ଉନ୍ନତ ଧରଣର ଚିକିତ୍ସା ଯୋଗାଇଦେବା, ଚାନ୍ଦବାଲି ବ୍ଲକର ଚାଷୀ ମାନଙ୍କୁ ରିହାତି ମୂଲ୍ୟରେ ବିହନ, ସାର ,ବିଷ ଓ କୀଟନାଶକ ଔଷଧ ଯୋଗାଇ ଦେବା, କୃଷି ଋଣ ଛାଡ କରିବା, ୬୦ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୃଦ୍ଧ ବୃଦ୍ଧାମାନଙ୍କୁ ୩୦୦୦ ଟଙ୍କା ଭତ୍ତା ତୁରନ୍ତ ପ୍ରଦାନ କରିବା, ଚାନ୍ଦବାଲି ବ୍ଲକର ବିଭିନ୍ନ ସ୍ଲୁଇସ୍ ଗେଟ୍ ମରାମତି କାର୍ଯ୍ୟ ଶୀଘ୍ର ସାରି ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ କରିବା ଆଦି ଦାବି ନେଇ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ବୈଠକ କରଣପୋଖରୀ ଠାରେ ସିପିଆଇ(ଏମ)ର ବରିଷ୍ଠ ନେତା କମ୍ରେଡ ଜୟରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ଯୋଗଦେଇ ଚଳିତ ରଥଯାତ୍ରାରେ ରାଜ୍ୟ ସରକାର ଙ୍କ ଅରାଜକତା ଓ ଦାୟିତ୍ୱହୀନତା ପାଇଁ ୧୦ ଜଣ ଭକ୍ତଙ୍କ ଜୀବନ ଯିବା ସହ ୧୫୦୦ ଲୋକ ଆହତ ଓ ୧୦୦ ଜଣ ଗୁରୁତର ଆହତ ହୋଇଥିବା କଥା ପ୍ରକାଶ କରିଛନ୍ତି । ରଥଯାତ୍ରା ଦିନ ଜଗନ୍ନାଥଙ୍କ ରଥ ମାତ୍ର ୩ ମିଟର ଟଣାଯାଇ ଶିଳ୍ପପତି ଗୌତମ ଆଦାନୀଙ୍କ ପରିବାର ପାଇଁ ଅଟକ ରଖି କୋଟି କୋଟି ଓଡିଆଙ୍କ ଭାବାବେଗ ପ୍ରତି ଡବଲ୍ ଇଞ୍ଜିନ୍ ସରକାର ଆଘାତ ଆଣିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏଥିସହ ମୋଦି ସରକାର ଶ୍ରମିକ ମାନଙ୍କ ବିରୁଦ୍ଧରେ ଆଣିଥିବା ଶ୍ରମକୋର୍ଡ ବିରୁଦ୍ଧରେ ଆସନ୍ତା ଜୁଲାଇ ୯ରେ ଚାନ୍ଦବାଲିରେ ଭାରତ ବନ୍ଦକୁ ସର୍ବାନ୍ତୀକରଣରେ ସଫଳ କରିବାକୁ ଆଞ୍ଚଳିକ କମିଟିର ସଭ୍ୟ ସଭ୍ୟାମାନଙ୍କୁ ନିବେଦନ କରିଛନ୍ତି ।

# ଡାଇଭର୍ସନ ରାସ୍ତା ଧୋଇଗଲା

## ୫ ପଞ୍ଚାୟତ ସହ ଯୋଗାଯୋଗ ବିଚ୍ଛିନ୍ନ

କୋରାପୁଟ, ୨।୭: ଲଗାଣ ବର୍ଷା ଯୋଗୁଁ ସଦରମହକୁମା ଠାରେ ଥିବା ଯବାନ ନଦୀର ଡାଇଭର୍ସନ ରାସ୍ତା ଧୋଇ ହୋଇଯାଇଛି । ବର୍ଷା ଯୋଗୁଁ ଦଶମନ୍ତପୁର ବ୍ଲକ ସଦରମହକୁମା ଠାରେ ଥିବା ଯବାନ ନଦୀରେ ଜଳସ୍ତର ବଢ଼ିଥିଲା । ନୂଆ ବ୍ରିଜ ନିର୍ମାଣ ଚାଲିଥିବା ବେଳେ ଅସ୍ଥାୟୀ ଡାଇଭର୍ସନ ରାସ୍ତା ନିର୍ମାଣ କରା ଯାଇଥିଲା । ବୁଧବାର ଅସ୍ଥାୟୀ ଡାଇଭର୍ସନ ଉପରେ ପ୍ରବଳ ବର୍ଷା ଜଳ ପ୍ରବାହିତ ହେବାରୁ ଏହା ଧୋଇ ହୋଇଯାଇଛି । ଫଳରେ ଦଶମନ୍ତପୁରବାସୀଙ୍କ



ସହ ଦୈନିକ ବଜାର ଏବଂ ବ୍ଲକ କାର୍ଯ୍ୟାଳୟ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଖାଲି ସେତିକି ନୁହେଁ ଡାଇଭର୍ସନ ଧୋଇ ଯିବାରୁ ପାଖାପାଖି ୫ ପଞ୍ଚାୟତ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଫଳରେ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭାବିତ ହେବା ଆଶଙ୍କା ରହିଛି । ଯଥାଶୀଘ୍ର ପ୍ରଶାସନ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି । ଜିଲାରେ ବୁଧବାର ୧୦୬୨.୫ ମିମି ବର୍ଷା ହୋଇଥିବା ବେଳେ କୋଟପାଡ଼ ବ୍ଲକରେ ସର୍ବାଧିକ ୧୫୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି ।

## ଅତିରିକ୍ତ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପ୍ରୟାସ

ଭୁବନେଶ୍ୱର, ୨।୭: ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ରାଜଧାନୀ ଏବଂ ପୁରୀ-ଗୁଣୁପୁର ଏକ୍ସପ୍ରେସ୍ ଟ୍ରେନ ଦ୍ୱୟରେ ଅତିରିକ୍ତ ଏସି-୩ ଟାୟାର କୋଚ୍ ଅସ୍ଥାୟୀ ସଂଯୋଗ ପାଇଁ ନିଷ୍ପତ୍ତି ନେଇଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଅଧିକ ଚାହିଦା ଥିବା ସମୟରେ ଯାତ୍ରୀମାନଙ୍କ ପାଇଁ ଅଧିକ ଆରାମଦାୟକ ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବା । ୨୨୮୨୩/୨୨୮୨୪ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ୮ ଏବଂ ୧୧ ଜୁଲାଇ ୨୦୨୫ରେ ଏବଂ ନୂଆଦିଲ୍ଲୀରୁ ୯ ଏବଂ ୧୨ ଜୁଲାଇ ୨୦୨୫ରେ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସଂଯୋଗ ସହିତ ଏହାର ଗଠନକୁ ବର୍ଦ୍ଧିତ କରାଯିବ । ୧୮୪୧୭/୧୮୪୧୮ ପୁରୀ-ଗୁଣୁପୁର-ପୁରୀ ରାଜ୍ୟରାଣୀ ଏକ୍ସପ୍ରେସ ୩ ରୁ ୯ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ପ୍ରତିଦିନ ପୁରୀରୁ ଏବଂ ୪ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ପ୍ରତିଦିନ ଗୁଣୁପୁରରୁ ଗୋଟିଏ ଅତିରିକ୍ତ ଏସି-୩ ଟାୟାର କୋଚ୍ ସଂଯୋଗ ସହିତ ବର୍ଦ୍ଧିତ କରାଯିବ । ଏହି ଅସ୍ଥାୟୀ ବୃଦ୍ଧିର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ଦୂର କରିବା ଏବଂ ଏହି ସମୟ ମଧ୍ୟରେ ସୁଗମ ଯାତ୍ରା ସୁନିଶ୍ଚିତ କରିବା । ଯାତ୍ରୀମାନଙ୍କୁ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଏବଂ ଉପଲବ୍ଧ ଅତିରିକ୍ତ ରହଣି ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି । ପୂର୍ବତଟ ରେଳପଥ ଯାତ୍ରୀଙ୍କ ସୁବିଧା ବୃଦ୍ଧି କରିବା ଏବଂ ବର୍ଦ୍ଧିତ ଟ୍ରାଫିକକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ । ଅଧିକ ବିବରଣୀ ଏବଂ ବୁକିଂ ପାଇଁ, ଯାତ୍ରୀମାନେ www.irctc.co.in ପରିଦର୍ଶନ କରିପାରିବେ କିମ୍ବା ନିକଟସ୍ଥ ରେଳ ଷ୍ଟେସନ ଅନୁସନ୍ଧାନ କେନ୍ଦ୍ର ସହିତ ଯୋଗାଯୋଗ କରିପାରିବେ ।

## ୩ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨।୭(ନିପ୍ର) ଆସନ୍ତା ୩ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝରରେ ଭୀଷଣ ବର୍ଷା ସମ୍ଭାବନା ରହିଛି । ଏହି ତିନି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।ସେହିପରି ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି ।

GOVT. VOCATIONAL HIGHER SECONDARY SCHOOL
AT-KIRMIRA
ADVERTISEMENT NO.104

Applications are invited from intending eligible candidates for engagement as Guest faculty to teach in (IT/ITEs) and E/H on contract basis for the current academic session 2025-26.

Candidates are required to submit their application along with copies of the Certificates and Mark Sheets in support of their qualification and experience if any to the undersigned on or before 04/07/2025(11.00PM)

For details of qualification, age, experience ect. of the candidate are available with the office.

Sd/-PRINCIPAL
Contact No.7978086193
Email : gvhsskirmira@gmail.com

## ଅହରହ ବାଲି ଚାଲାଣ: ଲୋକେ ଅସନ୍ତୁଷ୍ଟ

ପିପିଲି, ୨।୭(ନିପ୍ର): ବାଲି ମାଫିଆମାନେ ଭାର୍ଗବୀ ନଦୀରେ ସେତୁ ବାନ୍ଧି ବାଲି ଚୋରା ଚାଲାଣ କରିବାରେ ସଫଳ ହେଉଛି । ଏହି ସେତୁ ବନ୍ଧ ହୋଇ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଥିବା ଏଦିଗରେ ରାଜ୍ୟ ସରକାର ସହିତ କାହାରି ନଜର ରହୁନଥିବା ଅଭିଯୋଗ ହେଉଛି । ଅହରହ ସେତୁବନ୍ଧ କରି ବାଲି ଉତ୍ତୋଳନ ହେବା ଯୋଗୁ ଲୋକଦେଖାଣିଆ ପାଇଁ ଜିଲ୍ଲା ମାଇନ୍ସ ବିଭାଗ ଚଢ଼ାଉ କରିଥିଲା । କିଛି ବ୍ୟବହାର ଯନ୍ତ୍ରାଂଶ ଜବତକରି ଛାଡି ଦେଇଥିଲା । ଯାହାକୁ ନେଇ ଜନଅସନ୍ତୋଷ ଦେଖାଦେବା ସହିତ ମାଇନ୍ସ ବିଭାଗକୁ ସ୍ୱତନ୍ତ୍ର ଅଙ୍ଗୁଳି ନିର୍ଦ୍ଦେଶ କରିବାରୁ ମାଇନ୍ସ ବିଭାଗ ମଙ୍ଗଳବାର ଦିନ ବଳଙ୍ଗା ଜଳସେଚନ ବିଭାଗର ସହାୟତା ଲୋଡିଥିବା ବେଳେ ଜଳସେଚନ ବିଭାଗ ଅସହଯୋଗ କରିବାରୁ ମାଇନ୍ସ ବିଭାଗ ବଳଙ୍ଗା ପୋଲିସକୁ ଧରି ଭାର୍ଗବୀ ନଦୀରେ ଗଢି ଉଠିଥିବା ସେତୁ ବନ୍ଧକୁ ଜେସିବି ଲଗାଇ ମଝିରୁ କାଟି ବିଚ୍ଛିନ୍ନ କରିଥିଲା । ବିଭାଗ ଓ ପୋଲିସ ସେତୁବନ୍ଧ ବିଚ୍ଛିନ୍ନ କରିବାର କେଇ ଘଣ୍ଟା ନପୂରୁଣୁ ବାଲି ମାଫିଆମାନେ ପୁନର୍ବାର ବିଚ୍ଛିନ୍ନ ବନ୍ଧକୁ ସଂଯୋଗ କରି ବାଲି ଉଠାଉଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ଚୋରା ବାଲିଘାଟ ଅଞ୍ଚଳବାସୀ । ସେ କହିଛନ୍ତି, ଏହି ବାଲିଘାଟ ଯୋଗୁ ବନ୍ୟା ସମୟରେ ଏକ ବିରାଟ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି । ଏଥିପାଇଁ ରାଜ୍ୟ ସରକାର ହିଁ ଏକ ମାତ୍ର ଦାୟୀ ରହିବେ । ବେଆଇନ ଭାବେ ଚାଲିଥିବା ବାଲିଘାଟ ସଂଯୋଗକାରୀ ରାସ୍ତାଗୁଡାକୁ ଜେସିବି ମେସିନ୍‌ରେ କାଟି ଦିଆଯାଇଛି । ଗୋପୀନାଥପୁର ଓ ଦକ୍ଷିଣ ରାଜସ୍ୱରେ ଏବେ ଅହରହ ବାଲି ଉଠାଣ ହେଉଛି । ଏ ଦିଗରେ ରାଜ୍ୟ ସରକାର ନଜର ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ

# କିଟ୍ କ୍ୟାମ୍ପସକୁ ଆସି ମୁଁ ଗର୍ବିତ: କାଲରା

ଭୁବନେଶ୍ୱର, ୨।୭(ନିପ୍ର): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ନବନିର୍ବାଚିତ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଏବଂ ପ୍ରଖ୍ୟାତ ସାମ୍ବାଦିକ, ସ୍ନାୟୁ ବିବିଧତା ପ୍ରବକ୍ତା ଏବଂ ଲେଖିକା ମୁଗ୍ଧା କାଲରାଙ୍କ ପ୍ରେରଣାଦାୟକ ଅଭିଭାଷଣ ସହିତ ଏକ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ମୁଗ୍ଧା କାଲରା କହିଲେ, ମୁଁ ଦେଶର ଅନେକ କ୍ୟାମ୍ପସକୁ ଯାଇଛି, କିନ୍ତୁ ଏହି କ୍ୟାମ୍ପସକୁ ଆସି ମୁଁ ଗର୍ବିତ । ସେ ସ୍କୁଲର ଭିତ୍ତିଭୂମି ଓ ଛାତ୍ର-ଅନୁକୂଳ ସୁବିଧାଗୁଡ଼ିକୁ ପ୍ରଶଂସା କରି କହିଥିଲେ, କିଟ୍ ଏଭଳି ପରିବେଶ ସୃଷ୍ଟି କରିଛି ଯେଉଁଥି ପାଇଁ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱତନ୍ତ୍ର ପିଲାଙ୍କ ସହ ଅନ୍ୟ ସାଧାରଣ ଛାତ୍ରମାନେ ଏକାଠି ପାଠ ପଢିପାରୁଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ସହାନୁଭୂତି ଏବଂ ସାମାଜିକ ସଚେତନତା ସୃଷ୍ଟି କରୁଥିବା ଏପରି ଅନ୍ତର୍ଭୁକ୍ତିମୂଳକ ଅଭ୍ୟାସଗୁଡ଼ିକୁ ପ୍ରଶଂସା ଏବଂ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନେ ନିଜକୁ ଫିଟ୍ ରଖିବା ସହ ସର୍ବଦା ପରିବାର ଏବଂ ବନ୍ଧୁମାନଙ୍କ ସହିତ ରହିବା, ସନ୍ତୁଳିତ ଜୀବନ ଧାରଣ ଏବଂ ମନଯୋଗ ଦେଇ ଉତ୍କର୍ଷତା ପ୍ରତିପାଦିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ବାର୍ତ୍ତା ଜରିଆରେ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଅନ୍ୟମାନଙ୍କଠାରୁ ନିଆରା ହେବା ପାଇଁ କେବେ ବି ଭୟ କରନାହିଁ । ତୁମମାନଙ୍କ ଚିନ୍ତାଧାରା ଅଲଗା ଜଣାପଡୁଥିଲେ ମଧ୍ୟ ଏଥିପାଇଁ କେବେ ବି ଭୟ କରନାହିଁ । କାରଣ ଏକ ଅଲଗା ଚିନ୍ତାଧାରା ଅନେକ ସମୟରେ ବିଶ୍ୱକୁ ପରିବର୍ତ୍ତନ କରିଥାଏ । ସର୍ବଦା ଉତ୍ତମ ଓ ଗଭୀର ଚିନ୍ତନ ତଥା ଦୃଢ଼ତାର ସହ ଆଗେଇ ଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲ୍ ଅଧକ୍ଷ ଡ ସଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ ଚିନ୍ତାଧାରା ବୃଦ୍ଧି ସହ ଶିକ୍ଷାରେ କିଭଳି ଅଧିକ ଭଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ ।

AFFIDAVIT

By virtue of an affidavit sworn before The Executive Magistrate, Banpur, dated 17.06.2025. I, Sritam Nayak, S/o-Subal Nayak, At-Birapatana, Po-Dibyasinghpur, Ps-Balugaon, Dist-Khordha, Odisha, Pin-752031 declare that I have changed my name from Sitam Nayak to Sritam Nayak. Henceforth I shall be known as Sritam Nayak for all purposes.

Sd/-SRITAM NAYAK

AFFIDAVIT

By virtue of an affidavit sworn before The Notary Public, Paradip on 01.07.2025, I, Smt. Renoo Devi W/o-Amit Kumar, At-Thunhi, Po-Chandwak, Ps-Chandwak, Dist-Jaunpur, Uttar Pradesh-222129 declare that I have changed my name from Renu Devi to Renoo Devi. Renoo Devi & Renu Devi M/o-Deep Kumar are one & the same person. Henceforth I shall be known as Renoo Devi for all purposes.

Sd/-RENOO DEVI

# ଦଳିତ ଓ ଆଦିବାସୀଙ୍କ ଉପରେ ଆକ୍ରମଣ ବିରୁଦ୍ଧରେ ବିଶାଳ ଦଳିତ ସମାବେଶ

ବ୍ରହ୍ମପୁର, ୨।୭(ନିପ୍ର): ଧରାକୋଟରେ ତଥାକଥିତ ଗୋ ରକ୍ଷକମାନଙ୍କ ଦ୍ୱାରା ଦଳିତମାନଙ୍କ ଉପରେ ବର୍ବର ଅତ୍ୟାଚାର ପରିପ୍ରେକ୍ଷୀରେ ଆଜି ବ୍ରହ୍ମପୁର ଠାରେ ଦଳିତମାନଙ୍କ ଏକ ବିଶାଳ ଗଣ ଧାରଣା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ଗଣଧାରଣାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଦଳିତ ସଂଗଠନ, ଓଡ଼ିଶା ଦଳିତ ମହାସଭାର ସମର୍ଥକମାନଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନେତୃବୃନ୍ଦ ମଧ ଯୋଗ ଦେଇଥିଲେ । ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଡବଲ ଇଞ୍ଜିନ ସରକାରକୁ ଦଳିତ, ଆଦିବାସୀ ଓ ମହିଳା ବିରୋଧି ବୋଲି କହି ସମାଲୋଚନା କରିଥିଲେ । ଗତ ଏକ ବର୍ଷର ଶାସନ କାଳରେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡି ପଡ଼ିଥିବା ବେଳେ ଦଳିତ, ଆଦିବାସୀ ଓ ମହିଳାଙ୍କ ଉପରେ ହିଂସାର ଘଟଣାରେ ଭୟଙ୍କର ବୃଦ୍ଧି ଘଟିଛି ବୋଲି କହିଥିଲେ । ଧରାକୋଟ ଘଟଣାର ଉଲ୍ଲେଖ କରି ସେଠାରେ ସରକାରୀ ଦଳର ବିଚାର ସହ ଏକତା ରଖୁଥିବା




ଆର ଏସ ଏସ, ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ସାମ୍ପ୍ରଦାୟିକ ଓ ଜାତିବାଦୀ ବିଚାରର ପରିପ୍ରକାଶ ହୋଇଛି ଏବଂ ସେମାନେ ଦଳିତମାନଙ୍କୁ କେଉଁଭଳି ବ୍ୟବହାର କରିପାରନ୍ତି, ତାହା ପ୍ରମାଣିତ ହୋଇଛି ବୋଲି କହିଥିଲେ । ଗୋ ସୁରକ୍ଷା ନାଁରେ ବେଆଇନ ଭାବେ ରାସ୍ତାରେ ଦଳିତ, ଚାଷୀ ଓ ସାଧାରଣ ଲୋକଙ୍କୁ ଆତଙ୍କିତ, ନିର୍ଯାତିତ କରୁଥିବା ସାମ୍ପ୍ରଦାୟିକ ସଂଗଠନଗୁଡ଼ିକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ । ଏକ ପ୍ରତନିଧି ଦଳ ଆରଡିସିଙ୍କ ସଚିବଙ୍କୁ ଭେଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଦାବି ଗୁଡ଼ିକ ମଧ୍ୟରେ ଧରାକୋଟ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର । ଦୁଇ ପିଡୀତ ବ୍ୟକ୍ତିଙ୍କୁ ସର୍ବନିମ୍ନ ଦଶ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କର । ବଜରଙ୍ଗ ଦଳ ଓ ଅନ୍ୟ ଅସାମାଜିକ ଲୋକଙ୍କ ନେତୃତ୍ୱରେ ଗୋ ସୁରକ୍ଷା ନାଁରେ ଚାଲିଥିବା ଆତଙ୍କରାଜ ଓ ବେଆଇନ ଅର୍ଥ ଆଦାୟ ବନ୍ଦ କର । ଜାତିଗତ ହିଂସା ଓ ସାମାଜିକ ବାସନ୍ଦ ଘଟଣାରେ ସମ୍ବେଦନଶୀଳ ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଅ । ରାଜ୍ୟରେ ଭୂମିହୀନ ଦଳିତଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରଙ୍କ ପକ୍ଷରୁ ବାସଯୋଗ୍ୟ ଓ ଚାଷଯୋଗ୍ୟ ଜମି ବଣ୍ଟନ କରାଯାଉ ଆଦି ରହିଥିଲା ।

Can Fin Homes Ltd
(Sponsor: CANARA BANK)
HOME LOANS • DEPOSITS
Translating Dreams into Reality

କାନ୍‌ଫିନ୍ ହୋମ୍‌ସ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ହିଲପାଟଣା, ନେହୁରୁ ପାର୍କ ନିକଟ, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୫,
ଫୋନ୍: ୦୬୮୦-୨୨୨୧୮୮, ମୋ.: ୭୬୨୫୦୭୯୨୩୮
Email: berhampur@canfinhomes.com, CIN: L85110KA1987PLC008699

ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ନଂ. ୫୪)
ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ପ୍ରାପ୍ତେଷୁ,
ଁ ସାଇନାଜ ବେଗମ(ଋଣଗ୍ରହୀତା)ଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀ, ସ୍ୱାମୀ: ଁ ମହମ୍ମଦ ଆୟୁବ
ମହମ୍ମଦ ଆକ୍ରମ(ସହ-ଋଣଗ୍ରହୀତା), ସ୍ୱାମୀ: ଁ ମହମ୍ମଦ ଆୟୁବ (ଁ ସାଇନାଜ ବେଗମଙ୍କ ପ୍ରତିନିଧି)
ବାସସ୍ଥାନ ସା: ଭୀମରାଓ ପେଟା ଷ୍ଟ୍ରିଟ୍, ଭାପୁର ବଜାର, ପୋ: ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୧

ଆପଣମାନଙ୍କ ସହିତ ଁ ସାଇନାଜ ବେଗମ ଆମ୍ଭ ଶାଖାରୁ ଆପଣମାନଙ୍କ ମାଲିକାନାରେ ଥିବା ନିମ୍ନଲିଖିତ ସମ୍ପତ୍ତି ବନ୍ଧକ ରଖି ନିର୍ମାଣ/କ୍ରୟ/ ନବୀକରଣ ଏବଂ ମରାମତି/ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଋଣ ନେଇଥିଲେ । ଆପଣମାନଙ୍କୁ ତା. ୨୧.୦୬.୨୦୨୫ ରିଖ ସୁଦ୍ଧା ବକେୟା ଟ.୧୯,୩୫,୬୦୨/- ସହିତ ଚୁକ୍ତିହାରରେ ଭବିଷ୍ୟତ ସୁଧ ସହିତ ଆନୁଷଙ୍ଗିକ ଦେୟ କାନ୍ ଫିନ୍ ହୋମ୍‌ସ ଲିମିଟେଡ୍‌କୁ

ବନ୍ଧକପ୍ରାପ୍ତ ସମ୍ପତ୍ତିର ସବିଶେଷ ବିବରଣୀ
ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ନୂତନ ପ୍ଲଟ୍ ନଂ.: ୪୪/୧୯୧୯ (ପୁରୁଣା ପ୍ଲଟ୍ ନଂ.: ୪୪), ଖାତା ନଂ.: ୨୫୭/୪୩୪ (ପୁରୁଣା ଖାତା ନଂ.: ୮୭୮), ମୌଜା: ଭାପୁର, ତହସିଲ: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର-୧, ଥାନା: ବ୍ରହ୍ମପୁର ଟାଉନ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍ - ୭୬୦୦୦୧, ପରିମିତ କ୍ଷେତ୍ର: ୦୭.୦୩.୨୦୧୪ରିଖ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୬୧୧୪୦୧୩୦୬ ଅନୁଯାୟୀ କ୍ଷେତ୍ର: ଏକର୦.୦୦୬ ୧/୧୦ ଡ୍ରିସିମିଲି ଏବଂ ୨୦.୧୧.୨୦୧୩ରିଖ ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୬୧୧୩୦୬୫୯୫ ଅନୁଯାୟୀ ଏକର୦.୦୦୩.୬ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୧୦ ଡିସିମିଲି । ୨୦୧୩ର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୬୧୧୩୦୬୫୯୫ ଅନୁଯାୟୀ ଜମିର ଚାରିପାର୍ଶ୍ୱରେ ପୂର୍ବ: କୁବେଦା ବିବିଙ୍କ ଜମି, ପଶ୍ଚିମ: ଅବଦୁଲ ସଲାମଙ୍କ ଗୃହ, ଉତ୍ତର: ଲେନ୍, ଦକ୍ଷିଣ: ବୁରାହଁ ସରିଫ ଏବଂ ଅନ୍ୟମାନଙ୍କ ଗୃହ, ୨୦୧୪ର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୬୧୧୪୦୧୩୦୬ ଅନୁଯାୟୀ ଜମିର ଚାରିପାର୍ଶ୍ୱରେ ପୂର୍ବ: କୁବେଦା ବିବିଙ୍କ ଘର, ପଶ୍ଚିମ: ଅନୱାର ସରିଫ ଏବଂ ଅନ୍ୟମାନଙ୍କ ଗୃହ, ଉତ୍ତର: କୁବେଦା ବିବିଙ୍କ ଘର, ଦକ୍ଷିଣ: ରାସ୍ତା

ଆପଣମାନଙ୍କୁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ପଠାଯାଇଥିଲା । କିନ୍ତୁ ତାହା ପ୍ରଦାନ କରାଯାଇ ନପାରି ବିନା ସେବାରେ/ମୃତକ ହେତୁ ଫେରାଇ ଦିଆଯାଇଥିଲା । ତେଣୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟ ଅନୁସାରେ ଋଣଗ୍ରହୀତା(ମାନ)ଙ୍କ ଶେଷ ଜ୍ଞାତ ଠିକଣାର ଗୃହରେ ଉକ୍ତ ନୋଟିସ୍‌କୁ ସଂଲଗ୍ନ କରିଛନ୍ତି । ତେଣୁ ଏହି ଖବର କାଗଜ ପ୍ରକାଶନ । ଋଣ ଅନୁମୋଦନର ସର୍ତ୍ତାବଳୀ ପାଳନ କରିବାରେ ଆପଣ ବିଫଳ ହୋଇଥିବାରୁ ଏନଏଚ୍‌ବିର ମାର୍ଗଦର୍ଶିକା ଅନୁଯାୟୀ ତା.୩୧.୦୭.୨୦୨୧ରିଖ ଠାରୁ ଆପଣଙ୍କ ଆକାଉଣ୍ଟ ଅଣ କାର୍ଯ୍ୟକାରୀ ସମ୍ପତ୍ତି ଶ୍ରେଣୀଭୁକ୍ତ ହୋଇଛି । ସୁତରାଂ ଆପଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଆପଣ ଏହି ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ଉପରଦର୍ଶିତ ବକେୟା ରାଶି ସହିତ ତା.୨୧.୦୬.୨୦୨୫ ରିଖ ଠାରୁ ଚୁକ୍ତିହାରରେ ସେବାବଦ ସୁଧ ଏବଂ ଆନୁଷଙ୍ଗିକ ଦେୟ ପଇଠ କରନ୍ତୁ, ଅନ୍ୟଥା ନିମ୍ନ ସ୍ୱାକ୍ଷରକାରୀ ସରଫେଶୀ ଆକ୍ଟ ଅନୁସାରେ ଉପରୋକ୍ତ ବନ୍ଧକ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ । ଏତଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ ।

ତାରିଖ: ୦୨.୦୭.୨୦୨୫
ସ୍ଥାନ: ବ୍ରହ୍ମପୁର

କ୍ଷମତାପ୍ରାପ୍ତ ଅଧିକାରୀ
କାନ୍‌ଫିନ୍ ହୋମ୍‌ସ ଲିମିଟେଡ୍

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ